

ଆଇସିସି ଟି-୨୦ ର‌୍ୟାଙ୍କିଂ ଶୀର୍ଷରେ ଭାରତ


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୫୧ ● ୧ ଜୁଲାଇ ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-151 ● 1st July 2026, Wednesday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ସୁପ୍ରିମକୋର୍ଟଙ୍କୁ ଜଣାଇଲେ କେନ୍ଦ୍ର ସରକାର

# ପେଟ୍ରୋଲରେ ଇଥାନଲ ମିଶ୍ରଣ ଏକ ପରୀକ୍ଷଣ, ଆସନ୍ତା ବର୍ଷ ଫଳାଫଳ ସ୍ପଷ୍ଟ ହେବ

**ନୂଆଦିଲ୍ଲୀ, ୩୦ ।୬**

କେନ୍ଦ୍ର ସରକାରଙ୍କର ଇଥାନଲ ମିଶ୍ରଣ ପ୍ରୋଗ୍ରାମ ସୁପ୍ରିମକୋର୍ଟରେ ପହଞ୍ଚିବା ପରେ ସରକାର ମଙ୍ଗଳବାର କୋର୍ଟରେ ଏହାର ଜବାବ ରଖିଛନ୍ତି । ଇ-୨୦(ପେଟ୍ରୋଲରେ ୨୦% ଇଥାନଲ) ଏକ ପରୀକ୍ଷଣ, ଆସନ୍ତା ବର୍ଷ ଏହାର ଫଳାଫଳ ସ୍ପଷ୍ଟ ହେବ ବୋଲି ସରକାର କୋର୍ଟଙ୍କୁ ଜଣାଇଛନ୍ତି ।




ଇଥାନଲ ମିଶ୍ରଣ ବଢ଼ାଇବା ନେଇ ସାରା ଦେଶରେ ଚିନ୍ତା ପ୍ରକାଶ ପାଇଛି । ଏହା ଗାଡ଼ିର ମାଇଲେଜ କମାଇବା ସହ ଗାଡ଼ି ଖରାପ କରୁଛି ବୋଲି ବିଭିନ୍ନ ଆଡ଼ୁ ଅଭିଯୋଗ ଆସିବା ପରେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି । ତେବେ ସରକାର ଇ-୨୦ ମେକାନିକାଲ ଡ୍ୟାମେଜ ନେଇ ପ୍ରମାଣ ସହ ତଥ୍ୟ କୋର୍ଟରେ ଦର୍ଶାଇଛନ୍ତି । ଏଭଳି କୌଣସି ସମସ୍ୟା ନାହିଁ ବୋଲି ସରକାର କହିଥିବା ବେଳେ ବରଂ ଏହା ଦେଶରେ ଶକ୍ତି ସୁରକ୍ଷା, କୃଷି ସହଯୋଗ ଓ ପରିବେଶ ଅନୁକୂଳ ବୋଲି ଯୁକ୍ତି ଦର୍ଶାଇଛନ୍ତି ।

ଏନେଇ ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ (ବିପିସିଏଲ୍) ସୁପ୍ରିମକୋର୍ଟରେ ଏକ ମାମଲା ଦାୟର କରିଥିଲା । ୨୦୨୫-୨୬ ଯୋଗାଣ ବର୍ଷ ପାଇଁ ଇଥାନଲ୍ ଆବର୍ଣ୍ଟନ ସମ୍ପର୍କରେ କର୍ଣ୍ଣାଟକ ହାଇକୋର୍ଟର ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ରାଷ୍ଟ୍ରାୟତ୍ତ କମ୍ପାନୀ ଏହି ଆବେଦନ କରିଥିଲା । ଜୁନ୍ ୨୩ ତାରିଖରେ ହାଇକୋର୍ଟ ତାଙ୍କ ଆଦେଶରେ ତୈଳ ବିପଣନ କମ୍ପାନୀ ବିପିସିଏଲ୍, ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ ଏବଂ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍‌କୁ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ ହେବା ପୂର୍ବରୁ ଏକ ଡିଷ୍ଟିଲେରୀର ଇଥାନଲ୍ ଆବର୍ଣ୍ଟନରେ ବୃଦ୍ଧି ପାଇଁ କରାଯାଇଥିବା ଅନୁରୋଧ ଉପରେ ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ବିପିସିଏଲ୍ କୋର୍ଟଙ୍କୁ କହିଥିଲା ଯେ, ଏହି ନିର୍ଦ୍ଦେଶ ପେଟ୍ରୋଲରେ ୨୦% ଇଥାନଲ ମିଶ୍ରଣ ହାସଲ କରିବା ପାଇଁ ସରକାରଙ୍କ ଲକ୍ଷ୍ୟ ଉପରେ ବ୍ୟାପକ ପ୍ରଭାବ ପକାଇପାରେ । ସେପଟେ କେନ୍ଦ୍ର ସରକାରଙ୍କ ପକ୍ଷରୁ ହାଜର ହୋଇ ଆଟର୍ଣ୍ଣି ଜେନେରାଲ୍ ଆର. ଭେଙ୍କଟରମଣୀ କହିଥିଲେ ଯେ ଇଥାନଲ ଆବର୍ଣ୍ଟନ ପ୍ରକ୍ରିୟା ଅକ୍ଟୋବର ୨୦୨୫ରେ ସମ୍ପୂର୍ଣ୍ଣ ହୋଇସାରିଛି ଏବଂ ଯୋଗାଣ ଚୁକ୍ତିନାମା ଚୂଡ଼ାନ୍ତ ହୋଇସାରିଛି । ତେବେ ବ୍ୟକ୍ତିଗତ ଆବର୍ଣ୍ଟନକୁ ପୁନଃ ଖୋଲିବା ଦ୍ୱାରା ଜାତୀୟ କାର୍ଯ୍ୟକ୍ରମ ବ୍ୟାହତ ହୋଇପାରେ ବୋଲି ଚେତାବନୀ ଦେଇଥିଲେ ।

ଭେଙ୍କଟରମଣୀ ଆହୁରି କହିଥିଲେ, "ଇଥାନଲ ଯୋଗାଣ ଚୁକ୍ତିନାମା ଅକ୍ଟୋବର ୨୦୨୫ରେ ଚୂଡ଼ାନ୍ତ ହୋଇସାରିଛି । ଏଭଳି ଆବେଦନ ଅନେକ ହାଇକୋର୍ଟରେ ବିଚାରାଧୀନ ରହିଛି । *(ପୃଷ୍ଠା ୭ରେ)*

# ସଡକ ସୁରକ୍ଷା ହେଉଛି ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା

**ନୂଆଦିଲ୍ଲୀ, ୩୦ ।୬**

ସଡକ ସୁରକ୍ଷା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ଏବଂ ଏଥିପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି ବୋଲି କେନ୍ଦ୍ର ସଡକ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି ଯେ ସଡ଼କ ଦୁର୍ଘଟଣାରେ ଭାରତରେ ସର୍ବାଧିକ ମୃତ୍ୟୁ ଘଟିଛି, ଯାହା ଅତ୍ୟନ୍ତ ଚିନ୍ତାର ବିଷୟ ।



ସେ କହିଛନ୍ତି ଯେ ବର୍ତ୍ତମାନ ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନାକୁ ନେଇଯାଉଥିବା ବ୍ୟକ୍ତିଙ୍କୁ ପୋଲିସ କିମ୍ବା ଆଇନଗତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ସାହାଯ୍ୟ କରୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଆର୍ଥିକ ସହାୟତା ଦିଆଯିବ । କୌଣସି ଡାକ୍ତରଖାନାରେ ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ସରକାର ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ବହନ କରିବେ ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଦେଶରେ ପ୍ରତିବର୍ଷ ହାରାହାରି ପାଞ୍ଚ ଲକ୍ଷ ସଡ଼କ ଦୁର୍ଘଟଣା ଘଟିଥାଏ ଏବଂ ପ୍ରାୟ ୧.୮୦ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥାଏ । ଏହି ଦୁର୍ଘଟଣା ଦେଶର ଜିଡିପିର ପ୍ରାୟ ତିନି ପ୍ରତିଶତ କ୍ଷତି ଘଟାଇଥାଏ । ଏହି ଦୁର୍ଘଟଣାରେ ପୀଡିତଙ୍କ ମଧ୍ୟରୁ ୬୬ ପ୍ରତିଶତ ୧୮ ରୁ ୩୪ ବର୍ଷ ବୟସ ବର୍ଗରେ ଅଛନ୍ତି । ସଡକ ଦୁର୍ଘଟଣା କେବଳ ଜୀବନ ନେଇନଥାଏ ବରଂ ଅନେକ ଲୋକଙ୍କୁ ସ୍ଥାୟୀ ଭାବରେ ଅକ୍ଷମ କରିଥାଏ ।

ଗଡକରୀ କହିଛନ୍ତି ଯେ ସଡକ ନିରାପତ୍ତାର ଚାରୋଟି ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ସଡକ ଇଞ୍ଜିନିୟରିଂ, ଯାନ ଇଞ୍ଜିନିୟରିଂ, କାର୍ଯ୍ୟକାରୀ ଏବଂ ଜନସଚେତନତା । ଏମାନଙ୍କ *(ପୃଷ୍ଠା ୭ରେ)*

# ଆଇଏଏସ୍ ସୁରେଶ ବଶିଷ୍ଠଙ୍କୁ ୩ ବିଭାଗର ଦାୟିତ୍ୱ
# ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ଗଲେ ୬ ଓଏସଏସ୍ ଅଧିକାରୀ

**ଭୁବନେଶ୍ୱର, ୩୦ ।୬**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ମଙ୍ଗଳବାର ପ୍ରଶାସନିକ ସ୍ତରରେ ଅଦଳବଦଳ କରିଛନ୍ତି ।୧୯୯୮ ବ୍ୟାଚ୍ ଆଇଏଏସ୍ ଅଧିକାରୀ ସୁରେଶ ବଶିଷ୍ଠ ୩ଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱରେ ରହିବେ । ଏହା ସହିତ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଥିବା ଓଡ଼ିଶା ସଚିବାଳୟ ସେବା କ୍ୟାଡ଼ର(ଓଏସଏସ)ର ୬ଜଣ ଅଫିସରଙ୍କୁ ତୁରନ୍ତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମଓ)ରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୧୯୯୩ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାର ମଙ୍ଗଳବାର ଅବସର ନେଉଥିବାରୁ ତାଙ୍କ ସ୍ଥାନରେ ଆଇଏଏସ୍ ସୁରେଶ ବଶିଷ୍ଠଙ୍କୁ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ଥିବା ଶ୍ରୀ ବଶିଷ୍ଠ ମଙ୍ଗଳବାର ଅପରାହ୍ନରୁ ଅତିରିକ୍ତ ଭାବେ ସଂସଦୀୟ ବ୍ୟାପାର ବିଭାଗ ଓ ସାଧାରଣ ପ୍ରଶାସନ ବିଭାଗ ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱ ତୁଲାଇବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

ସେହିପରି ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ରାଜ୍ୟର ୬ଜଣ ଓଏସ୍ଏସ କ୍ୟାଡ଼ର ଅଫିସରଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବଦଳି *(ପୃଷ୍ଠା ୭ରେ)*

## ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

**ଭୁବନେଶ୍ୱର, ୩୦ ।୬**
**ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ତହସିଲର ଚନ୍ଦନ ଦାସ (ପିତା – ଅଭି ଦାସ) ଙ୍କର ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ *(ପୃଷ୍ଠା ୭ରେ)*

# ସ୍କୁଲ ବହିରେ ତ୍ରୁଟିକୁ ନେଇ ସରକାରଙ୍କୁ ବିରୋଧୀ ଦଳ ନେତାଙ୍କ ସମାଲୋଚନା

**ଭୁବନେଶ୍ୱର, ୩୦ ।୬**
**ନ୍ୟୁଜ୍ ବ୍ୟୁରୋ**

ସ୍କୁଲ ବହିରେ ତ୍ରୁଟିକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି । ତ୍ରୁଟିପୂର୍ଣ୍ଣ ବହି ଯୋଗୁଁ ପିଲାମାନଙ୍କର ବିଶ୍ୱାସ କ୍ଷୁର୍ଣ୍ଣ ହୋଇଛି, ଏହା ଆମ ପିଲାମାନଙ୍କ ଭବିଷ୍ୟତର ମୂଳଦୁଆ ଉପରେ ଆଘାତ ଦେଇଛି । ଓଡ଼ିଆ ପିଲାମାନଙ୍କର ଏକ ସମ୍ପୂର୍ଣ୍ଣ ପିଢ଼ିର ବିଶ୍ୱାସକୁ ଭାଙ୍ଗିଦେବାକୁ ହୋଇଥିବା ଉଦ୍ୟମ ପାଇଁ ଉତ୍ତରଦାୟୀ କିଏ ହେବ ବୋଲି ନବୀନ ପ୍ରଶ୍ନ କରିଛନ୍ତି ।

ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ନବୀନ ଲେଖିଛନ୍ତି ବିଦ୍ୟାଳୟର ପୁସ୍ତକ କେବଳ ବହି ନୁହେଁ, *(ପୃଷ୍ଠା ୭ରେ)*

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୨୦୪ (+୧୧)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩, ୦୨୦ (+୧୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୬୫୩ (+୮)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୩୫ (-୫)

# ବଙ୍ଗୋପସାଗରରେ ନୂଆ ସାଇକ୍ଲୋନିକ ସିଷ୍ଟମ୍ ସକ୍ରିୟ : ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୩୦ ।୬ : ନ୍ୟୁଜ୍ ବ୍ୟୁରୋ**

ଜୁନ୍ ମାସରେ ଓଡ଼ିଶାରେ ସ୍ୱାଭାବିକଠାରୁ ପ୍ରାୟ ୪୭ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଥିବା ବେଳେ, ଜୁଲାଇ ପ୍ରାରମ୍ଭରୁ ରାଜ୍ୟ ପାଇଁ ଏକ ବଡ଼ ଆଶ୍ୱାସନାଜନକ ସୂଚନା ମିଳିଛି । ବଙ୍ଗୋପସାଗରରେ ଏକ ନୂଆ ସାଇକ୍ଲୋନିକ ସିଷ୍ଟମ୍ ସକ୍ରିୟ ହେଉଥିବାରୁ ଆଗାମୀ ଦିନରେ ରାଜ୍ୟରେ ପ୍ରବଳ ବର୍ଷାର ପୂର୍ବାନୁମାନ କରାଯାଇଛି । ଆସନ୍ତା ୭ ଦିନ ମଧ୍ୟରେ ଓଡ଼ିଶାରେ ଭଲ ବର୍ଷା ହେବ ବୋଲି ସୂଚନା ଦେଇଛନ୍ତି ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର ।

ଉତ୍ତର ବଙ୍ଗୋପସାଗର ଏବଂ ସଂଲଗ୍ନ ବାଂଲାଦେଶ ଉପରେ ଏକ ଘୂର୍ଣ୍ଣିବଳୟ କେନ୍ଦ୍ରୀଭୂତ ରହିଛି, ଏହା ଫଳରେ ଆସନ୍ତା ଜୁଲାଇ ୩ ତାରିଖ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗର (ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ପାଖାପାଖି ଅଞ୍ଚଳ)ରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ । ଏହି ଲଘୁଚାପଟି ଧୀରେ ଧୀରେ ପଶ୍ଚିମ ଏବଂ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବ । ବର୍ତ୍ତମାନ ଏହା କୌଣସି ଅବପାତ ବା ଗଭୀର ଅବପାତର ରୂପ ନେବାର ସମ୍ଭାବନା ନାହିଁ, ବରଂ ଏକ ସାଧାରଣ ଲଘୁଚାପ ହିସାବରେ ଗତି କରିବ । ଯଦି ଅଧିକ ଧୀର ଗତି କରିବ ବର୍ଷା ଅଧିକ ହେବ ।

ବିଶେଷ କରି ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବା *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ଯିଏ ଯେତେ ଆସିଲେ ଗାଦିକୁ
ସମାଧାନ ଦିଗ ହରା
ବରଷା ଅସରେ କଟକନଗର
ଡ୍ରେନ୍ ଜଳେ ହୁଏ ଭରା
ଖାଲି ମନେରଖ ଦହିବରା
ଅସଲ ବେଳକୁ ଗୋଡ ଟଣାଟଣି
ନଆସ ହାତରେ ଧରା ।









# ଏଫ୍‌ଏଟିଏଫ୍‌ର ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ




**ନୂଆଦିଲ୍ଲୀ, ୩୦ ।୬**

ଜାତିସଂଘରେ ଭାରତ କହିଛି ଯେ, ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ ଉପରେ ନଜର ରଖୁଥିବା ଆନ୍ତର୍ଜାତିକ ସଂସ୍ଥା ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସ (ଏଫ୍ଏଟିଏଫ୍)ର ବିଶ୍ୱସନୀୟତାକୁ କେତେକ ଦେଶ ପ୍ରଶ୍ନ କରିଛନ୍ତି । ଏହାର ପ୍ରକୃତ କାରଣ ହେଉଛି ଯାଞ୍ଚ ଓ ନିରୀକ୍ଷଣର ଭୟ । ଭାରତ ପରୋକ୍ଷ ଭାବେ ପାକିସ୍ତାନକୁ ଇଙ୍ଗିତ କରି କହିଛି, ଯେଉଁ ଦେଶଗୁଡ଼ିକ ନିଜ ଭୂଖଣ୍ଡ, ସଂସ୍ଥା କିମ୍ବା ଆର୍ଥିକ ବ୍ୟବସ୍ଥାକୁ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ବ୍ୟବହାର ହେବାକୁ ଦେଉଛନ୍ତି, ସେମାନେ ଅନ୍ୟ ଦେଶରେ ଅସ୍ଥିରତା ସୃଷ୍ଟି ବନ୍ଦ କରି ଆନ୍ତର୍ଜାତିକ ଦାୟିତ୍ୱ ପାଳନ କରିବା ଉଚିତ ।

ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପର୍ବତାନେନୀ ହରିଶ 'ପରିବର୍ତ୍ତିତ ବିପଦ ଓ ନୂତନ ପ୍ରଯୁକ୍ତି ପରିପ୍ରେକ୍ଷୀରେ ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣର ମୁକାବିଲା' ଶୀର୍ଷକ ଏକ କାର୍ଯ୍ୟକ୍ରମରେ ଏହି ମତ ରଖିଥିଲେ । ଭାରତ, ଫ୍ରାନ୍ସ, ଜାତିସଂଘର କାଉଣ୍ଟର *(ପୃଷ୍ଠା ୭ରେ)*





## ସଙ୍ଗଠନକୁ ନୂଆ ଉଚ୍ଚତାକୁ ନେବେ ସୁଜାତା ରାଉତ:ମେୟର ସୁବାସ ସିଂ



**କଟକ, ନ୍ୟୁଜ୍ ବ୍ୟୁରୋ**

ସୁଜାତା ରାଉତ କାର୍ତ୍ତିକେୟନ ବିଜେଡ଼ିରେ ସାମିଲ ହେବା ପରେ କଟକ ମେୟର ସୁବାସ ସିଂ ତାଙ୍କୁ ଭେଟିବା ସହ ନିଜର ପ୍ରତିକ୍ରିୟା ରଖିଛନ୍ତି। ସୁବାସ ସିଂ କହିଛନ୍ତି ଯେ, ସୁଜାତାଙ୍କ ଯୋଗଦାନ ବିଜେଡ଼ି ସଙ୍ଗଠନକୁ ଆଗକୁ ନେବାରେ ଏକ ବଡ଼ ଆସେଟ୍ ହେବେ। ସଙ୍ଗଠନକୁ ଆଉ ଏକ ନୂଆ ଅଧ୍ୟାୟକୁ ନେବା ପାଇଁ ତାଙ୍କର ସହାୟତା ଆବଶ୍ୟକ ଏବଂ ତାଙ୍କୁ ସାଙ୍ଗରେ ନେଇ ଦଳ ଆଗକୁ ବଢ଼ିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ସୁଜାତା ରାଉତ ବିଜେଡ଼ିରେ ଯୋଗ ଦେବା ପରେ ଓଡ଼ିଶା ଲୋକ ଓ ଦଳୀୟ କର୍ମୀଙ୍କ ଭିତରେ ଆତ୍ମବିଶ୍ୱାସ ବଢ଼ିଛି। ବିଶେଷ କରି ମହିଳା ସଶକ୍ତିକରଣ କ୍ଷେତ୍ରରେ ସେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ। ଓଡ଼ିଶାରେ ମହିଳା ସଶକ୍ତିକରଣର ଯେଉଁ ବଡ଼ ଭୂମିକା ଥିଲା, ସେଥିରେ ସୁଜାତାଙ୍କ ଅବଦାନ ଅତୁଳନୀୟ। ଯେଉଁ 'ମିଶନ ଶକ୍ତି'କୁ ସେ ନିଜେ ଛିଡ଼ା କରିଥିଲେ, ତାହା ଆଜି ଦୁର୍ବଳ ହୋଇପଡ଼ିଛି। ସୁଜାତାଙ୍କ ଯୋଗଦାନ ଫଳରେ ମହିଳାମାନଙ୍କ ଭିତରେ ପୁଣି ଥରେ ଆତ୍ମବିଶ୍ୱାସ ଜାଗ୍ରତ ହୋଇଛି ଏବଂ ସେମାନେ ଅଧିକ ପରିମାଣରେ ଦଳ ସହ ଯୋଡ଼ି ହେବେ। ସୁବାସ ସିଂଙ୍କ କହିବା ଅନୁଯାୟୀ, ସୁଜାତା ଓଡ଼ିଶାର ଜଣେ ଝିଅ ଏବଂ ସେ ସଭାପତି ନବୀନ ପଟ୍ଟନାୟକଙ୍କ ଆସ୍ଥା ଜିତି କାମ କରିଛନ୍ତି। ପ୍ରଶାସନିକ ସ୍ତରରେ ସେ ଯେଭଳି ନିଷ୍ଠାର ସହ କାର୍ଯ୍ୟ କରୁଥିଲେ, ରାଜନୈତିକ କ୍ଷେତ୍ରରେ ମଧ୍ୟ ସେହିପରି ନିଷ୍ଠା ଦେଖାଇବାକୁ ସେ ପ୍ରତିଶ୍ରୁତିବଦ୍ଧ। ତାଙ୍କର ଏହି ନୂଆ ଇନିଂସ୍ ଫଳରେ ସଙ୍ଗଠନ ଅଧିକ ମଜଭୁତ ହେବାର ସୁଯୋଗ ରହିଛି ଏବଂ ଜନସାଧାରଣ ମଧ୍ୟ ତାଙ୍କୁ ଉଚିତ୍ ସମ୍ମାନ ଦେବେ ବୋଲି ମେୟର ଆଶା ପ୍ରକଟ କରିଛନ୍ତି।

# କପିଳ ନାଏକ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗିରଫ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାର ବହୁଚର୍ଚ୍ଚିତ କପିଳ ନାଏକ ହତ୍ୟାକାଣ୍ଡର ମାତ୍ର ୨୪ ଘଣ୍ଟା ମଧ୍ୟରେ ପୋଲିସ ସଫଳତାର ସହ ଘଟଣାର ପର୍ଦ୍ଦାଫାଶ କରି ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି । ରବିବାର ସନ୍ଧ୍ୟାରେ ମନମୁଣ୍ଡା ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବୌଦ୍ଧ ଏସ୍‌ପି କୁଲଦୀପ ମିନା ଏହି ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ହେଲେ ଶୁଆପାବୁଲି ଗ୍ରାମର ବାଲ୍ମୀକି ପୋଢ଼ । ଗତ ଶୁକ୍ରବାର ରାତିରେ ମନମୁଣ୍ଡା ଥାନା ଅନ୍ତର୍ଗତ ମହୁଲି–ଡିଗି ରାସ୍ତାର ମୁହାଣୀ ନିକଟରେ ଥିବା ଏକ ଫାଷ୍ଟଫୁଡ୍ ସେଣ୍ଟର ପାଖରେ ରକ୍ଷିବନ୍ଧ ଗ୍ରାମର କପିଳ ନାଏକଙ୍କୁ ଅତି ନୃଶଂସ ଭାବେ ହତ୍ୟା କରାଯାଇଥିଲା । ପରଦିନ



ସକାଳେ ସ୍ଥାନୀୟ ଲୋକେ ମୃତଦେହ ଦେଖି ପୋଲିସକୁ ସୂଚନା ଦେଇଥିଲେ । ତଦନ୍ତରୁ ଜଣାପଡ଼ିଛି ଯେ, କପିଳ ପେଶାରେ ଜଣେ ଟ୍ରାକ୍ଟର ଚାଳକ ଥିଲେ। ସେ ନିଜର ବକେୟା ପାଉଣା ଟଙ୍କା ନେବାକୁ ଯାଇ ଫେରୁଥିବା ବେଳେ ଫାଷ୍ଟଫୁଡ୍ ସେଣ୍ଟର ନିକଟରେ କିଛି ପରିଚିତଙ୍କ ସହ ବଚସା ହୋଇଥିଲା । ପୂର୍ବରୁ ଅଭିଯୁକ୍ତଙ୍କ ପରିବାରର ଜଣେ ସଦସ୍ୟଙ୍କ ସହ କପିଳଙ୍କ ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ବିବାଦ ରହିଥିବା ପୋଲିସ କହିଛି । ସେହି ଆକ୍ରୋଶରୁ ଘଟଣା ରାତିରେ ବଚସା ଉଗ୍ର ରୂପ ନେଇଥିଲା । ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରଥମେ କପିଳଙ୍କୁ ଏକ କାଠ ଫାଳିଆରେ ଆକ୍ରମଣ କରିଥିଲେ। ପରେ ବିଅର ବୋତଲରେ ଗଳା କାଟି ଏବଂ ପଥରରେ ମୁଣ୍ଡ ଛେଚି ଅତି ନୃଶଂସ ଭାବେ ହତ୍ୟା କରିଥିବା ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଘଟଣା ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଓ ମନମୁଣ୍ଡା ଆଇଆଇସିଙ୍କ ନେତୃତ୍ୱରେ ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା । ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରୁ ବିଭିନ୍ନ ପ୍ରମାଣ ସଂଗ୍ରହ କରିଥିଲା ।

## ସାଇବର ପୁଲିସର ବଡ଼ ସଫଳତା

# ଅନ୍‌ଲାଇନ୍ ଠକେଇରେ ହରାଇଥିବା ୭.୦୨ ଲକ୍ଷ ଟଙ୍କା ଫେରସ୍ତ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ସାଇବର କ୍ରାଇମ୍ ଓ ଆର୍ଥିକ ଅପରାଧ ଥାନା ଏକ ଅନ୍‌ଲାଇନ୍ ଠକେଇ ମାମଲାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବେଲପାହାଡ଼ ସ୍ଥିତ ଏକ କମ୍ପାନୀକୁ ଟେକ୍ନିକାଲ୍ ଗ୍ରେଡ୍ ୟୁରିଆ ଯୋଗାଣ ନାଁରେ ୭ ଲକ୍ଷ ୨ ହଜାର ଟଙ୍କା ଠକେଇ କରାଯାଇଥିଲା। ପୋଲିସର ତ୍ୱରିତ ପଦକ୍ଷେପ ଫଳରେ ସମ୍ପୂର୍ଣ୍ଣ ରାଶି ଫେରସ୍ତ କରାଯାଇଛି। ଅଭିଯୋଗ ଅନୁଯାୟୀ, ପୀଡ଼ିତ କମ୍ପାନୀ ଟ୍ରେଡ୍ ଇଣ୍ଡିଆ ପୋର୍ଟାଲ୍‌ରେ ପ୍ରକାଶିତ ଏକ ବିଜ୍ଞାପନ ମାଧ୍ୟମରେ। ଶ୍ରୀ ରାଧେ କେମିକାଲ୍‌ର ମାଲିକଙ୍କ ସହ ଯୋଗାଯୋଗ କରିଥିଲେ। ଅଭିଯୁକ୍ତ ଜିଏସ୍ଟିଆଇଏନ୍ ଏବଂ ନକଲି ଇ-ୱେ ବିଲ୍ ଦେଖାଇ ବିଶ୍ୱାସ ଜିତିବା ପରେ ୭,୦୨,୦୦୦ ଟଙ୍କା ନେଇଥିଲେ। କିନ୍ତୁ ପରେ ସାମଗ୍ରୀ ଯୋଗାଣ କରିନଥିଲେ କିମ୍ବା ଟଙ୍କା ମଧ୍ୟ ଫେରାଇନଥିଲେ। ୨୮ ଜୁନ୍ ୨୦୨୬ରେ ଅଭିଯୋଗ ମିଳିବା ପରେ ଝାରସୁଗୁଡ଼ା ସାଇବର ପୋଲିସ ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ୍ ମାଧ୍ୟମରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ସମ୍ପୃକ୍ତ ବ୍ୟାଙ୍କଗୁଡ଼ିକ ସହ ଦ୍ରୁତ ସମନ୍ୱୟ ଫଳରେ ଠକେଇ ହୋଇଥିବା ସମ୍ପୂର୍ଣ୍ଣ ୭,୦୨,୦୦୦ ଟଙ୍କାକୁ ହୋଲ୍ଡ କରାଯାଇ ପୀଡ଼ିତଙ୍କୁ ଶତପ୍ରତିଶତ ଫେରସ୍ତ କରାଯାଇଛି। ଏହି ମାମଲାର ଅଭିଯୋଗ ଏନ୍‌ସିଆର୍‌ପି ଏକ ନଲେଜ୍‌ମେଣ୍ଟ ନମ୍ବର୩୨୪୦୬୨୬୦୦୨୦୬୩୩ ୩୨୪୦୬୨୬୦୦୨୦୬୩୫ ଅନୁଯାୟୀ ପଞ୍ଜୀକୃତ ହୋଇଛି। ଅଭିଯୁକ୍ତଙ୍କ ପରିଚୟ ଚିହ୍ନଟ କରି ସେମାନଙ୍କ ବିରୋଧରେ ଆଇନ୍‌ଗତ ପଦକ୍ଷେପ ନେବା ପାଇଁ ତଦନ୍ତ ଜାରି ରହିଛି। ଝାରସୁଗୁଡ଼ା ପୋଲିସ ସାଧାରଣଲୋକଙ୍କୁ ଅନ୍‌ଲାଇନ୍‌ରେ କୌଣସି ସାମଗ୍ରୀ କ୍ରୟ ପୂର୍ବରୁ ବିକ୍ରେତାଙ୍କର ପରିଚୟ ଓ ବିଶ୍ୱସନୀୟତା ଯାଞ୍ଚ କରିବାକୁ ପରାମର୍ଶ ଦେଇଛି। କୌଣସି ସାଇବର ଠକେଇର ଶିକାର ହେଲେ ତୁରନ୍ତ ୧୯୩୦ ହେଲ୍ପଲାଇନ୍‌କୁ ଫୋନ୍ କରିବା କିମ୍ବା ପୋର୍ଟାଲ୍‌ରେ ଅଭିଯୋଗ ଦାଖଲ କରିବାକୁ ପୋଲିସ ଅନୁରୋଧ କରିଛି।

## ପାରମ୍ପରିକ ଲୋକ କଳାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ




**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପର୍ଏଁରୀ ଏବଂ ସଂସ୍କୃତି ମନ୍ତ୍ରାଳୟ, ଭାରତ ସରକାର, ନୂଆଦିଲ୍ଲୀ ସହଯୋଗରେ ଗଙ୍ଗାଧର ମେହେର ଉଚ୍ଚ ବିଦ୍ୟାଳୟ, ସାଗରପାଲି ଠାରେ ଗୁରୁ ଶିଷ୍ୟ ପରମ୍ପରା ରିପେର୍ଟୋରୀ ଅନୁଦାନ ଅଧିନରେ ଏକ ସାରସ୍ୱତ ସାଂସ୍କୃତିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। "ପାରମ୍ପରିକ ଲୋକକଳା:ସରମଙ୍ଗଳା" ଶୀର୍ଷକରେ ଗଙ୍ଗାଧର ମେହେର ଉଚ୍ଚ ବିଦ୍ୟାଳୟ, ସାଗରପାଲିର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ସୋପାନରେ କବି ତଥା ଲେଖକ ବରିଷ୍ଠ ଶିକ୍ଷକ ବନବାସ ମେହେର ମୁଖ୍ୟ ଆଲୋଚକ ଭାବରେ ଯୋଗଦାନ କରି ସରମଙ୍ଗଳା ଲୋକକଳା ଜୀବନ ଭିତରେ କଳାର ରସ ସିକ୍ତ ତରଙ୍ଗ ମନ ଓ ହୃଦୟରେ ଉଦ୍‌ବେଳନ ସୃଷ୍ଟିକରେ; ଜୀବନ ଧାରାକୁ ସହଜ, ସୁନ୍ଦର ମଧୁମୟ କରିବାରେ କଳା ହୁଏ ପ୍ରେରଣାର ଉତ୍ସ। ଜୀବନ ଓ ଜୀବିକା କ୍ଷେତ୍ରରେ କଳାର ମହତ୍ୱ ତଥା ବଳିଷ୍ଠ ଯୋଗଦାନ ଅନସ୍ୱୀକାର୍ଯ୍ୟ ବୋଲି ନିଜର ବକ୍ତବ୍ୟରେ କହିଥିଲେ। ପ୍ରଥମେ ନୃତ୍ୟ ନିର୍ଦ୍ଦେଶକ ତଥା ଲୋକକଳା ଗବେଷକ ଗୁରୁ ଚୌଧୁରୀ ବିଭାର "ପାରମ୍ପରିକ ଲୋକକଳା:ସରମଙ୍ଗଳା" ଶୀର୍ଷକ ଏକ ସୁନ୍ଦର ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଲୋକ କଳାକାର ମାନଙ୍କର କଳା ଜୀବନକୁ ସୁଶୃଙ୍ଖଳିତ ତଥା ରସମୟ କରେ। କଳା ବ୍ୟତିରେକେ ଜୀବନ ନିରଳସ। କଳା ତ ମନୋରଞ୍ଜନ ପ୍ରଦାନ କ୍ଷେତ୍ରରେ ଏକ ମାଧ୍ୟମ ଏବଂ ସୌନ୍ଦର୍ଯ୍ୟ କରିଥାଏ ବୋଲି ପ୍ରସନ୍ନ କୁମାର ସାହୁ ତାଙ୍କ ସଭାପତିତ୍ୱ ବକ୍ତବ୍ୟରେ କହିଥିଲେ। ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପର୍ଏଁରୀ ଅନୁଷ୍ଠାନ ଏହି ସୁନ୍ଦର କାର୍ଯ୍ୟକ୍ରମକୁ ଭୂରି ଭୂରି ପ୍ରସଂଶା କରିଥିଲେ। ଶେଷରେ ଶିକ୍ଷାନୁଷ୍ଠାନର କ୍ରୀଡ଼ା ଶିକ୍ଷକ ଉମେଶ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଦୁଇଜଣ ଛାତ୍ର ଲକି ମେହେର ଓ ହରିପାଲ ବାବୁ ସହଯୋଗ କରିଥିଲେ।

# ଜୁଆ ଖେଳ ଉପରେ ଚଢ଼ଉ:୧୫ ଜୁଆଡ଼ି ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ସହର ପାରାବେଡ଼ା ଜିରୁ ପଠାଣ ଲାଇନ୍‌ରେ ଜୁଆ ଖେଳ ଚାଲୁଥିବା ସୂଚନା ପାଇ ଟାଉନ୍ ପୋଲିସ ଚଢ଼ଉ କରିଛି । ଚଢ଼ଉ କରି ୧୫ ଜଣ ଜୁଆଡ଼ିଙ୍କୁ ଗିରଫ କରିଥିବା ବେଳେ ସେଥିମଧ୍ୟରୁ ୫ ଜଣ ଅଭ୍ୟାସଗତ ଜୁଆଡ଼ିଙ୍କୁ ୧୧୨ ଦଫାରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଜୟପୁର ଟାଉନ୍ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନିରେ ଏସ୍‌ଡିପିଓ ଅର୍ଚ୍ଚିତା ମିତଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । କୋର୍ଟ ଚାଲାଣ ହୋଇଥିବା ଜୁଆଡ଼ିମାନେ ହେଲେ ଜୟପୁର ନୂଆସାହି ୫ ଲାଇନ୍‌ର ତ୍ରିପତି ପାଣିଗ୍ରାହୀ (୫୨), ଅନନ୍ତ ବାସୁଦେବ ପଣ୍ଡା (୪୪), ରଘୁନାଥ ନାୟକ (୪୯), ପାରାବେଡ଼ାର ରାଜେନ୍ଦ୍ର କୁମାର ସାହୁ (୫୬), ଦିପକ କୁମାର ନାୟକ (୩୮) । ସେହିପରି ଅନ୍ୟ ଜୁଆଡ଼ିମାନେ ହେଲେ ବୈପାରିଗୁଡ଼ାର କିଶୋର ପ୍ରଧାନ (୪୩), ନୂଆସାହି ୫ ଲାଇନ୍‌ର ପଞ୍ଚାନନ ପଣ୍ଡା (୪୪), ଗୌଡସାହିର ଶ୍ୟାମଘନ ସାହୁ (୪୫), ପୁରୁଣାଗଡ଼ର ସନ୍ତୋଷ କୁମାର ରଥ (୫୨), ଫାମ୍ପୁଣି ଗ୍ରାମର ହୃଦାନନ୍ଦ ମଣ୍ଡଳ (୪୩), ସନ୍ତୋଷି ମା' ଲାଇନ୍‌ର ଶଙ୍କର ବେହେରା (୩୨), ଖାଲ ସାହିର ବିମଳ କୁମାର ସାହୁ (୪୩), କେବିଏସ୍‌ଡି ରୋଡ଼ର ସରୋଜ କୁମାର ପଟ୍ଟନାୟକ (୨୯), ଫାମ୍ପୁଣି ଗ୍ରାମର କୃଷ୍ଣ ବିଶୋୟୀ (୨୪), ଗାନ୍ଧୀ ଛକ କୁଳଜିତ ସିଂ (୫୭) । ଗିରଫ ଅଭିଯୁକ୍ତ ଠାରୁ ୩ ଲକ୍ଷ ୫୦ ହଜାର ଟଙ୍କା, ୮ଟି ସ୍କୁଟି ଓ ବାଇକ୍, ୧୫ଟି ମୋବାଇଲ୍, ୧୦ଟି ସିଲ୍ ପ୍ୟାକେଟ୍ ତାସ୍, ୧୨ଟି ଖୋଲା ତାସ୍‌କୁ ଜବତ କରିଛି। ଅନ୍ୟ୧୦ଜଣ ଜୁଆଡ଼ିଙ୍କୁ ଥାନାରୁ ନୋଟିସ୍‌ରେ ଛଡ଼ାଯାଇଥିବା ବେଳେ ଅନ୍ୟ ୫ଜଣ ଅଭ୍ୟାସଗତଙ୍କୁ ୧୧୨ ଦଫାରେ କୋର୍ଟ ଚାଲାଣ କରାଯାଇଛି । ପାରାବେଡ଼ା ଜିରୁ ଲାଇନ୍‌ରେ ଜୁଆ ଖେଳ ଚାଲୁଥିବା ସୂଚନାପାଇ ଜୟପୁର ଟାଉନ୍ ପୋଲିସ ଚଢ଼ଉ କରିଥିଲା । ଚଢ଼ଉ କରି ମାମଲା ରୁଜୁ କରି ୧୫ ଜଣଙ୍କୁ ଗିରଫ କରି ୫ ଅଭ୍ୟାସଗତ ଜୁଆଡ଼ିଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଟାଉନ୍ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ, ଏସ୍‌ଆଇ ସୁବ୍ରାନ୍ତ ବେହେରା, ଏସ୍‌ଆଇ ଗୋବିନ୍ଦ ହାଂସଦା ଉପସ୍ଥିତ ଥିଲେ ।



## ଚୌଦ୍ୱାରରେ ଶ୍ରୀଜୀଉଙ୍କ ମହାସ୍ନାନ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ଅଞ୍ଚଳର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ପବିତ୍ର ଦେବସ୍ନାନ ଓ ହାତୀବେଶ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ହାଉସିଂବୋର୍ଡ଼ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରଭାତରୁ ଚତୁର୍ଦ୍ଧାମୁରତିଙ୍କ ବିଭିନ୍ନ ନୀତିକାନ୍ତି ପୂଜା ସହିତ ପହଣ୍ଡି କରାଯାଇ ଜୀଉମାନଙ୍କୁ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ସେବକମାନଙ୍କ ଦ୍ୱାରା ୧୦୮ କଳସ ଜଳରେ ଜୀଉମାନଙ୍କୁ ପବିତ୍ର ସ୍ନାନ କରାଯିବା ପରେ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା। ଏହି ଅପୂର୍ବ ଦୃଶ୍ୟ ଦେଖିବାପାଇଁ ମନ୍ଦିରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରେ ଭଜନ କୀର୍ତ୍ତନ ସହିତ ପ୍ରସାଦ ବିତରଣ କରାଯାଇଥିଲା। ଶ୍ରୀଜଗନ୍ନାଥ ମହାପ୍ରଭୁ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ ସାମଲଙ୍କ ପରିଚୋଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ଦିର ପରିଚୋଳନା କମିଟିର ସଦସ୍ୟ ସଦସ୍ୟାମାନେ ସହଯୋଗ କରିଥିଲେ। ଅନୁରୂପ ଭାବେ ମଙ୍ଗଳାସାହି ସ୍ଥିତ ଶ୍ରୀ ଜଗନ୍ନାଥ ଜୀଉଙ୍କର ସ୍ନାନ ଯାତ୍ରା ଓ ଗଜାନନ ବେଶ ଅନୁଷ୍ଠିତ ହୋଇଛି। ଡ. ପ୍ରଣୟାନନ୍ଦ ସ୍ୱାଇଁ ଗଜପତି ସେବକ ଭାବେ ଶ୍ରୀ ଜୀଉ ମାନଙ୍କର ସମସ୍ତ କାର୍ଯ୍ୟାବଳି ରୀତିନୀତି ସହ ସମ୍ପାଦନ କରିବା ସହିତ ଆଳତି ସମର୍ପଣ କରିଥିଲେ । ମୁଣ୍ଡମାଳ ସ୍ଥିତ ଜଗନ୍ନାଥ ମନ୍ଦିର, ବିଲ୍ଟୁ ବଜାର ଜଗନ୍ନାଥ ମନ୍ଦିର, ନବଗ୍ରହସାହି ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଛି।

## ଆଦିତ୍ୟ ଆଲୁମିନିୟମ ପକ୍ଷରୁ ପୁଷ୍ପଚାଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ସିଏସ୍ଆର୍‌ର ପ୍ରମୁଖ ପଦକ୍ଷେପ 'ପ୍ରକଳ୍ପ ଉନ୍ନତି' ଅନ୍ତର୍ଗତ ପୁଷ୍ପଚାଷ ଉପରେ ଏକ ପ୍ରଶିକ୍ଷଣ ଓ ଅନୁଭୂତି ବିନିମୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଓଡ଼ିଶାର ପ୍ରସିଦ୍ଧ ଗେଣ୍ଡୁ ଫୁଲ ଚାଷ କେନ୍ଦ୍ର ସବୁଜ ସନାତନପାଲି ଫାର୍ମର୍ସ ପ୍ରଡ୍ୟୁସର୍ କମ୍ପାନୀ ଲିମିଟେଡ୍ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଶିକ୍ଷଣର ମୂଳ ଉଦ୍ଦେଶ୍ୟ ଥିଲା ପ୍ରକଳ୍ପ ପାରିପାର୍ଶ୍ୱିକ ଗ୍ରାମର ଚାଷୀମାନଙ୍କ ମଧ୍ୟରେ ବୈଜ୍ଞାନିକ ପଦ୍ଧତିରେ ଗେଣ୍ଡୁ ଫୁଲ ଚାଷକୁ ପ୍ରୋତ୍ସାହନ ଦେବା ଏବଂ ଆଧୁନିକ ଚାଷ ପ୍ରଣାଳୀ ସମ୍ପର୍କରେ ସେମାନଙ୍କର ଜ୍ଞାନ ବୃଦ୍ଧି କରିବା। ପ୍ରଶିକ୍ଷଣରେ ଉନ୍ନତମାନର ଚାରା ଚୟନ, ବୈଜ୍ଞାନିକ ଚାଷ ପ୍ରଣାଳୀ, ଉଚ୍ଚମାନର ଫୁଲ ଉତ୍ପାଦନ, ସମନ୍ୱିତ କୀଟ ଓ ରୋଗ ପରିଚାଳନା, ବଜାର ସଂଯୋଗ ଏବଂ ଗେଣ୍ଡୁ ଫୁଲ ସହ ପନିପରିବା ଅନ୍ତଃଫସଲ ଚାଷ ମାଧ୍ୟମରେ କୀଟପତଙ୍ଗ ନିୟନ୍ତ୍ରଣ ଓ ଆୟ ବୃଦ୍ଧି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୩୦ ଜଣ ଚାଷୀ ଅଂଶଗ୍ରହଣ କରିଥିଲେ। ସେମାନେ ଏଫ୍‌ପିଓ ସହ ଜଡ଼ିତ ପ୍ରଗତିଶୀଳ ଚାଷୀମାନଙ୍କ ସହ ମତବିନିମୟ କରିବା ସହ ସଫଳ ଗେଣ୍ଡୁ ଫୁଲ ଚାଷ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହାସହ ଓଡ଼ିଶାର ପ୍ରଥମ ଧରଣର ପଲିହାଉସ୍‌ରେ ଇଉଷ୍ଟୋମା (Eustoma) ଫୁଲ ଚାଷ ୟୁନିଟ୍, ଛତୁ ଚାଷ ୟୁନିଟ୍ ଓ ବିଭିନ୍ନ ସମନ୍ୱିତ କୃଷି ମଡେଲ୍ ପରିଦର୍ଶନ କରି ବୈଜ୍ଞାନିକ ଓ ବିବିଧୀକୃତ କୃଷି ପଦ୍ଧତି ସମ୍ପର୍କରେ ବ୍ୟବହାରିକ ଜ୍ଞାନ ଅର୍ଜନ କରିଥିଲେ। କାର୍ଯ୍ୟକ୍ରମକୁ ଆଦିତ୍ୟ ଆଲୁମିନିୟମର ସିଏସ୍ଆର୍ ମୁଖ୍ୟ ରବି ନିବାସ ଉଦ୍ଘାଟନ କରି ଚାଷୀମାନଙ୍କୁ ବୈଜ୍ଞାନିକ ପୁଷ୍ପଚାଷ ଅପଣାଇ ସ୍ଥାୟୀ ଜୀବିକା ଗଠନ ପାଇଁ ଉତ୍ସାହିତ କରିଥିଲେ। ଏଫ୍‌ପିଓର ପରିଚାଳନା ନିର୍ଦ୍ଦେଶକ ମନବୋଧ ବାରିକ ଏବଂ ନିର୍ଦ୍ଦେଶକ ମଣ୍ଡଳୀ (BOD) ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଏଭଳି ଏକ ଉପଯୋଗୀ ପ୍ରଶିକ୍ଷଣ ଓ ଅନୁଭୂତି ବିନିମୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାରୁ କୃତଜ୍ଞତା ପ୍ରକାଶ କରିଥିଲେ। ଅଂଶଗ୍ରହଣକାରୀ ଚାଷୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରୁ ମିଳିଥିବା ଜ୍ଞାନ ଓ ଆତ୍ମବିଶ୍ୱାସ ପାଇଁ ଆଦିତ୍ୟ ଆଲୁମିନିୟମକୁ ଧନ୍ୟବାଦ ଜଣାଇଥିଲେ। ଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଆଦିତ୍ୟ ଆଲୁମିନିୟମର ସିଏସ୍ଆର୍ ଦଳ ଦ୍ୱାରା ସମନ୍ୱିତ ଏହି କାର୍ଯ୍ୟକ୍ରମ କୃଷକମାନଙ୍କ ମଧ୍ୟରେ ବୈଜ୍ଞାନିକ କୃଷି, ସ୍ଥାୟୀ ଚାଷ ପ୍ରଣାଳୀ ଏବଂ ଜ୍ଞାନଭିତ୍ତିକ ଜୀବିକା ବିକାଶ ପ୍ରତି କମ୍ପାନୀର ଦୃଢ଼ ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରିଛି।

## ///////// ଉତ୍କଳ ସାମ୍ବାଦିକ ସଂଘ ଭଦ୍ରକ ଶାଖା କାର୍ଯ୍ୟକାରିଣୀ ବୈଠକ /////////

# ଓଡ଼ିଶାରେ ସାମ୍ବାଦିକମାନଙ୍କୁ ମାସିକ ୧୫ ହଜାର ଟଙ୍କା ପେନ୍‌ସନ୍ ଦିଆଯାଉ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଉତ୍କଳ ସାମ୍ବାଦିକ ସଂଘର ଭଦ୍ରକ ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ଦୁଇ ଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସଫଳତାର ସହ ସମାପନ ହୋଇଛି । ଏହି ବୈଠକର ପ୍ରଥମ ଦିନ ଭଦ୍ରକ ଟାଉନ୍ ହଲ୍‌ରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଦେଢ଼ଶହରୁ ଅଧିକ ସାମ୍ବାଦିକ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି, ଇଷ୍ଟର୍ଣ୍ଣ ମିଡିଆର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା ତଥା ସମ୍ମାନୀତ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭଣ୍ଡାରୀପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଏବଂ ସ୍ଥାନୀୟ ଜିଲ୍ଲାପାଳ, ରାଜ୍ୟ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ହାରାଧନ୍ ବାନାର୍ଜୀ, ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ଯୋଗଦେଇ ସଭାକୁ ସମ୍ବୋଧିତ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଭଦ୍ରକ ଜିଲ୍ଲା ଶାଖା ସଭାପତି ତଥା ଉତ୍କଳ ସାମ୍ବାଦିକ ସଂଘ ଶୃଙ୍ଖଳା କମିଟି ରବିନାରାୟଣ ଖିଲାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଭାରେ ରାଜ୍ୟ ସଭାପତି ବିଭୂତି ଭୂଷଣ କର ଅଧ୍ୟକ୍ଷତା କରି କହିଥିଲେ ଯେ, ଦେଶର ୧୯ଟି ରାଜ୍ୟରେ ସାମ୍ବାଦିକମାନଙ୍କୁ ପେନ୍‌ସନ୍ ପ୍ରଦାନ କରାଯାଉଛି । ସେହିପରି ରାଜସ୍ୱ



ସମୃଦ୍ଧ ଓଡ଼ିଶାରେ ମଧ୍ୟ ସାମ୍ବାଦିକମାନଙ୍କୁ ଅତି କମ୍‌ରେ ମାସିକ ୧୫ ହଜାର ଟଙ୍କା ପେନ୍‌ସନ୍ ପ୍ରଦାନ କରାଯିବା ଉଚିତ୍ । ସେ ଆହୁରି କହିଥିଲେ ଯେ, ସାମ୍ବାଦିକଙ୍କ ଉପରେ ବୃଦ୍ଧି ପାଉଥିବା ଆକ୍ରମଣକୁ ଦୃଷ୍ଟିରେ ରଖି ଛତିଶଗଡ଼ ଓ ମହାରାଷ୍ଟ୍ର ଭଳି ଓଡ଼ିଶାରେ ମଧ୍ୟ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ କରାଯିବା ଆବଶ୍ୟକ । ପ୍ରଚଳିତ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମ୍ବାଦିକଙ୍କ ପିତା-ମାତା ଏବଂ ୨୫ ବର୍ଷରୁ ଅଧିକ ବୟସର ସନ୍ତାନମାନଙ୍କୁ ମଧ୍ୟ ସାମିଲ୍ କରାଯିବା ଉଚିତ୍ । ଏହାସହ ୨୦୦୨ ମସିହାରୁ ବନ୍ଦ ହୋଇଥିବା ଆକ୍ରେଡିଟେସନ୍ କମିଟିକୁ ପୁନର୍ଗଠନ କରି ସଂଘକୁ ବିଶ୍ୱାସକୁ ନେଇ ପ୍ରକୃତ ସାମ୍ବାଦିକମାନଙ୍କୁ ସରକାରୀ ସ୍ୱୀକୃତି ପ୍ରଦାନ କରାଯାଉ । ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସାମ୍ବାଦିକମାନଙ୍କ ସମସ୍ୟା ସମ୍ପର୍କରେ ରାଜ୍ୟ ସରକାର ଅବଗତ ଅଛନ୍ତି ଏବଂ ଉପଯୁକ୍ତ ସମୟରେ ସେଗୁଡ଼ିକର ସମାଧାନ ପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ସୌମ୍ୟରଞ୍ଜନ ପଟ୍ଟନାୟକ ସରକାର ଓ ସାମ୍ବାଦିକଙ୍କ ଭୂମିକା ଓ ସୀମା ସମ୍ପର୍କରେ ଆଲୋଚନା କରି କହିଥିଲେ ଯେ, ସରକାର ସାମ୍ବାଦିକମାନଙ୍କ ନ୍ୟାୟସଙ୍ଗତ ଦାବିଗୁଡ଼ିକୁ ଗ୍ରହଣ କରିବା ଉଚିତ୍ । ସେହିପରି ସାମ୍ବାଦିକମାନେ କେବଳ ଦାବି କରିବାରେ ସୀମିତ ନରହି, ନିଜ ଲେଖନୀ ଓ ସାମ୍ବାଦିକତାର ଶକ୍ତି ମାଧ୍ୟମରେ ସରକାରଙ୍କ ଉପରେ ଗଣତାନ୍ତ୍ରିକ ଚାପ ସୃଷ୍ଟି କରିବା ଉଚିତ୍ । ଉଭୟ ବିଧାୟକ ସାମ୍ବାଦିକମାନଙ୍କ ଦାବିକୁ ସମର୍ଥନ କରିବା ସହିତ ଏହି ପ୍ରସଙ୍ଗଗୁଡ଼ିକୁ ବିଧାନସଭାରେ ଉଠାଇବେ ବୋଲି ଆଶ୍ୱାସନ ଦେଇଥିଲେ । ସେହିପରି ସଂଘ ନେତୃତ୍ୱ ହାରାଧନ୍ ବାନାର୍ଜୀ, ପୂର୍ଣ୍ଣଚନ୍ଦ୍ର ନାୟକ ଓ ବେଣୁଧର ପଣ୍ଡା ନିଜ ନିଜ ଅଭିଭାଷଣରେ ସାମ୍ବାଦିକଙ୍କ ଦାବି ସମ୍ପର୍କରେ ସରକାରଙ୍କ ଅଣଦେଖା ନିତିର ସମାଲୋଚନା କରି ଯଥାଶୀଘ୍ର ଦାବି ପୂରଣ ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ମିଳନୀର ଦ୍ୱିତୀୟ ଦିନ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ପ୍ରତିନିଧିମାନେ ଶକ୍ତିପୀଠ ମାଆ ଭଦ୍ରକାଳୀ ଏବଂ ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣି ମନ୍ଦିର ପରିଦର୍ଶନ କରିଥିଲେ । ଏହି ଅବସରରେ ଅଶୁରାଳୀ ପ୍ରେସ୍ କ୍ଲବ୍ ପକ୍ଷରୁ ସମସ୍ତ ପ୍ରତିନିଧିଙ୍କୁ ସ୍ୱାଗତ ସମ୍ବର୍ଦ୍ଧିତ ପ୍ରଦାନ କରାଯାଇଥିଲା । ଏତାଦୃଶ ସଫଳତା ପୂର୍ଣ୍ଣ ଆୟୋଜନ ପାଇଁ ଭଦ୍ରକ ଜିଲ୍ଲା ସଭାପତି ତଥା ରାଜ୍ୟ ଶୃଙ୍ଖଳା କମିଟି ଅଧ୍ୟକ୍ଷ ରବିନାରାୟଣ ଖିଲାରଙ୍କ ଅବଦାନ ଅତୁଳନୀୟ । ଆୟୋଜନ ମାଧ୍ୟମରେ ସଂଘ ସଂଗଠନକୁ ସୁଦୃଢ଼ କରିବାରେ ତଥା ସଂଘୀୟ ଆଭିମୁଖ୍ୟକୁ ହାସଲ କରିବା ଦିଗରେ ଶ୍ରୀ ଖିଲାରଙ୍କ ଉଦ୍ୟମକୁ ସମ୍ମାନ ଜଣାଇବା ସହ ସଂଘ ପକ୍ଷରୁ ରବିନାରାୟଣ ଖିଲାରଙ୍କୁ ବିଶେଷ ଧନ୍ୟବାଦ ଜଣାଇଥିଲେ । ସେହିପରି ୨୨ ଗୋଟି ଜିଲ୍ଲାରୁ ଆସିଥିବା ରାଜ୍ୟ ଓ ଜିଲ୍ଲା କର୍ମକର୍ତ୍ତା ସାଥି ଯେଉଁମାନଙ୍କ ଉପସ୍ଥିତି ସଂପୃକ୍ତ ଆୟୋଜନକୁ ସମୃଦ୍ଧ କରିଥିଲା, ସେମାନଙ୍କୁ ସଂଘ ପକ୍ଷରୁ ଧନ୍ୟବାଦ। ସଫଳତମ ଆୟୋଜନର ସହଯୋଗୀ, ସମ୍ପାଦକ ଆଶିଷ ଅମିତାଭ୍ ଦାସ, ଅପୂର୍ବ ରଞ୍ଜନ ବେହେରା, ସନ୍ତୋଷ କୁମାର ସାହୁ ଏବଂ ଭଦ୍ରକ ଜିଲ୍ଲା ଶାଖାର ସମସ୍ତ କର୍ମକର୍ତ୍ତା ଓ ସାଥି ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୯ ୨ମ / ଲଗ୍ନ | ୧୧ | ଶ୧୦ / ୯ରା |
| ୨ବୃଶୁବୁ | ୨୧ / ୯ | ୮ |
| ୩କେ / ୪ | ୫ | ୬ / ୭ର |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧।୦୭।୨୦୨୬, ଜ୍ୟେଷ୍ଠ ଦ୧୭ନ, ବୁଧବାର**
**ସୂର୍ଯ୍ୟୋଦୟ- ଘ ୫।୧୨।୨୫ ଚନ୍ଦ୍ରୋଦୟ- ରାଘ ୭।୪୫।୨୮**
ପ୍ରତିପଦ ପ୍ରାଘ ୭।୪୦ ପର୍ଯ୍ୟନ୍ତ। **ପୂର୍ବାଷାଢ଼ା ନକ୍ଷତ୍ର-** ପ୍ରାଘ ୬।୫୩ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଦିଘ ୧।୩୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମୀନ ରାଶିର । ଦିଘ ୧।୩୩ ଗତେ ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । ଦିଘ ୧।୩୩ ଗତେ ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ପ୍ରାଘ ୭।୪୦ ଗତେ ବୋଇତାଳୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୫୫ ଗତେ ଦିଘ ୮।୩୪ ମଧ୍ୟେ। ଦିଘ ୨।୦୫ ଗତେ ଦିଘ ୫।୩୫ ମଧ୍ୟେ । **ପର୍ବୋତ୍ସବ-** ଶରଣ ଆରମ୍ଭ ।



**ମେଷ:** ବେଶ୍ ପ୍ରଶଂସିତ ହେବେ। ନିଜର କର୍ତ୍ତବ୍ୟନିଷ୍ଠା ପ୍ରକାଶ ପାଇବ। ଆୟ ଓ ବ୍ୟୟ ସମାନ ରହିବ। ସାମାଜିକ କାର୍ଯ୍ୟରେ ଯୋଗଦାନ। ମନରେ ଭକ୍ତିଭାବ ଜାଗ୍ରତ ହେବ। ପାରିବାରିକ ସୁଖ ପ୍ରାପ୍ତି ହେବ।



**ବୃଷ:** ଆଧ୍ୟାତ୍ମିକ ଚର୍ଚ୍ଚାରେ ସମୟ ଅତିବାହିତ କରିବେ। ସାର୍ବଜନୀନ ସେବା ପୂଜାରେ ମନୋନିବେଶ କରିବେ। ରୋଜଗାର ମଧ୍ୟମ ହେବ। ପରିବାରରେ ପର ପାଇଁ ଅସୁବିଧା ସୃଷ୍ଟି ହେବାର ଆଶଙ୍କା।



**ମିଥୁନ:** ଦୂରଯାତ୍ରା ବା ଅନିୟମିତତା ହେତୁ ଶାରୀରିକ କଷ୍ଟ ଅନୁଭବ କରିବେ। ବହୁ ସମୟ ଅନ୍ୟମନସ୍କ ରହିବେ। ଆୟ ଓ ବ୍ୟୟ ସମାନ ରହିବ। ପରିଶ୍ରମ ବୃଦ୍ଧି ପାଇବ। ପାରିବାରିକ ତୃପ୍ତି ଲାଭ।



**କର୍କଟ:** ଦୂରଯାତ୍ରା କରି କର୍ମ ପ୍ରାପ୍ତି ହେବ। ଆର୍ଥିକ ଦିଗରେ ପ୍ରଗତି ହେବ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ପାରସ୍ପରିକ ସମ୍ପର୍କରୁ ଫାଇଦା ହାସଲ ହେବ। ଗୃହରେ ବ୍ୟସ୍ତତା ବଢ଼ିବ। ଶରୀର ସୁସ୍ଥ ରହିବ ।



**ସିଂହ:** ଯୋଜନାବଦ୍ଧ ଭାବେ କାର୍ଯ୍ୟ କରାନଗଲେ କ୍ଷତିରେ ପଡ଼ିବେ। ଲକ୍ଷ୍ୟ ଭ୍ରଷ୍ଟ ହେବେ। ଆୟ ଓ ବ୍ୟୟ ସମାନ ରହିବ। ଦେହ ମନରେ ସୁଖ ଆସିବ। ପରିବାରରେ ଶାନ୍ତି ବଜାୟ ରହିବ ।



**କନ୍ୟା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ଦ୍ୱାରା ଅସହଯୋଗ ମନରେ ଗ୍ଲାନି ରହିବ। ଅଶାନ୍ତି ବୋଧ କରିବେ। ଆୟ ପୂର୍ବ ପରି ରହିବ । ପରିବାରରେ ଜଞ୍ଜାଳ ବଢ଼ିବାର ସୂଚନା। ନୀତିନିଷ୍ଠା ଯୋଗୁ ଅନ୍ୟର ସମାଲୋଚିତ ହେବେ ।



**ତୁଳା:** ମନ କଥାକୁ ମନରେ ରଖି କାର୍ଯ୍ୟ କ୍ଷେତ୍ରରେ ଆଗେଇ ଚାଲିବେ। ବିବାଦୀୟ ପରିସ୍ଥିତି ଠାରୁ ଦୂରେଇ ରହିବା ଶ୍ରେୟସ୍କର। କାର୍ଯ୍ୟସ୍ଥଗିତର ସମ୍ଭାବନା। ଆୟ ଓ ବ୍ୟୟର ପରିମାଣ ସମାନ ରହିବ ।



**ବିଛା:** କର୍ମ କରି ଚାଲନ୍ତୁ। ଫଳ ନିଶ୍ଚୟ ମିଳିବ। ନିଜର ଉଚ୍ଚ ଆଶା ଫଳବତୀ ହେବ। ପୁରାତନ କାର୍ଯ୍ୟ ନିର୍ବାହ ହେବ। ରୋଜଗାର ସାମାନ୍ୟ ଉନ୍ନତି। ପରିବାରରେ ଦ୍ୱନ୍ଦ୍ୱ ସୃଷ୍ଟି ହେବାର ସୂଚନା ।



**ଧନୁ:** ଧୀର ଚିତ୍ତ ସ୍ଥିର ମସ୍ତିଷ୍କ ଆପଣଙ୍କୁ ଭଲ ଫଳ ହେବ। କିନ୍ତୁ ମନରେ ପ୍ରତୀକ୍ଷା ଜନିତ ବିରକ୍ତି ପ୍ରକାଶ ପାଇବ। ସହଯୋଗରେ ବାଧା ଆଶଙ୍କା। ରୋଜଗାରରେ ଅସନ୍ତୁଷ୍ଟ ହେବେ। ପାରିବାରିକ କ୍ଷେତ୍ରରେ ହତାଦର।



**ମକର:** ଆଶା ଠାରୁ ଅଧିକ ସହଯୋଗ ଲାଭ କରିବେ। ସୌଜନ୍ୟତାରୁ କାର୍ଯ୍ୟ ପ୍ରାପ୍ତି । ଆୟରେ ଉନ୍ନତିର ପଥ ସୁଗମ ହେବ। ପାରିବାରିକ କ୍ଷେତ୍ରରେ ଶାନ୍ତି ଲାଭ କରିବେ। ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ ।



**କୁମ୍ଭ:** କର୍ମଚ୍ୟୁତି ହେତୁ ମନରେ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଦୂରଯାତ୍ରାରୁ ନିଷ୍ଫଳ ଯୋଗ। ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ। ମନରେ ଭକ୍ତିଭାବ ଜାଗ୍ରତ ହେବ। ପରିବାରରେ ସହଯୋଗ ଓ ଆଶ୍ୱାସନା ଲାଭ।



**ମୀନ:** ମନରେ ଆନନ୍ଦ ଆସିବ। ପ୍ରସନ୍ନ ସହକାରେ ପ୍ରତି କାମରେ ଅଗ୍ରସର ହେବେ। ବନ୍ଧୁ ସହଯୋଗ ଲାଭ କରିବେ। ଆୟରେ ଉନ୍ନତି ନହେଲେ ବି ଅବନତି ହେବନାହିଁ। ଘରେ ଅଶାନ୍ତିର ଆଶଙ୍କା ।

## କାର୍ ଦୁର୍ଘଟଣା:ଅଳ୍ପକେ ବର୍ତ୍ତିଲେ ଦମ୍ପତି

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ରାମେଶ୍ୱର ବିହାର ନିକଟରେ ଭାରସାମ୍ୟ ହରାଇ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରୁ ସ୍ୱାମୀ ସ୍ତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ରାତି ପ୍ରାୟ ସାଢେ ୧୧ଟା ସମୟରେ ବଲାଙ୍ଗୀରରୁ ବୌଦ୍ଧକୁ ଫେରୁଥିବା ଏକ କାର୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାଫଳରେ କାର୍‌ରେ ଥିବା ସ୍ୱାମୀ ଓ ସ୍ତ୍ରୀ ଉଭୟ ଆହତ ହୋଇଛନ୍ତି । ଆହତ ଦମ୍ପତି ହେଲେ ବୌଦ୍ଧ ସହର ବୁଢ଼ୁପାଲି ନିକଟସ୍ଥ ମାଉଲସିଙ୍ଗା ଗ୍ରାମର ଶିକ୍ଷକ ବିନାୟକ ମିଶ୍ର ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ମାନସୀ ପତି । ବିଳମ୍ବିତ ରାତିରେ ସେମାନେ ବଲାଙ୍ଗୀରରୁ ନିଜ ଘରକୁ ଫେରୁଥିବା ସମୟରେ ଗାଡ଼ି ଚଳାଉଥିବା ଶ୍ରୀ ମିଶ୍ରଙ୍କ ଆଖିକୁ ନିଦ ଆସିଯିବାରୁ ଏହି ଦୁର୍ଘଟଣା ଘଟିଥିଲା। ବୌଦ୍ଧରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ସେମାନେ ଘରକୁ ଫେରିଛନ୍ତି ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୨।୦୭।୨୦୨୬, ଜ୍ୟେଷ୍ଠ ଦ୧୮ନ, ଗୁରୁବାର**
**ସୂର୍ଯ୍ୟୋଦୟ- ଘ ୫।୧୩।୪୫ ଚନ୍ଦ୍ରୋଦୟ- ରାଘ ୮।୨୫।୩୬**
ଦ୍ୱିତୀୟା ଦିଘ ୯।୪୧ ପର୍ଯ୍ୟନ୍ତ। **ଉତ୍ତରାଷାଢ଼ା ନକ୍ଷତ୍ର-** ପ୍ରାଘ ୯।୨୮ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତାଳୁ ଦିଘ ୯।୪୧ ଗତେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୭ ଗତେ ଦିଘ ୬।୧୦ ମଧ୍ୟେ। ଦିଘ ୯।୪୦ ଗତେ ଦିଘ ୧୨।୨୭ ମଧ୍ୟେ । **ପର୍ବୋତ୍ସବ-** ଶରଣଂ ।


Digital India
Power To Empower
ଡିଜିଟାଲ୍ ଇଣ୍ଡିଆର 11 ବର୍ଷ
ଗାଁ ଏବଂ ସହରରେ ଜୀବନ ହୋଇଛି ସହଜ
ଡିବିଟି ମାଧ୍ୟମରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଟ. 51 ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସ୍ଥାନାନ୍ତରିତ
ଦେଶବ୍ୟାପୀ 42 ଲକ୍ଷ ରୁଟ୍ କିଲୋମିଟର ଅପ୍ଟିକାଲ୍ ଫାଇବର ନେଟ୍‌ୱାର୍କ, ପ୍ରାୟ 2.2 ଲକ୍ଷ ଗ୍ରାମ ସଂଯୁକ୍ତ
ଭାରତରେ ହେଉଛି ବିଶ୍ୱର ପ୍ରତ୍ୟେକ ଦୁଇରୁ ଗୋଟିଏ ଡିଜିଟାଲ ନେଣଦେଣ
70+ କୋଟି ଡିଜିଲକର ବ୍ୟବହାରକାରୀ
ପୋଷଣ ଟ୍ରାକର ମାଧ୍ୟମରେ 8.9+ କୋଟି ମା' ଏବଂ ଶିଶୁଙ୍କ ରିୟଲ ଟାଇମ୍ ପୋଷଣ ଅନୁଧ୍ୟାନ
ଏବେ ମୋବାଇଲ୍ ଫୋନ୍‌ରେ 2500ରୁ ଅଧିକ ସରକାରୀ ସେବା ଉପଲବ୍ଧ
ସୁଲଭ ଡାଟା ଏବଂ 5ଜି ସଂଯୋଗର ଦ୍ରୁତ ବିସ୍ତାର
ଷ୍ଟାର୍ଟଅପ୍ ଇଣ୍ଡିଆ ଏବଂ ଅଟଳ ଇନୋଭେସନ୍ ମିଶନ୍ ଡିପ୍ ଟେକ୍ ଅଭିବୃଦ୍ଧିକୁ ଆଗେଇ ନେଉଛି
12ଟି ସେମିକଣ୍ଡକ୍ଟର ପ୍ଲାଣ୍ଟ ନିର୍ମାଣ ଜାରି ରହିଛି
"ଡିଜିଟାଲ୍ ଇଣ୍ଡିଆର ଅର୍ଥ ହେଉଛି ଆପଣଙ୍କ ଦ୍ୱାରରେ, ଆପଣଙ୍କ ମୋବାଇଲ୍‌ରେ ସରକାର। ଡିଜିଟାଲ ଇଣ୍ଡିଆର ଅର୍ଥ ହେଉଛି ଦୁର୍ନୀତି ରୋକିବା । ଡିଜିଟାଲ ଇଣ୍ଡିଆର ଅର୍ଥ ହେଉଛି ସବୁଠୁ ଗରିବ ଲୋକଙ୍କ ପାଖରେ ସେମାନଙ୍କର ଅଧିକାର ପହଞ୍ଚାଇବା ।"
-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
CBC 06124/13/0003/2627

ସମ୍ପାଦକୀୟ

32 YEARS

ସମ୍ବାଦ କଳିକା

# ସିନ୍ଧୁ ଜଳକୁ ନେଇ ଗର୍ଜିଲା ପାକିସ୍ଥାନ

ସନ୍ତ୍ରାସବାଦକୁ ନିଜର ଜାତୀୟ ନୀତି ଭାବେ ଆପଣେଇଥିବା ପଡ଼ୋଶୀ ଦେଶ ଭାରତକୁ ନାଲି ଆଖି ଦେଖାଇଛି । ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସ୍ପଷ୍ଟ କରିଦେଇଛି ଯେ 'ରକ୍ତ ଏବଂ ପାଣି ଏକାଠି ବହିପାରିବ ନାହିଁ' । ଏହାସହ ଭାରତ ସିନ୍ଧୁ ଜଳ ଚୁକ୍ତି (IWT) କୁ ସ୍ଥଗିତ ରଖିଛି । ଏଭଳି ପରିସ୍ଥିତିରେ ଟୋପାଏ ପାଣି ପାଇଁ ଡହଳବିକଳ ହେଉଥିବା ପାକିସ୍ତାନ ଏବେ ଭାରତକୁ ଫମ୍ପା ଧମକ ଦେଇଛି । ପାକିସ୍ତାନର ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ମୁସାଦିକ୍ ମଲିକ୍ କହିଛନ୍ତି, 'ଯିଏ ଆମ ପାଣି ଉପରେ ହାତ ପକାଇବ, ଆମେ ତାର ହାତ କାଟି ଦେବୁ ।' ପାକିସ୍ତାନର ଏକ ଖବରକାଗଜର ରିପୋର୍ଟ ଅନୁଯାୟୀ, ଗତ ସୋମବାର ମୁସାଦିକ୍ ମଲିକ୍ କହିଛନ୍ତି ଯେ ପାକିସ୍ତାନ ସିନ୍ଧୁ ଜଳ ଚୁକ୍ତି ବିବାଦକୁ କେବଳ ଦୁଇ ଦେଶ ମଧ୍ୟରେ ସୀମିତ ନରଖି ଆଗକୁ ନେବାକୁ ଚେଷ୍ଟା କରୁଛି । କାଶ୍ମୀର ପ୍ରସଙ୍ଗ ଭଳି ଏହି ମାମଲାରେ ମଧ୍ୟ ତୃତୀୟ ପକ୍ଷ ବା ଅନ୍ୟ ଦେଶଗୁଡ଼ିକୁ ସାମିଲ କରିବାକୁ ପାକିସ୍ତାନ ନିରାଶାଜନକ ପ୍ରୟାସ କରୁଛି । ଏହି ପ୍ରସଙ୍ଗକୁ ନ୍ୟାୟ, ମୌଳିକ ଅଧିକାର ଏବଂ ନଦୀର ତଳ ମୁଣ୍ଡରେ ଥିବା ଦେଶଗୁଡ଼ିକର ଜଳ ସୁରକ୍ଷା ସହ ଯୋଡ଼ି ଏକ ବୈଶ୍ୱିକ ମାମଲା ଭାବେ ଉପସ୍ଥାପନ କରିବାକୁ ମଲିକ୍ ଦାବି କରିଛନ୍ତି । ମୁସାଦିକ୍ ମଲିକ୍ ସିନ୍ଧୁ ନଦୀକୁ ଏକ ନାଳ ସହ ତୁଳନା କରି କହିଛନ୍ତି, 'ଏହାର ହ୍ୟାଣ୍ଡେଲ ପଡ଼ୋଶୀ ଦେଶର ପ୍ରଧାନମନ୍ତ୍ରୀଙ୍କ ହାତରେ ଅଛି, ଯିଏ କହୁଛନ୍ତି ଯେ ପାକିସ୍ତାନକୁ ଟୋପାଏ ହେଲେ ବି ପାଣି ଛଡ଼ାଯିବ ନାହିଁ । 'ପାକିସ୍ତାନର ଅର୍ଥନୀତି ସମ୍ପର୍କରେ ସେ କହିଛନ୍ତି, ଦେଶର ୪୦% ରୁ ୫୦% ଜନସଂଖ୍ୟା ଜୀବିକା ପାଇଁ କୃଷି ଉପରେ ନିର୍ଭରଶୀଳ। କୃଷି କ୍ଷେତ୍ର ଦେଶର ଜିଡିପିକୁ ୨୦% ରୁ ୨୫% ଯୋଗଦାନ ଦେଇଥାଏ । ପାକିସ୍ତାନର ଖାଦ୍ୟ ସୁରକ୍ଷା ସମ୍ପୂର୍ଣ୍ଣ ଭାବେ ଏହି ଜଳ ଉପରେ ନିର୍ଭର କରେ । ସେ ଅଭିଯୋଗ କରିଛନ୍ତି ଯେ, ନଦୀର ଗତିପଥ ଉପରେ ନିଷ୍ପତ୍ତି ନେବାର ଅଧିକାର କେବଳ ଉପର ମୁଣ୍ଡରେ ଥିବା ଦେଶ ହାତରେ ରହିବା ଉଚିତ୍ ନୁହେଁ, କାରଣ ଏହା ଦ୍ୱାରା ସାରା ବିଶ୍ୱର ନଦୀ ବ୍ୟବସ୍ଥା ପ୍ରଭାବିତ ହେବ। ଗତ ବର୍ଷ ଜମ୍ମୁ-କାଶ୍ମୀରର ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଥିଲା । ଏହା ଅଧୀନରେ ୧୯୬୦ ମସିହାର 'ସିନ୍ଧୁ ଜଳ ଚୁକ୍ତି' (IWT) କୁ ସ୍ଥଗିତ ରଖାଯାଇଛି । ବିଶ୍ୱ ବ୍ୟାଙ୍କର ମଧ୍ୟସ୍ଥତାରେ ହୋଇଥିବା ଏହି ଚୁକ୍ତି ଦୀର୍ଘ ଦଶନ୍ଧି ଧରି ଦୁଇ ଦେଶ ମଧ୍ୟରେ ଜଳ ବଣ୍ଟନକୁ ନିୟନ୍ତ୍ରଣ କରିଆସୁଥିଲା। ଏବେ ଭାରତ ସଫା ସଫା ଜଣାଇ ଦେଇଛି ଯେ, ଯେ ପର୍ଯ୍ୟନ୍ତ ପାକିସ୍ତାନ ଆତଙ୍କବାଦର ରାସ୍ତା ଛାଡ଼ି ନାହିଁ, ସେ ପର୍ଯ୍ୟନ୍ତ ତାକୁ ପାଣି ମିଳିବ ନାହିଁ । ଭାରତ ନିଜ ଇଚ୍ଛା ମୁତାବକ ସିନ୍ଧୁ ନଦୀର ଜଳ ବ୍ୟବହାର କରିବ ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ପ୍ରତିଷ୍ଠା

ଶ୍ରଦ୍ଧେୟ ଭକ୍ତବୃନ୍ଦ ଯିଏ ସାରା ବ୍ରହ୍ମାଣ୍ଡର ମାଲିକ ଆଉ ଯାହା ଉପରେ ଚଉଦ ବ୍ରହ୍ମାଣ୍ଡ ତିଷ୍ଠି ପାରିଛି ସେହିଁ ଅନନ୍ତ ଅବିନାଶୀ, ପରଂବ୍ରହ୍ମ ତାକୁ ଆମେ କଣ ପ୍ରତିଷ୍ଠା କରିବା।

ସେତ ଆମକୁ ପଠାଇଛନ୍ତି, ତାଙ୍କ କର୍ମ କରିବା ପାଇଁ ଆଉ ଆମେ କଣ ତାଙ୍କୁ ପ୍ରତିଷ୍ଠା କରିବା ଏଇ ପ୍ରତିଷ୍ଠା ହିଁ ଏକ ଅହଂକାର ଏହା ବି ଏକ ବ୍ୟାଧି ଯିଏ ସ୍ୱୟଂ ପ୍ରକାଶ୍ୟ ଯାହାଦ୍ୱାରା ଚଳ ଅଚଳ ସବୁ ନିମିଷକେ ଓଲଟ ପାଲଟ ହୋଇଯାଏ । ସେହି ପ୍ରଭୁ ହେଲେ ଜୀବ ଜଗତର ପ୍ରାଣ । ପ୍ରାଣକୁ ପୁଣି କଣ ପ୍ରତିଷ୍ଠା କରିବା, ସେହିଁ ସତ୍ୟ, ଶିବ, ସୁନ୍ଦର, ତେଣୁ ହେ ଭକ୍ତ ତୁମ ଭିତରେ ସତ୍ୟ, ଶାନ୍ତି, ଦୟା, କ୍ଷମା, ଶ୍ରଦ୍ଧା, ବିଶ୍ୱାସ, ଭକ୍ତି, ଜ୍ଞାନକୁ ପ୍ରତିଷ୍ଠା କରି ଈଶ୍ୱରଙ୍କ ଉପାସନାରେ ବ୍ରତୀ ହେଲେ ସେହିଁ ହେବ ଈଶ୍ୱରଙ୍କ ପାଇଁ ପ୍ରତିଷ୍ଠା, କେବଳ ଭାବ ଟିକିଏ ରଖ ଦେଖିବ ସେ ତୁମକୁ କିପରି ସରଳ ସୁନ୍ଦର ଭାବରେ ଏ ଜଗତରେ ତୁମକୁ ପ୍ରତିଷ୍ଠା କରି ଦେଇଥିବେ । ଆଉ ତୁମେ ତାକୁ କଣ ପ୍ରତିଷ୍ଠା କରିବା।

ତାଙ୍କର ଧନ, ତାଙ୍କରି ମନ, ତାଙ୍କରି ଫୁଲ ଫଳକୁ ତାଙ୍କୁ ଦେଇ ତୁମେ ଭାବୁଛ ଆମେ ସବୁ କରି ଦେଉଛୁ । ଆମଠାରୁ ଦାନୀ, ମାନୀ, ଧନୀ ଏ ଦୁନିଆରେ ଆଉ କେହି ନାହାଁନ୍ତି । ଆଉ ନିଜକୁ ଟିକେ ଭାବ ତୁମେ ସେହି ପାଣି ଫୋଟକା ମିଳେଇ ଯିବ ନିମିଷକ ମଧ୍ୟରେ ତୁମର ସତା ଓ ପତା ତୁମର ପୁତ୍ର ନାତିମାନେ ମଧ୍ୟ ମନେରଖିନଥିବେ । ଏଣୁ କାହାକୁ ନେଇ ଏତେ ଗର୍ବ ଅହଂକାର ଟିକେ ଭାବି ଦେଖ ସତ୍ୟକୁ ଆଧାରରେ କର ଦେଖିବ ସବୁ ସେଇ ଏକ ପରମାତ୍ମା ପରମ ପିତା । ହରି ଓଁ ।

◆◆

# ସାଧାରଣ ନାଗରିକ ପାଇଁ ଗଣତନ୍ତ୍ର ଅସହାୟ



ଡ. ଚନ୍ଦ୍ରକଳା ନାୟକ
ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ
ଛତିଆ, ଯାଜପୁର,
ମୋ-୯୪୩୭୯୫୭୬୧୭

ଶାସନ ପଦ୍ଧତି ମଧ୍ୟରୁ ଗଣତନ୍ତ୍ର ହିଁ ସର୍ବୋତ୍କୃଷ୍ଟ। ଗଣତନ୍ତ୍ର ଶାସନର ଅର୍ଥ ଗଣଙ୍କର ଶାସନ। ଯେଉଁ ଶାସନ ଗଣଙ୍କ ଦ୍ୱାରା, ଗଣଙ୍କ ପାଇଁ, ଗଣଙ୍କର , ତାକୁ ଗଣତନ୍ତ୍ର କୁହାଯାଏ। ଗଣତନ୍ତ୍ର ଶାସନ ଅର୍ଥ ନୁହେଁ ନିଜକୁ ଶାସନ କରିବା। ଏପରି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଅସମ୍ଭବ। ତେଣୁ ଗଣତନ୍ତ୍ର ଶାସନରେ ଜନତା ଦ୍ୱାରା, ଜନତାର ଶାସନ ପ୍ରତ୍ୟକ୍ଷ ନହୋଇ ପରୋକ୍ଷ ଭାବରେ ହୋଇଥାଏ। ସିଧା ସଳଖ ଭାବରେ ଶାସନକର୍ତ୍ତା ହୁଅନ୍ତି, ଏହି ଜନତାର ପ୍ରତିନିଧି। ଯାହାଙ୍କୁ ଲୋକମାନେ ନିଜେ ବାଛନ୍ତି, ଯାହାଙ୍କ ହାତରେ ଶାସନ କ୍ଷମତା ଓ ଶାସନ ଭାର ଦେଇଥାନ୍ତି । ଏଥିରେ ଶାସନ ଓ ଶାସିତ ଏକ ଓ ଅଭିନ୍ନ। ସେଥିପାଇଁ ଏଥିରେ ସାମାଜିକ ନ୍ୟାୟ, ଅର୍ଥନୈତିକ ସମତା, ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଲାଭ କରିବା ସଙ୍ଗେ ସଙ୍ଗେ ସମଷ୍ଟିଗତ ପ୍ରଗତି ହିଁ ଏ ଶାସନର ମୂଳଲକ୍ଷ୍ୟ।

ଦୁଇଶହ ବର୍ଷ ତଳେ ହୋଇଥିବା ଫରାସୀ ବିପ୍ଳବ ଇତିହାସକୁ ଏକ ବିଶେଷ ବେଗ ଓ ଉଦ୍‌ବେଳନ ଆଣି ଦେଇଥିଲା। ଏହି ଫରାସୀ ବିପ୍ଳବ ସାରା ବିଶ୍ୱକୁ ଦୋହଲାଇ ଦେଇଥିଲା। ସେଇ ବିପ୍ଳବୀ ମାନଙ୍କ ସ୍ଲୋଗାନ ଅନୁସାରେ, ସର୍ବପ୍ରଥମେ ହେଉଛି ସ୍ୱାଧୀନତା, ଦ୍ୱିତୀୟରେ ସମାନତା ଓ ତୃତୀୟରେ ଭାତୃତ୍ୱ ପ୍ରତିଷ୍ଠା ପାଇଁ ସେମାନଙ୍କ ଆନ୍ଦୋଳନର ମୂଳ ଲକ୍ଷ୍ୟ ଥିଲା। ସାରା ପୃଥିବୀରେ ମଣିଷଙ୍କ ପାଇଁ ରାଜତନ୍ତ୍ର ବିରୋଧରେ ନୂଆ ପଥ ଯୋଗାଇ ଦେଇଥିଲା ଏଇ ତିନୋଟି ଶବ୍ଦ। ଫରାସୀ ବିପ୍ଳବ କାଳୀନ ଅର୍ଥ ସନ୍ଦର୍ଭରେ ଶାସନତନ୍ତ୍ରରେ ପରିବର୍ତ୍ତନ ହେଲା। ରାଜତନ୍ତ୍ର ଶାସନରୁ ମୁକ୍ତ ହୋଇ ଗଣତନ୍ତ୍ର ପ୍ରତିଷ୍ଠା ହେଲା। ଲୋକ ପ୍ରତିନିଧି ମନୋନୟନ ଗଣତନ୍ତ୍ରର ମେରୁଦଣ୍ଡ। ଯେଉଁ ଦେଶର ଲୋକ ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ, ନିଜ ନାଗରିକ ଅଧିକାର ତଥା ପ୍ରତିନିଧି ବାଛିବାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ, ସେ ଦେଶ ମାନଙ୍କରେ ଭୋଟଦାତା ମାନେ ଲୋକ ପ୍ରତିନିଧି ହେବା ପାଇଁ ଉପଯୁକ୍ତ। ପ୍ରତ୍ୟେକ ବ୍ୟକ୍ତିର ଦୋଷଗୁଣ, କ୍ରିୟା କଳାପ, ଚିନ୍ତାଧାରା, ମାନସିକ ଦୃଷ୍ଟିକୋଣ, ସାଧୁତା ଓ ସଚ୍ଚୋଟ ପଣିଆ ତଥା ଦକ୍ଷତା ସମ୍ବନ୍ଧରେ ବ୍ୟକ୍ତିଗତ ଭାବରେ ଜ୍ଞାନ ସଂଗ୍ରହ କରି ଉପଯୁକ୍ତ ପ୍ରତିନିଧି ବାଛିବା ପ୍ରତ୍ୟେକ ଜନସାଧାରଣଙ୍କ କର୍ତ୍ତବ୍ୟ। ଆମ ଦେଶର ଜନସାଧାରଣଙ୍କ ଅଭିଜ୍ଞତାରୁ ମନେହୁଏ, ଏହା ଆଲୋଚନା କରିବା କେବଳ ତାତ୍ତ୍ୱିକ ଓ ପୋଥିଗତ। ଛୁଆଁ ଅଛୁଆଁର ପୀଠସ୍ଥଳୀ ଭାରତ ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ବହୁ ପଛରେ। ପୁଞ୍ଜିପତିର ବିଶାଳ ପ୍ରାସାଦ ଓ ଭିକାରୀର ପତ୍ର କୁଡିଆ ମଧ୍ୟରେ ଅର୍ଥନୈତିକ ସମତାର ଆଶା କେବଳ କଳ୍ପନା ବିଳାସ। କୁସଂସ୍କାର ପୂର୍ଣ୍ଣ ସାଧାରଣ ଶିକ୍ଷା ବିହୀନ ସମାଜରେ ବ୍ୟକ୍ତିଗତ ଅଧିକାର ଆକାଶ କୟାଁ ଚିଲିକା ମାଛ ପରି ସ୍ୱପ୍ନିଳ। ବେଳେବେଳେ ସ୍ୱତଃ ମନରେ ପ୍ରଶ୍ନ ଆସେ ଗଣତନ୍ତ୍ରକୁ ଯାହା ବୋଲି ଘୋଷଣା କରାଯାଏ, ସତରେ କଣ ତାହା କି ?

ଯେଉଁ ଦେଶ ନାଗରିକ ନିଜ ଅଧିକାର ତଥା କର୍ତ୍ତବ୍ୟ ଜ୍ଞାନ ସମ୍ବନ୍ଧରେ ଅଜ୍ଞ, ସେ ଦେଶ ମାନଙ୍କରେ ଗୁଣ ଅପେକ୍ଷା ପ୍ରୋପାଗଣ୍ଡା କିମ୍ବା ଅପପ୍ରଚାର ବିଶେଷ କାମ କରେ। ବହୁବିଧ ଅସମାନତା ତଥା ଉପେକ୍ଷାକୁ ସାମୁହିକ ଜୀବନ କାରବାର ମାନଙ୍କରେ ମୁଖ୍ୟ ମିମାଂଶକ ରୂପେ ଯୋଡି ରଖିଥିବା ସ୍ୱାର୍ଥୀପକ୍ଷଟି ସର୍ବଦା କ୍ଷମତା ଗୁଡିକୁ ଦଖଲ କରି ଆପଣାର ବିଶେଷ ସ୍ୱାର୍ଥ ସାଧନରେ ବ୍ୟବହାର କରିଛନ୍ତି। ପୃଥିବୀରେ ଶାସନ ସ୍ତରୀୟ ଗଢଣ ଗୁଡିକ ରାଜତନ୍ତ୍ରରୁ ଏକ ଗଣତନ୍ତ୍ରୀୟ ଚେହେରାକୁ ବଦଳି ଯାଇଥିଲେ ମଧ୍ୟ ପୁରୁଣା ସ୍ୱାର୍ଥୀମାନେ ପୂର୍ବପରି ସକ୍ରିୟ ହୋଇ ରହୁଛନ୍ତି। ଦେଶର ଅଶିକ୍ଷା, ଦାରିଦ୍ର୍ୟ, ରୋଗ, ନିତିଦିନର ସ୍ୱାଭାବିକ ଶୈଳୀ ପ୍ରାୟ ହୋଇ କୋଟି କୋଟି ମନୁଷ୍ୟଙ୍କ ଭାଗ୍ୟକୁ ଏହି ବ୍ୟବସ୍ଥା କାମୁଡି ଧରିଛି। ଭାରତୀୟ ଗଣତନ୍ତ୍ରରେ ଅନଟନ ଅବିଚ୍ଛିନ୍ନ ଜାରି ରହିଛି।

ଭାରତର ଗଣତନ୍ତ୍ରର ପ୍ରଥମ କାଳରେ ବିପ୍ଳବୀ ମାନଙ୍କର ଯେଉଁ ଆଭିମୁଖ୍ୟ ଥିଲା, ପରବର୍ତ୍ତୀ ସମୟରେ ପରିବର୍ତ୍ତିତ ହୋଇଗଲା। ଭାରତୀୟ ଗଣତନ୍ତ୍ରରେ ଯେଉଁ ଜାତୀୟବାଦକୁ ଆଶ୍ରୟ କରାଗଲା, ତାହା ସମଗ୍ର ଭାରତ ଭୂଖଣ୍ଡରୁ ଶୋଷଣ ତଥା ଯାବତୀୟ ଆନୁସଙ୍ଗିକ ଯାବତୀୟ ଅସାମନତାକୁ ଦୂର କରିବାର ନିଜର ସେଇ ପ୍ରଥମ ଲକ୍ଷ୍ୟଟି ଧୀରେ ଧୀରେ ଗୌଣ ହୋଇଗଲା। ଗଣତନ୍ତ୍ର ଶାସନର ସଫଳ ପ୍ରତିଫଳନ ମରିଚିକା ପରି ହାତଛଡା ହେଲା। ଆମ ଦେଶରେ କେତେ ବିରାଡି ବୈଷ୍ଣବ ଶାସନ କ୍ଷମତା ପାଇବା ଲୋଭରେ ଜନପ୍ରତିନିଧି ହେବାକୁ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ କରିଦେଲେ। ବାଜା ବଜାଇ, ନାଚ ଗୀତ କରି , ସଭା ସମିତିରେ ଛାତି ପିଟି ବାହାସ୍ଫୋଟ ମାରି, ଧୂଆଁବାଣର ମିଛ ପ୍ରତିଶୃତି ଛାଡି, ଭଡାଟିଆ ଲୋକଙ୍କ ସାହାଯ୍ୟରେ ଭ୍ରମ ବାଢେଇ, ଧନ କାର୍ପଣ୍ୟ ଓ ସେବାର ଆଶ୍ରୟ ନେଇ ପ୍ରତିନିଧି ମାନେ ମିଥ୍ୟା ପ୍ରଚାର କରି, ଲୋକଙ୍କୁ ଭୟ ଦେଖାଇ, ଅପ ପ୍ରଚାର ବଳରେ କଳାକୁ ଧଳା ଓ ଧଳାକୁ କଳା କରିବାକୁ ଚେଷ୍ଟା ଜାରି ରଖିଲେ।

ସାଧାରଣ ଜନତା ଯେତେବେଳେ ଭଲ ମନ୍ଦ ଚିହ୍ନିବାର ଯୋଗ୍ୟତା ହରାଇ ବସନ୍ତି, ସେଠାରେ ପ୍ରୋପାଗଣ୍ଡାର ହିଁ ଜୟ ହୁଏ। ମନକୁ ସ୍ୱତଃ ପ୍ରଶ୍ନ ଆସେ ପ୍ରୋପାଗାଣ୍ଡା କଣ ? ମିଥ୍ୟାକୁ ସତ୍ୟରେ ପରିଣତ କରିବା ହିଁ ପ୍ରୋପାଗାଣ୍ଡା। ତିନି ତୁଣ୍ଡରେ ଛେଳି କୁକୁର ହେବା ପରି ଗଣତନ୍ତ୍ର ଶାସନରେ ଲୋକ ପ୍ରତିନିଧି ଶାସନ କ୍ଷମତା ନିଜ ହାତକୁ ଆଣୁଛନ୍ତି। ଆଜି ଆମ ଦେଶରେ ଅନେକ ଲୋକ ଅଛନ୍ତି, ସଜ ମାଛରେ ବି ପୋକ ପକାଇବା କାମ କରୁଛନ୍ତି। କେବଳ ତିନି ତୁଣ୍ଡ ନୁହେଁ ତା ସାଙ୍ଗକୁ ପ୍ରଚାର ପତ୍ର, କାନ୍ଥବାଡ ଲେଖା, ଆଧୂନିକ ସଙ୍ଗୀତ, ସିନେମା, ରେଡିଓ, ସଭାସମିତି, ଶୋଭାଯାତ୍ରା ଓ ଡିଜିଟାଲ ମାଧ୍ୟମରେ ଅନେକ ନୂତନ ଆଧୁନିକ ଢଙ୍ଗରେ ଏହି ପ୍ରଚାର ଅସ୍ତ୍ର ସାଧାରଣ ଆଖିକୁ ଚମକାଇ ଦେଉଛି । ସେହିଭଳି ପ୍ରାର୍ଥୀଙ୍କ ପାଖରେ ଧନର ଅଭାବ ନଥିବାରୁ ଏଭଳି ପ୍ରୋପାଗାଣ୍ଡା କରି ପାରୁଛନ୍ତି । ଯେଉଁଠାରେ ଶିକ୍ଷିତ ଭୋଟର ଉଦାସୀନ ସେହିଠାରେ ଅନେକ କ୍ଷେତ୍ରରେ କେବଳ ଅପପ୍ରଚାର ଦ୍ୱାରା ଜନପ୍ରତିନିଧି ମାନଙ୍କ ଜୟ ହୋଇଥାଏ। ଏହିପରି ଅସତ ଉପାୟରେ, ଅପପ୍ରଚାର ଶକ୍ତି ବଳରେ ଜିଣିଥିବା ଗୁଣହୀନ ଓ ନୀତିହୀନ କେତେକ ଜନପ୍ରତିନିଧି ନିଜର ହାତରେ କ୍ଷମତା ପାଇ ସେମାନେ ଦେଶର ଗରୀବ ଜନତାଙ୍କ ମଧ୍ୟରେ ସୀମିତ ସୁବିଧା ବାଣ୍ଟିବା ବେଳେ ମାଙ୍କଡ ଓ ଦୁଇ ବିରାଡିଙ୍କ ମଧ୍ୟରେ ପିଠା ବାଣ୍ଟିବା ନ୍ୟାୟରେ , ଏପଟୁ ପୁଳେ ସେପଟୁ ପୁଳେ କାଢି ଆଣି ନିଜ ପକେଟରେ ଭର୍ତ୍ତି କରି ନେଉଛନ୍ତି। ତରାଜୁର ଦୁଇପଟ ଖାଲି ହେବା ପରେ ବିଚରା ଜନତା ଜନାର୍ଦ୍ଦନ ମିଟି ମିଟି କରି ଅନାଇ ରହିବା ହିଁ ସାର ହେଉଛି। ଆଜିକାଲିର ଜନପ୍ରତିନିଧି ଠିକ ବାଉଁସ ରାଣୀର ଖେଳ ପରି ଖେଳ କରି ନିଜର ଦିଗ ପରି ମନ ବି ପରିବର୍ତ୍ତନ କରୁଛନ୍ତି। ଥରେ ଏହି ଖେଳ ଭାଙ୍ଗିଗଲେ, ପୁଣି ନୂଆ ଅଭିନୟ ଆରମ୍ଭ ହେଉଛି, ଠିକ ପୂର୍ବପରି ଢଙ୍ଗରେ। ଫରକ ଏତିକି, ସେଇ ଜନତା, ସେଇ ନେତା, ସେଇ ଖେଳ, ସେଇ ଭ୍ରଷ୍ଟାଚାର , ବ୍ୟବଧାନ କେବଳ ସମୟ।

ଯେଉଁ ଲୋକ ପ୍ରତିନିଧି କିଛି ଅର୍ଥ, କିଛି ଉପହାର, କିଛି ଭୋଜିଭାତ ଦ୍ୱାରା ଜନତାଙ୍କ ମୁଣ୍ଡ କିଣି ଥାଏ ସେହି ପ୍ରତିନିଧି କିପରି ନିଜର ସଚ୍ଚୋଟ ପଣିଆକୁ କିପରି ଆପଣେଇ ପାରିବ ? ଗଣତନ୍ତ୍ର ବା ଏଥିପାଇଁ ଦୋଷୀ କାହିଁକି ହେବ। ଗଧିଆ ଯଦି ମେଣ୍ଢା ପୋଷା କରେ, ମେଣ୍ଢାଙ୍କ ମେଳରେ ପଶି , ଗୋଟି ଗୋଟି ମେଣ୍ଢାଙ୍କୁ ଖାଇବାକୁ ଆରମ୍ଭ କରିଦିଏ, ସେଥିପାଇଁ ଦୋଷୀ କିଏ ? ଗଧିଆ ନାଁ ମେଣ୍ଢା ? ଏଭଳି ଅବସ୍ଥାରେ ସମାଜରେ ବୁଦ୍ଧିଜୀବି ବୋଲାଉଥିବା ଗୋଷ୍ଠୀଟିର ଭୂମିକା ମଧ୍ୟ ଉଦବେଗ ଜନକ। ଶ୍ରୀ ଜଗନ୍ନାଥ ମହାପ୍ରଭୁ ତାଙ୍କ ଜଗତର ମଙ୍ଗଳ ପାଇଁ ଏମାନଙ୍କ ଉପରେ ସମାଜକୁ ବାଟ ଦେଖାଇବାର ଗୁରୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ହେଲେ ଏହି ଗୋଷ୍ଠୀର ଅତ୍ୟଧିକ ଭାଗ ବୁଦ୍ଧିଜୀବୀର ଛଦ୍ମ ରୂପରେ ଏଭଳି ଭ୍ରଷ୍ଟାଚାରୀ ନେତାଙ୍କ ସହ ନିଜ ସ୍ୱାର୍ଥ ପାଇଁ ଅନୈତିକ ଭାବ କରିଥାନ୍ତି। ଏପରିକି ସେମାନେ ଏବେ ନିର୍ଦ୍ଦିଷ୍ଟ ସ୍ତମ୍ଭ କିମ୍ବା ମାଧ୍ୟମରେ ଅନୁପ୍ରବେଶ କରି ନିଜର ଆସ୍ଥାନ ଜମାଇ ସମାଜ ପାଇଁ ସମ୍ମାନ ଜନକ ସାଜିଥିବା ଏହି ସ୍ତମ୍ଭ ନେଇ ବଡ ପ୍ରଶ୍ନବାଚୀ ଠିଆ କରିଛନ୍ତି। ଏହାସତ୍ତ୍ୱେ ବି ଏହି ବର୍ଗର ଥିବା ନିଷ୍ଠାପର ବ୍ୟକ୍ତିଙ୍କ ନିଷ୍ଠାପରତା ଅନେକ ସମୟରେ ପାଉଁସ ତଳର ନିଆଁ ହୋଇ ଭ୍ରଷ୍ଟାଚାରୀ ଓ ଭ୍ରଷ୍ଟାଚାରର ସାମ୍ରାଜ୍ୟକୁ ପୋଡି ପାଉଁସ କରି ଦେଇଛି। ଏ କ୍ଷେତ୍ରରେ ସମାଜ ଠାରୁ ବୁଦ୍ଧିଜୀବିର ମାନ୍ୟତା ଦାବି କରୁଥିବା ସମ୍ମାନୀୟ ଗୋଷ୍ଠୀ ଓ ଗଣଚେତନା ସୃଷ୍ଟିକାରୀ ମାଧ୍ୟମରେ ସଂପୃକ୍ତମାନେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଶାନ୍ତ, ସମୃଦ୍ଧ ଓ ଶୃଙ୍ଖଳିତ ଜଗତ ଗଠନ ପାଇଁ ଶତ ପ୍ରତିଶତ ନିଷ୍ଠା ଅତ୍ୟାବଶ୍ୟକ।

ଗଣତନ୍ତ୍ର ଶ୍ରେଷ୍ଠ ଶାସନ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। କଥାରେ ଅଛି, ଯିଏ ଯେଉଁ ଶାସନ ପାଇଁ ଉପଯୁକ୍ତ, ସେ ତାହା ହିଁ ପାଏ। ଆଜି ପ୍ରତ୍ୟେକ ଜନସାଧାରଣ ସେମାନଙ୍କ ଅବସ୍ଥା ପାଇଁ ସେମାନେ ନିଜେ ହିଁ ଦାୟୀ। ଆତ୍ମ ସମୀକ୍ଷା ନକରି ଗଣତନ୍ତ୍ରକୁ ଦୋଷ ଦେବା ଆଦୌ ଗ୍ରହଣୀୟ ନୁହେଁ। ଅର୍ଥ, ଖାଦ୍ୟ, ପଦପଦବୀ ଲାଳସାରେ ଆଜି ସାଧାରଣ ଜନତା ନିଜେ ନିଜ ବିବେକକୁ ନେତା ମାନଙ୍କ ନିକଟରେ ବନ୍ଧା ପକାଇବା ହିଁ ଗଣତନ୍ତ୍ର ପାଇଁ ବଡ ସଙ୍କଟ ହୋଇଛି। ଗଣଶିକ୍ଷା ଓ ଗଣ ଚେତନାକୁ ଜାଗ୍ରତ ନକରି ପାରିବା ଆମ ମାନଙ୍କର ପ୍ରଥମ ଦୁର୍ବଳତା। ଏ କ୍ଷେତ୍ରରେ ସମାଜ ଠାରୁ ବୁଦ୍ଧିଜୀବିର ମାନ୍ୟତା ଦାବି କରୁଥିବା ସମ୍ମାନୀୟ ଗୋଷ୍ଠୀ ଓ ଗଣଚେତନା ସୃଷ୍ଟିକାରୀ ମାଧ୍ୟମରେ ସଂପୃକ୍ତମାନେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଶାନ୍ତ, ସମୃଦ୍ଧ ଓ ଶୃଙ୍ଖଳିତ ଜଗତ ଗଠନ ପାଇଁ ଶତ ପ୍ରତିଶତ ନିଷ୍ଠା ଅତ୍ୟାବଶ୍ୟକ। ସେଥିପାଇଁ ମନ ଭିତରେ ସ୍ୱାଭାବିକ ଭାବେ ପ୍ରଶ୍ନ ଆସେ, ଆମେ କଣ ଗଣତନ୍ତ୍ର ଶାସନ ପାଇଁ ଉପଯୁକ୍ତ ?

# ସୁବିଧା ସନ୍ଧାନରେ ସ୍ୱାଧୀନତା ହ୍ରାସ



ସୁବ୍ରତ କୁମାର ଦାସ
(ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ)
ମୋ:୯୪୩୭୭୩୧୯୦୩

ବିଜ୍ଞାନ ମଣିଷର ଜୀବନକୁ ସହଜ, ସୁନ୍ଦର ଓ ସୁବିଧାଜନକ କରିବା ପାଇଁ ଯନ୍ତ୍ରର ସୃଷ୍ଟି କରିଛି। ଚକଠାରୁ ଆରମ୍ଭ କରି କମ୍ପ୍ୟୁଟର, ମୋବାଇଲ, ରୋବୋଟ ଓ କୃତ୍ରିମ ବୁଦ୍ଧିମତ୍ତା ପର୍ଯ୍ୟନ୍ତ ପ୍ରତ୍ୟେକ ଆବିଷ୍କାର ମଣିଷର କଷ୍ଟକୁ କମାଇବା ଏବଂ ସମୟକୁ ସଞ୍ଚୟ କରିବା ପାଇଁ ହୋଇଛି। କିନ୍ତୁ ଦୁଃଖର ବିଷୟ, ଆଜି ଯନ୍ତ୍ର ମଣିଷର ସେବକ ହୋଇ ରହିବା ପରିବର୍ତ୍ତେ ଧୀରେ ଧୀରେ ତାହାର ମାଲିକ ପାଲଟିବାକୁ ବସିଛି। ଯେଉଁ ମଣିଷ ଯନ୍ତ୍ର ସୃଷ୍ଟି କରିଥିଲା, ସେହି ମଣିଷ ଆଜି ଯନ୍ତ୍ରର ଦାସ ପାଲଟୁଛି। ପ୍ରଯୁକ୍ତିର ଅଗ୍ରଗତି ନିଶ୍ଚିତ ଭାବେ ସଭ୍ୟତାର ବିକାଶର ପ୍ରତୀକ। କିନ୍ତୁ ଯେତେବେଳେ ସୁବିଧା ଅଭ୍ୟାସରେ, ଅଭ୍ୟାସ ନିଶାରେ ଓ ନିଶା ନିର୍ଭରଶୀଳତାରେ ପରିଣତ ହୁଏ, ସେତେବେଳେ ମଣିଷ ନିଜର ସ୍ୱାଧୀନ ଚିନ୍ତାଶକ୍ତି, କର୍ମଦକ୍ଷତା ଓ ସମୟ ଉପରେ ନିୟନ୍ତ୍ରଣ ହରାଇ ବସେ। ଆଜି ଆମର ଦୈନନ୍ଦିନ ଜୀବନର ପ୍ରାୟ ପ୍ରତ୍ୟେକ କାମ ଯନ୍ତ୍ର ଉପରେ ନିର୍ଭରଶୀଳ। ସକାଳେ ଆଲାର୍ମରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ମୋବାଇଲ, କମ୍ପ୍ୟୁଟର, ଟେଲିଭିଜନ, ଇଣ୍ଟରନେଟ ଓ ବିଭିନ୍ନ ଡିଜିଟାଲ ଉପକରଣ ଆମର ଜୀବନକୁ ନିୟନ୍ତ୍ରଣ କରୁଛି। ଏହି ନିର୍ଭରଶୀଳତାର ସବୁଠାରୁ ବଡ଼ ଉଦାହରଣ ହେଉଛି ମୋବାଇଲ ଫୋନ। ଦିନେ ସମୟ ଥିଲା, ଯାହା କେବଳ ଯୋଗାଯୋଗର ମାଧ୍ୟମ ଥିଲା, ଆଜି ସେହି ମୋବାଇଲ ଆମର ଜୀବନର କେନ୍ଦ୍ରବିନ୍ଦୁ ପାଲଟିଯାଇଛି। ଅନେକଙ୍କ ପାଇଁ ମୋବାଇଲ ବିନା ଗୋଟିଏ ଦିନ ଚଳିବା ବା କଳ୍ପନା କରିବା କଷ୍ଟକର ହୋଇ ପଡ଼ିଛି। ଖାଇବା, ପଢ଼ିବା, କାମ କରିବା, ଭ୍ରମଣ, କିଣାକିଣି, ବ୍ୟାଙ୍କ କାରବାର, ମନୋରଞ୍ଜନ ଇତ୍ୟାଦି ସବୁକିଛି ମୋବାଇଲର ବିନା ସାହାରାରେ ହେବା ଅସମ୍ଭବ ହୋଇ ଯାଇଛି। ଏହାର ସୁବିଧା ଯେତେ ବଢୁଛି, ମଣିଷର ନିର୍ଭରଶୀଳତା ମଧ୍ୟ ସେତେ ବଢ଼ିଚାଲିଛି। ସବୁଠାରୁ ବଡ଼ କ୍ଷତି ହେଉଛି, ଯନ୍ତ୍ର ଆମର ସମୟକୁ ଗ୍ରାସ କରୁଛି। ପାଞ୍ଚ ମିନିଟ ପାଇଁ ମୋବାଇଲ ହାତକୁ ନେଇଥିବା ମଣିଷ ଅଜାଣତରେ ଘଣ୍ଟା ଘଣ୍ଟା ଧରି ସ୍କ୍ରିନରେ ବନ୍ଦୀ ହୋଇଯାଉଛି। ପରିବାର ସହ କଥାବାର୍ତ୍ତା, ପୁସ୍ତକ ପଢ଼ିବା, ବ୍ୟାୟାମ, ପ୍ରକୃତି ସହ ସମୟ ବିତାଇବା ଭଳି ଅଭ୍ୟାସ ଧୀରେ ଧୀରେ ହଜି ଯାଉଛି। ବାସ୍ତବ ଜୀବନର ସମ୍ପର୍କ ଦୁର୍ବଳ ହେଉଥିବା ବେଳେ ଭର୍ଚୁଆଲ ସମ୍ପର୍କ ଦୃଢ଼ ହେଉଛି। ଯନ୍ତ୍ର ମଣିଷର ପରିଶ୍ରମକୁ କମାଇଛି, କିନ୍ତୁ ଏହା ସହିତ ଶାରୀରିକ ସକ୍ରିୟତାକୁ ମଧ୍ୟ କମାଇ ଦେଇଛି। ଫଳରେ ଆଳସ୍ୟ, ମୋଟାପଣ, ମଧୁମେହ, ଉଚ୍ଚ ରକ୍ତଚାପ, ହୃଦରୋଗ ଭଳି ଜୀବନଶୈଳୀ ଜନିତ ରୋଗ ବଢ଼ିଚାଲିଛି। ଘଣ୍ଟା ଘଣ୍ଟା ଧରି ସ୍କ୍ରିନ ସାମ୍ନାରେ ବସି ରହିବା ଯୋଗୁଁ ଆଖି, ବେକ, ମେରୁଦଣ୍ଡ ଓ ମସ୍ତିଷ୍କ ଉପରେ ମଧ୍ୟ କୁପ୍ରଭାବ ପଡୁଛି। ସୁବିଧାର ସନ୍ଧାନରେ ଆମେ ସ୍ୱାସ୍ଥ୍ୟକୁ ବିପଦରେ ପକାଉଛନ୍ତି।

ମାନସିକ କ୍ଷେତ୍ରରେ ମଧ୍ୟ ଏହାର ପ୍ରଭାବ କମ୍ ନୁହେଁ। ସୋସିଆଲ ମିଡିଆର ତୁଳନା, ଲାଇକ୍, କମେଣ୍ଟ ଓ ଭର୍ଚୁଆଲ ସ୍ୱୀକୃତିର ଆଶା ମଣିଷକୁ ଚିନ୍ତା, ଅବସାଦ ଓ ଏକାକୀପଣ ଆଡ଼କୁ ଠେଲି ଦେଉଛି। ମଣିଷ ନିଜ ପାଖରେ ବସିଥିବା ଲୋକ ଠାରୁ ଅଧିକ ଦୂରରେ ଥିବା ଲୋକଙ୍କ ସହ କଥା ହେଉଛି। ଘରେ ସମସ୍ତେ ଏକାଠି ଥିଲେ ମଧ୍ୟ ମନରେ ସମସ୍ତେ ଅଲଗା ଅଲଗା। ଆଜିର ପିଲାମାନେ ଖେଳ ପଡ଼ିଆ ପରିବର୍ତ୍ତେ ମୋବାଇଲ ସ୍କ୍ରିନରେ ଶୈଶବ ଖୋଜୁଛନ୍ତି। ଯୁବପିଢ଼ି ସମୟର ମୂଲ୍ୟ ବୁଝିବା ପରିବର୍ତ୍ତେ ରିଲ୍ ଓ ଗେମ୍‌ରେ ଘଣ୍ଟା ଘଣ୍ଟା ବିତାଉଛନ୍ତି। ବୟସ୍କମାନେ ମଧ୍ୟ ପରିବାର ସହ ସମୟ କାଟିବା ପରିବର୍ତ୍ତେ ମୋବାଇଲରେ ବ୍ୟସ୍ତ ରହୁଛନ୍ତି। ଏହା ଏକ ନିରବ ସାମାଜିକ ସଙ୍କଟ। ତେବେ କ'ଣ ଯନ୍ତ୍ର ଖରାପ ? ନା, କେବେ ବି ନୁହେଁ। ଯନ୍ତ୍ର ମଣିଷର ଅଦ୍ଭୁତ ସୃଷ୍ଟି। ଦୋଷ ଯନ୍ତ୍ରର ନୁହେଁ, ବରଂ ଏହାର ଅତ୍ୟଧିକ ଓ ଅସଚେତନ ବ୍ୟବହାରର ପାଇଁ ଆମେ ଅଯଥାରେ ହଇରାଣ ହେଉଛନ୍ତି। ଯେପର୍ଯ୍ୟନ୍ତ ଯନ୍ତ୍ର ଆମର ଆବଶ୍ୟକତା ପୂରଣ କରୁଛି, ସେପର୍ଯ୍ୟନ୍ତ ସେ ଆମର ସେବକ। କିନ୍ତୁ ଯେତେବେଳେ ଆମେ ଯନ୍ତ୍ର ବିନା ନିଜକୁ ଅସହାୟ ମନେ କରୁଛୁ, ସେତେବେଳେ ବୁଝିବା ଉଚିତ ଯେ ଆମେ ତାହାର ଦାସ ପାଲଟି ସାରିଛୁ।

ଏହି ପରିସ୍ଥିତିରୁ ମୁକ୍ତି ପାଇବା ପାଇଁ ଆମକୁ ଡିଜିଟାଲ ଶୃଙ୍ଖଳା ଅବଲମ୍ବନ କରିବାକୁ ପଡ଼ିବ। ମୋବାଇଲ ଓ ଅନ୍ୟାନ୍ୟ ଯନ୍ତ୍ର ବ୍ୟବହାର ପାଇଁ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରିବା, ଅନାବଶ୍ୟକ ବ୍ୟବହାର କମାଇବା, ପ୍ରତିଦିନ କିଛି ସମୟ 'ଯନ୍ତ୍ର-ମୁକ୍ତ' ଜୀବନ ବଞ୍ଚିବା, ପୁସ୍ତକ ପଢ଼ିବା, ବ୍ୟାୟାମ କରିବା, ପରିବାର ସହ କଥାବାର୍ତ୍ତା ଓ ପ୍ରକୃତି ସହ ସମୟ ବିତାଇବା ଆବଶ୍ୟକ। ପ୍ରଯୁକ୍ତିକୁ ଜୀବନର ସାହାଯ୍ୟକାରୀ କରିବା ଉଚିତ, ଜୀବନର ନିୟନ୍ତ୍ରକ ନୁହେଁ। ତେବେ ଯଥାର୍ଥରେ, ମଣିଷର ପ୍ରକୃତ ଶକ୍ତି ତାହାର ବୁଦ୍ଧି, ବିବେକ ଓ ମାନବିକତାରେ ରହିଛି, ଯନ୍ତ୍ରରେ ନୁହେଁ। ଯଦି ଆମେ ଯନ୍ତ୍ରକୁ ନିୟନ୍ତ୍ରଣ କରିବା, ତେବେ ସେ ଆମର ଉନ୍ନତିର ସୋପାନ ହେବ; କିନ୍ତୁ ଯଦି ଯନ୍ତ୍ର ଆମକୁ ନିୟନ୍ତ୍ରଣ କରିବ, ତେବେ ଆମେ ନିଜ ସୃଷ୍ଟିର ଦାସ ପାଲଟିଯିବା। ତେଣୁ, ମନେ ରଖିବା ଉଚିତ, ଯନ୍ତ୍ର ମଣିଷ ପାଇଁ ସୃଷ୍ଟି ହୋଇଛି; ମଣିଷ କେବେ ବି ଯନ୍ତ୍ର ପାଇଁ ନୁହେଁ।ଏହି ସତ୍ୟକୁ ହୃଦୟଙ୍ଗମ କରିପାରିଲେ ହିଁ ପ୍ରଯୁକ୍ତିର ଯୁଗରେ ମଧ୍ୟ ଆମେ ସ୍ୱାଧୀନ, ସୁସ୍ଥ ଓ ସନ୍ତୁଳିତ ଜୀବନ ବଞ୍ଚିପାରିବା।

# କୃଷ୍ଣସାର ମୃଗ – ଗଞ୍ଜାମର ଗୌରବ



ବିଶ୍ୱବିଜୟୀ ଦାଶ
ସମ୍ପାଦକ, ବ୍ରଜବିଳାସ ଇ-ପତ୍ରିକା
ବାଣପୁର, ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋ ନଂ- ୬୩୭୦୨୦୮୪୨୮

ଓଡ଼ିଶାର ଦକ୍ଷିଣ ଉପକୂଳବର୍ତ୍ତୀ ଗଞ୍ଜାମ ଜିଲ୍ଲା ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହ୍ୟ ଓ ଜୈବ ବିବିଧତା ପାଇଁ ସୁପରିଚିତ। ଏହି ଜିଲ୍ଲାର ଅନେକ ଗୌରବମୟ ସମ୍ପଦ ମଧ୍ୟରୁ କୃଷ୍ଣସାର ମୃଗ ଏକ ଅନନ୍ୟ ପରିଚୟ ବହନ କରେ। ଏହା କେବଳ ଏକ ବନ୍ୟପ୍ରାଣୀ ନୁହେଁ, ବରଂ ଗଞ୍ଜାମର ପ୍ରାକୃତିକ ଐତିହ୍ୟ, ପରିବେଶ ସଚେତନତା ଓ ଜୈବ ବିବିଧତାର ଜୀବନ୍ତ ପ୍ରତୀକ।

କୃଷ୍ଣସାର ମୃଗ ଭାରତର ସବୁଠାରୁ ସୁନ୍ଦର ଏବଂ ଦ୍ରୁତଗାମୀ ହରିଣ ପ୍ରଜାତିମାନଙ୍କ ମଧ୍ୟରୁ ଅନ୍ୟତମ। ପୂର୍ଣ୍ଣବୟସ୍କ ପୁରୁଷ ମୃଗର ଶରୀରର ଉପରିଭାଗ ଗାଢ଼ କଳା କିମ୍ବା କଳା-ବାଦାମୀ ରଙ୍ଗର ହୋଇଥାଏ ଓ ଏହାର ଲମ୍ବା ଶିଙ୍ଘ ଏହାକୁ ଏକ ଆକର୍ଷଣୀୟ ରୂପ ପ୍ରଦାନ କରେ। ଛୋଟ ମୃଗମାନେ ସାଧାରଣତଃ ହାଲୁକା ବାଦାମୀ ରଙ୍ଗର ହୋଇଥାନ୍ତି। ଖୋଲା ତୃଣଭୂମି ଓ ଉପକୂଳବର୍ତ୍ତୀ ଅଞ୍ଚଳ ଏହାର ପ୍ରିୟ ବାସସ୍ଥାନ। କୃଷ୍ଣସାର ମୃଗ ପାଇଁ ଗଞ୍ଜାମର ଭେଟନଇ ଅଞ୍ଚଳ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ନ' ଅଙ୍କ ଦୁର୍ଭିକ୍ଷ ସମୟରେ ୪/୫ଟି କୃଷ୍ଣସାର ମୃଗ ଗଞ୍ଜାମର ଭେଟନଇ ଅଂଚଳକୁ ଚାଲି ଆସିଥିଲେ। ସେମାନେ ଆସିବା ପରେ ସ୍ଥାନୀୟ ଅଂଚଳରେ ବର୍ଷା ହେବା ସହ କୃଷିଜୀବୀଙ୍କ ମୁହଁରେ ହସ ଫୁଟି ଉଠିଥିଲା। ଫଳରେ ସ୍ଥାନୀୟ ବାସିନ୍ଦା ଏହି କୃଷ୍ଣସାର ମୃଗଙ୍କୁ ଭଗବାନଙ୍କ ଦୂତ ବୋଲି ବିବେଚନା କଲେ । ସେହିଦିନଠାରୁ ସେମାନଙ୍କୁ ସୁଖ ଆଉ ସମୃଦ୍ଧିର ପ୍ରତୀକଭାବେ ଲୋକେ ବିବେଚନା କରି ଆସୁଛନ୍ତି।

ଏହି ପ୍ରଜାତିର ମୃଗ ଗଞ୍ଜାମ ଜିଲା ଘୁମୁସର ଦକ୍ଷିଣ ଖଣ୍ଡ ଏବଂ ଆସିକା, ବୁଗୁଡ଼ା ତହସିଲର ଭଞ୍ଜନଗର ରାଜସ୍ୱ ଉପଖଣ୍ଡରେ ଦେଖାଯାଆନ୍ତି ତତସହିତ ଗଞ୍ଜାମ ଜିଲ୍ଲାର ଉପକୂଳବର୍ତ୍ତୀ ଅଞ୍ଚଳ, ବିଶେଷକରି ହୁମ୍ମା, ରମ୍ଭା ଓ ଚିଲିକା ସଂଲଗ୍ନ ତୃଣଭୂମିରେ କୃଷ୍ଣସାର ମୃଗମାନଙ୍କର ଅବାଧ ବିଚରଣ ଦେଖିବାକୁ ମିଳେ। ଏହି ଅଞ୍ଚଳ ଓଡ଼ିଶାରେ କୃଷ୍ଣସାର ମୃଗ ସଂରକ୍ଷଣର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଚିତ। ପ୍ରତିବର୍ଷ ଅନେକ ପ୍ରକୃତିପ୍ରେମୀ, ବନ୍ୟଜନ୍ତୁ ଗବେଷକ ଓ ପର୍ଯ୍ୟଟକ ଏହି ମନୋରମ ପ୍ରାଣୀଙ୍କୁ ଦେଖିବା ପାଇଁ ଗଞ୍ଜାମକୁ ଆସିଥାନ୍ତି। ଏକ ସମୟରେ ବାସସ୍ଥାନ ନଷ୍ଟ ଓ ପରିବେଶୀୟ ପରିବର୍ତ୍ତନ କାରଣରୁ କୃଷ୍ଣସାର ମୃଗର ସଂଖ୍ୟା ହ୍ରାସ ପାଇଥିଲା। କିନ୍ତୁ ବନ ବିଭାଗ, ସ୍ଥାନୀୟ ଲୋକ ଓ ପରିବେଶପ୍ରେମୀ ସଂଗଠନମାନଙ୍କର ସମନ୍ୱିତ ପ୍ରୟାସ ଫଳରେ ଏହାର ସଂଖ୍ୟା ପୁଣି ବୃଦ୍ଧି ପାଇଛି। ଗଞ୍ଜାମବାସୀ କୃଷ୍ଣସାର ମୃଗକୁ ନିଜ ଅଞ୍ଚଳର ଗର୍ବ ଭାବେ ଦେଖନ୍ତି ଏବଂ ଏହାର ସୁରକ୍ଷା ପାଇଁ ସକ୍ରିୟ ସହଯୋଗ କରୁଛନ୍ତି।

କୃଷ୍ଣସାର ମୃଗର ଉପସ୍ଥିତି କେବଳ ପରିବେଶର ସନ୍ତୁଳନ ରକ୍ଷା କରେ ନାହିଁ, ବରଂ ଇକୋ-ଟୁରିଜମ୍‌ର ବିକାଶରେ ମଧ୍ୟ ସହାୟକ ହୋଇଥାଏ। ଏହା ଗଞ୍ଜାମର ପ୍ରାକୃତିକ ପରିଚୟକୁ ଜାତୀୟ ସ୍ତରରେ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଛି। ପ୍ରକୃତି ଓ ବନ୍ୟଜୀବ ସଂରକ୍ଷଣ ପ୍ରତି ଲୋକଙ୍କ ଆଗ୍ରହ ବଢ଼ାଇବାରେ ମଧ୍ୟ ଏହାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

କୃଷ୍ଣସାର ମୃଗ କେବଳ ଏକ ବନ୍ୟପ୍ରାଣୀ ନୁହେଁ, ଏହା ଗଞ୍ଜାମର ପ୍ରାକୃତିକ ଗୌରବ ଓ ସଂରକ୍ଷଣ ସଫଳତାର ପ୍ରତୀକ। ଚିଲିକା କୂଳବର୍ତ୍ତୀ ତୃଣଭୂମିରେ ଏହାର ଅବାଧ ବିଚରଣ ପ୍ରକୃତିପ୍ରେମୀଙ୍କୁ ବିମୋହିତ କରିବା ସହ ଓଡ଼ିଶାର ଜୈବ ବିବିଧତାକୁ ସମୃଦ୍ଧ କରୁଛି। ଏହି ଅମୂଲ୍ୟ ବନ୍ୟଜୀବ ସମ୍ପଦର ସୁରକ୍ଷା ଓ ସଂରକ୍ଷଣ ପାଇଁ ସରକାର, ସ୍ଥାନୀୟ ଜନସାଧାରଣ ଏବଂ ପରିବେଶପ୍ରେମୀମାନଙ୍କର ସମନ୍ୱିତ ପ୍ରୟାସ ଭବିଷ୍ୟତ ପିଢ଼ି ପାଇଁ ଏକ ଅନୁକରଣୀୟ ଦୃଷ୍ଟାନ୍ତ ହୋଇ ରହିବ। ଗଞ୍ଜାମର ମାଟିରେ ଦୌଡୁଥିବା କୃଷ୍ଣସାର ମୃଗ ସଦାସର୍ବଦା ଆମ ପ୍ରାକୃତିକ ଐତିହ୍ୟର ଜୀବନ୍ତ ପରିଚୟ ହୋଇ ରହୁ।

'କୃଷ୍ଣସାରର ଦ୍ରୁତ ପଦଚାରଣାରେ ଗଞ୍ଜାମର ଗୌରବ ଦୌଡ଼େ, ଆଉ ତାହାର ସୁରକ୍ଷାରେ ଲୁଚି ରହିଛି ପ୍ରକୃତି ପ୍ରତି ଆମର ଦାୟିତ୍ୱ ଓ ଭବିଷ୍ୟତର ସୁନ୍ଦର ସ୍ୱପ୍ନ।'।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୧ ଜୁଲାଇ ୨୦୨୬ ବୁଧବାର
ଆଭା

# ଶ୍ରାବଣ ମାସ : ମହାଦେବଙ୍କ ପ୍ରିୟ ମାସ





ଆଉ କିଛିଦିନ ପରେ ଆରମ୍ଭ ହେବ ଶ୍ରାବଣ ମାସ । ଏହା ହରହର ମହାଦେବଙ୍କ ପ୍ରିୟ ମାସ । ଶ୍ରାବଣ ମାସର ସୋମବାର ସବୁଠାରେ ପବିତ୍ର ହୋଇଥାଏ । ଯଦି ଏହିଦିନ ଘରକୁ କିଛି ଶୁଭ ଫଳ ପ୍ରଦାନ କରୁଥିବା ଜିନିଷ ଅଣାଯାଏ ତେବେ ଭଗବାନ ଶଙ୍କରଙ୍କ କୃପା ହେବା ସହ ଦୁଃଖ କଷ୍ଟ ଦୂର ହୋଇ ଘର ସୁଖ ସମୃଦ୍ଧିରେ ପରିପୂର୍ଣ୍ଣ ହୋଇଥାଏ । ଚଳିତ ବର୍ଷ ଶ୍ରାବଣ ମାସ ଆସନ୍ତା ୨୨ ତାରିଖ ସୋମବାରରୁ ହିଁ ଆରମ୍ଭ ହେଉଛି। ତେବେ ଆସନ୍ତୁ ଜାଣିବା ଏହି ଦିନ ଘରକୁ କେଉଁ ସବୁ ଜିନିଷ ଆଣିବା ଶୁଭ ହୋଇଥାଏ ।

**ଗଙ୍ଗାଜଳ:** ଗଙ୍ଗାଜଳକୁ ସନାତନ ଧର୍ମରେ ସବୁଠାରୁ ଶୁଦ୍ଧ ବୋଲି ମନାଯାଏ । ଭଗବାନ ଶଙ୍କର ତାଙ୍କ ଜଟାରେ ମା' ଗଙ୍ଗାଙ୍କୁ ଧାରଣ କରିଛନ୍ତି । ଶ୍ରାବଣ ମାସରେ ଗଙ୍ଗାଜଳ ଘରକୁ ଆଣିବା ଓ ଗଙ୍ଗାଜଳରେ ସ୍ନାନ କରିବା ଦ୍ୱାରା ପୂଣ୍ୟଲାଭ ହୋଇଥାଏ । ବାସ୍ତୁଶାସ୍ତ୍ର ଅନୁସାରେ, ଯଦି ଶ୍ରାବଣ ମାସ ସୋମବାର ଦିନ ଗଙ୍ଗାଜଳ ଆଣି ଏହାକୁ ରୋଷେଇଘରର ଏକ ସଫା ସ୍ଥାନରେ ରଖାଯାଏ ତେବେ ଘରେ ସୌଭାଗ୍ୟ ବୃଦ୍ଧି ହୋଇଥାଏ ।

**ରୁଦ୍ରାକ୍ଷ:** ମହାଦେବଙ୍କୁ ଅଶ୍ରୁରୁ ରୁଦ୍ରାକ୍ଷର ଉତ୍ପତି ହୋଇଛି । ତେଣୁ ରୁଦ୍ରାକ୍ଷ ଅତ୍ୟନ୍ତ ଶୁଭ ବୋଲି ବିଶ୍ୱାସ କରାଯାଏ । ରୁଦ୍ରାକ୍ଷ ଅନେକ ପ୍ରକାରର ଥାଏ । ତେବେ ଶ୍ରାବଣ ମାସରେ ରୁଦ୍ରାକ୍ଷ ଧାରଣ କରିବା କିମ୍ବା ଏହାକୁ ଘରକୁ ଆଣିବା ଶୁଭ ହୋଇଥାଏ । ଶ୍ରାବଣ ମାସରେ ନୀତିନିୟମ ଅନୁସାରେ ରୁଦ୍ରାକ୍ଷ ପିନ୍ଧିବା ଉଚିତ । ରୁଦ୍ରାକ୍ଷ ଘରକୁ ଆଣିଲେ ଆର୍ଥିକ ସ୍ଥିତି ସୁଦୃଢ ହେବା ସହ ବୈବାହିକ ଜୀବନ ସୁଖମୟ ହୋଇଯାଏ ।



ଏହାସହ ରୋଗବ୍ୟାଧି ଦୂର ହେବା ସହ ଘରୁ ନକରାତ୍ମକ ଶକ୍ତିର ପ୍ରଭାବ ହ୍ରାସ ହୋଇଥାଏ ।

**ତୁଳସୀ ଗଛ:** ଯଦି ଆପଣଙ୍କ ଘରେ ତୁଳସୀ



ଗଛ ନାହିଁ ଏବଂ ଆପଣ ଘରକୁ ତୁଳସୀ ଗଛ ଆଣିବା ପାଇଁ ଚାହୁଁଛନ୍ତି ତେବେ ଶ୍ରାବଣ ମାସ ସୋମବାର ଏଥିପାଇଁ ସବୁଠାରୁ ଭଲଦିନ । ଶ୍ରାବଣ ମାସରେ ଘର ଅଗଣାର ଉତ୍ତର ଦିଗରେ ତୁଳସୀ ଗଛ ଲଗାନ୍ତୁ । ଏହା ଦ୍ୱାରା ବିବାହ ସମ୍ବନ୍ଧିୟ ଆସୁଥିବା ବାଧା ଦୂର ହୋଇଥାଏ ।

**ରୁପାର ତ୍ରିଶୂଳ:** ତ୍ରିଶୂଳ ଭଗବାନ ଶଙ୍କରଙ୍କ ଅସ୍ତ୍ର। ଶ୍ରାବଣ ମାସ ସୋମବାର ଦିନ ରୁପାର ତ୍ରିଶୂଳ ଆଣି ପୂଜାଘରେ ରଖନ୍ତୁ ।



ଏହାଦ୍ୱାରା ଶାରୀରିକ ଓ ମାନସିକ ଶାନ୍ତି ମିଳିବ । ପରିବାରର ସମସ୍ତ ଦୁଃଖ ଦୁର୍ଦ୍ଦଶା ଦୂର ହେବ ।

**ବେଲ ଗଛ:** ବେଲପତ୍ର ଭଗବାନ ଶଙ୍କରଙ୍କ ଅତି ପ୍ରିୟ ପତ୍ର । ଶ୍ରାବଣ ମାସ ସୋମବାର ଘରେ ବେଲ ଗଛ ଲଗାଇ ପ୍ରତିଦିନ ଏହାକୁ ପୂଜା କରନ୍ତୁ। ବେଲଗଛ ଲଗାଇବା ଦ୍ୱାରା ଘରର ବାସ୍ତୁ ଦୋଷ ଦୂର ହେବାସହ ଘରେ ଅର୍ଥର ଅଭାବ ରହେ ନାହିଁ ।



**ନାଗ-ନାଗୁଣୀ ଯୋଡି ମୂର୍ତ୍ତି:** ଯଦି ଆପଣଙ୍କ କୁଣ୍ଡଳିରେ କାଳସର୍ପ ଦୋଷ ଅଛି ତେବେ ଶ୍ରାବଣ ମାସ ସୋମବାର ଦିନ ଶିବଲିଙ୍ଗ ପୂଜା କରି ନାଗ-ନାଗୁଣୀ ଯୋଡି ମୂର୍ତ୍ତି ଅର୍ପଣ କରନ୍ତୁ । ଖରାପ ନଜରରୁ ଘରୁ ରକ୍ଷା କରିବା ସହ ନକରାତ୍ମକ ଶକ୍ତିକୁ ଘରୁ ଦୂର କରିବା ପାଇଁ ଶ୍ରାବଣ ମାସ ସୋମବାର ଦିନ ରୁପା କିମ୍ବା ତମ୍ବାର ନାଗ-ନାଗୁଣୀ ଯୋଡି ମୂର୍ତ୍ତିକୁ ଆଣି ଘରର ମୁଖ୍ୟ ଦ୍ୱାର ଆଗରେ ରଖନ୍ତୁ ।



# ଭାରତର ସାଇଲେଣ୍ଟ ଭିଲେଜ୍ 'ଡୋଡା'

**ଭୁବନେଶ୍ୱର:**

ଭାରତର ସାଇଲେଣ୍ଟ ଭିଲେଜ୍। ଏହି ଗାଁର ପ୍ରାୟ ଲୋକ ମୁକ ନହେଲେ ବଧିର। ସେମାନେ କଥା କହି ପାରନ୍ତିନି କି ଶୁଣିପାରନ୍ତିନି। କେବଳ ପରସ୍ପରର ଠାର ବୁଝି ଭାବ ବିନିମୟ କରନ୍ତି। ତେବେ ଜାଣିଛନ୍ତି କି କେଉଁଠି ଅବସ୍ଥିତ ଏହି ଶାନ୍ତ ସୁନ୍ଦର ଗାଁ... କାହିଁକି ଏଠାରେ ଜନ୍ମ ହେଉଛନ୍ତି ମୁକ ବଧିର ? କଣ ରହିଛି ଏହା ପଛରେ ବୈଜ୍ଞାନିକ କାରଣ ? ଭାରତର ସ୍ୱର୍ଗ ଜାମ୍ମୁ କାଶ୍ମୀରର ଡୋଡା ଜିଲ୍ଲା। ବରଫାବୃତ୍ତ ପାହାଡ଼ ମଧ୍ୟରେ ଅବସ୍ଥିତ ଏକ ଶାନ୍ତ ସୁନ୍ଦର ଗାଁ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଏହି ଗାଁର ନାମ ହେଉଛି ଧଦକଇ। ଏହା ଜାମ୍ମୁ ଠାରୁ ପ୍ରାୟ ୨୬୦ କିଲୋମିଟର ଦୂରରେ ଅବସ୍ଥିତ। ଏଠାରେ ମୁଖ୍ୟତଃ ଗୁଜ୍ଜର ମୁସଲିମ ସମ୍ପ୍ରଦାୟର ଲୋକେ ବସବାସ କରନ୍ତି। ଗ୍ରାମର ମୋଟ ଜନସଂଖ୍ୟା ୨୦୦୦ ପାଖାପାଖି ହେବ। ହେଲେ ସବୁଠୁ ଆଶ୍ଚର୍ଯ୍ୟର ବିଷୟ, ଏମାନଙ୍କ ମଧ୍ୟରୁ ପ୍ରାୟ ୯୦ରୁ ଅଧିକ ଲୋକ ମୁକ ଏବଂ ବଧିର। ଧଦକଇରେ ବସବାସ କରୁଥିବା ୧୦୫ ପରିବାର ମଧ୍ୟରୁ ୫୫ରୁ ଅଧିକ ପରିବାରରେ ଜଣେ ଲେଖାଏଁ ସଦସ୍ୟ କହିପାରନ୍ତିନି କି ଶୁଣିପାରନ୍ତିନି। ଏମିତି ବି ପରିବାର ଅଛି, ଯେଉଁଠି ୭ ଜଣ ପିଲାଙ୍କ ମଧ୍ୟରୁ ୬ ଜଣ ମୁକ କିମ୍ବା ବଧିର ହୋଇ ଜନ୍ମ ହୋଇଛନ୍ତି। ଧଦକଇରେ ୧୯୦୧ ମସିହାରେ ପ୍ରଥମ ଥର ପାଇଁ ମୁକ ଏବଂ ବଧିର ଶିଶୁ ଜନ୍ମ ହୋଇଥିଲା। ଧୀରେ ଧୀରେ ଏହି ସଂଖ୍ୟା ବଢିବାକୁ ଲାଗିଲା। ୧୯୯୦ ବେଳକୁ ଏମାନଙ୍କ ସଂଖ୍ୟା ୪୩ରେ ପହଞ୍ଚିଗଲା। ୨୦୦୭ ସୁଦ୍ଧା ମୁକ ବଧିରଙ୍କ ସଂଖ୍ୟା ୭୯ରେ ପହଞ୍ଚିଗଲା। ଏବେ ଗାଁର ପ୍ରାୟ ୯୦ରୁ ଅଧିକ ଲୋକ ଏଭଳି ସ୍ଥିତିରେ ଜୀବନ ବିତାଉଛନ୍ତି। ଏମାନଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ଅଧିକ ରହିଛି। ଗ୍ରାମବାସୀ ଏହାକୁ ଭଗବାନଙ୍କ ଅଭିଶାପ ମାନି ରହି ଆସୁଛନ୍ତି। ହେଲେ ଏହା ପଛର ବୈଜ୍ଞାନିକ କାରଣ ସମ୍ପୂର୍ଣ୍ଣ ଭିନ୍ନ। ମେଡିକାଲ ସାଇନ୍ସରେ ଏହାକୁ ଜେନେଟିକ୍ କ୍ଲଷ୍ଟର ବା ଫାଉଣ୍ଡର୍ସ ଇଫେକ୍ଟ କୁହାଯାଏ। ବୈଜ୍ଞାନିକଙ୍କ ଅନୁଯାୟୀ, ଏଣ୍ଡୋଗେମି ଯୋଗୁଁ ଗ୍ରାମରେ ଏଭଳି ଶିଶୁ ଜନ୍ମ ହେଉଛନ୍ତି। ଯେତେବେଳେ ଏକ ଛୋଟ ସମ୍ପ୍ରଦାୟର ଲୋକ ନିଜ ନିଜ ଭିତରେ ବିବାହ କରନ୍ତି, ସେତେବେଳେ ସେମାନଙ୍କ ଶରୀରରେ ଥିବା ଅକ୍ଷମତା ଆଉ ଏକ ପୀଢ଼ିକୁ ସ୍ଥାନାନ୍ତର ହୁଏ। ଏହି ଜନଜାତିର ଓଟୋଫେରଲିନ ନାମକ ଜିନଗତ ତ୍ରୁଟି ଥିବା ରକ୍ତ ନମୁନାରୁ ଜଣାପଡ଼ିଛି। ଏହି ଜିନ୍ ଆମ କାନର ଭିତର ଦେଇ ମସ୍ତିଷ୍କ ଯାଏଁ ସିଗନାଲ୍ ପଠାଏ। ତେବେ ଏହି ସମସ୍ୟାର ଗୋଟିଏ ମାତ୍ର ସମାଧାନ ରହିଛି। ଏହି ସମ୍ପ୍ରଦାୟର ଲୋକ ବାହାର ସମ୍ପ୍ରଦାୟର ଲୋକଙ୍କୁ ବିବାହ କଲେ ଯାଇ ଧଦକଇରେ ସୁସ୍ଥ ଛୁଆ ଜନ୍ମ ହେବେ। ନଚେତ୍ କଲର କୋଡେଡ୍ କାର୍ଡସ୍ କରିପାରିବେ। ଅର୍ଥାତ୍ ବିବାହ ପୂର୍ବରୁ ପାର୍ଟନରର ଜେନେଟିକ୍ ରିସ୍କକୁ ମାପିପାରିବେ। ଏହାଦ୍ୱାରା ଆଗାମୀ ପୀଢ଼ିକୁ ଏହି ମୁକ ବଧିର ଚକ୍ରବ୍ୟୁହରୁ ରକ୍ଷା କରିହେବ।

# ଲଭ୍ ବାଇଟ୍ ଯୋଗୁଁ ଯାଇପାରେ ଜୀବନ



ଆଜିକାଲି ପ୍ରେମ ଜତେଇବା ତରିକା ପାଲଟିଛି ଲଭ୍ ବାଇଟ୍ ବା ହିକ୍କି । ଦୀର୍ଘ ସମୟ ଯାଏଁ କାନ୍ଧ କିମ୍ବା ବେକକୁ କିସ୍ କଲେ ନାଲି ଦାଗ ହୋଇଯାଏ। ଏହାକୁ ଲଭ୍ ବାଇଟ୍ କୁହାଯାଏ। ହେଲେ ଆପଣ କେବେ ଭାବିଛନ୍ତି କି ? ଲଭ୍ ବାଇଟ୍ ଯୋଗୁଁ ଜୀବନ ବି ଯାଇପାରେ... ହଁ ଆଜ୍ଞା ଏହା ସତ। ଲଭ୍ ବାଇଟ୍ ଯୋଗୁଁ ନ୍ୟୁଜିଲାଣ୍ଡର ଜଣେ ଯୁବତୀଙ୍କ ଜୀବନ ଚାଲିଯାଇଥିଲା। ତେବେ ଜାଣନ୍ତୁ ଲଭ୍ ବାଇଟ୍ ଯୋଗୁଁ କେମିତି ଜୀବନ ଯାଏ ? ଏହା ସହ ହିକ୍କି ଦାଗରୁ କେମିତି ମୁକ୍ତି ମିଳିବ...

ଲଭ୍ ବାଇଟ୍ ଯୋଗୁଁ ସବୁ କ୍ଷେତ୍ରରେ ଜୀବନ ଯାଏ ନାହିଁ। କିଛି ଘଣ୍ଟା ପରେ ଏହି ଦାଗ ମଧ୍ୟ ଚାଲିଯାଏ। କିନ୍ତୁ ଯଦି ଏହି ଦାଗ ଦୀର୍ଘ ଦିନ ଯାଏଁ ନଲିଭେ ଏବଂ ଏହାର ରଙ୍ଗ ନାଲିରୁ ବାଇଗଣୀ ହୋଇଯାଏ, ସେହି ସ୍ଥାନରେ କଷ୍ଟ ହୁଏ ତାହେଲେ ସତର୍କ ହୋଇଯାଆନ୍ତୁ। ଶିରା କ୍ଷତିଗ୍ରସ୍ତ ହୋଇପାରେ। ଡାକ୍ତରୀ ଭାଷାରେ କ୍ୟାରୋଟିଡ ଆର୍ଟରୀ ଉପରେ ଚାପ ପଡେ। ଶିରା ବ୍ଲକ ହୋଇଯାଏ। ଏହାଦ୍ୱାରା ମସ୍ତିଷ୍କକୁ ଅକ୍ସିଜେନ ମିଳେନାହିଁ। ଏହାଦ୍ୱାରା ଷ୍ଟ୍ରୋକ୍ ବିପଦ ବଢେ। ବହୁ ସମୟରେ ଲଭ୍ ବାଇଟ୍ ଯୋଗୁଁ କ୍ୟାରୋଟିଡ ଧମନୀ ଫାଟିଯିବାର ସମ୍ଭାବନା ରହିଛି। ବେକର ଦୁଇ ପାର୍ଶ୍ୱରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଧମନୀ ରହିଛି। ଯାହାକି ରକ୍ତକୁ ଠିକ୍ ଫ୍ଲୋରେ ସଂଚାଳନ କରେ। ଯଦି ଏହି ନର୍ଭସ୍ ଉପରେ ଅଧିକ ଚାପ ପଡେ ତାହେଲେ ଏହା ଫାଟିଯାଏ। ରକ୍ତ ଜମାଟ ବାନ୍ଧେ। ବ୍ରେନରେ ଅଚାନକ ବ୍ଲଡ୍ ଫ୍ଲୋ ବଢିବାର ମଧ୍ୟ ସମ୍ଭାବନା ଅଧିକ। ଏହାଦ୍ୱାରା ମୁଣ୍ଡ ବୁଲାଏ, ହାର୍ଟ ଆଟାକ୍ ମଧ୍ୟ ହୋଇପାରେ। ଶରୀରର ଗୋଟିଏ ପଟ ପାରାଲେସେସ୍ ସମ୍ଭାବନା ମଧ୍ୟ ଖୁବ୍ ଅଧିକ।

ଯଦି ଲଭ୍ ବାଇଟ୍ ଚିହ୍ନ ହୋଇଛି, ତାହେଲେ ବରଫ ଘସି ଦିଅନ୍ତୁ। ଏହାଦ୍ୱାରା ବ୍ଲଡ୍ ଫ୍ଲୋ ଠିକରେ ହେବ। ଦାଗ ହଟିଯିବ। ୨ ରୁ ୩ ଦିନ ବରଫ ଘସିବା ପରେ ଗରମ ପାଣିରେ ଶେକ ଦେବେ। ଏପରି କଲେ ହିକ୍କି ଠିକ୍ ହୋଇଯିବ। ଦିନକୁ ୩ ରୁ ୪ ଥର ଶେକ ଦେବା ଉଚିତ୍। ଏସବୁ କରିବା ସତ୍ତ୍ୱେ ଯଦି କଷ୍ଟ ହୁଏ ଏବଂ ଦାଗ ନଯାଏ ତାହେଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

# ଗୁପ୍ତ ରଖାଯାଏ କିନ୍ନରଙ୍କ ଅନ୍ତିମ ସଂସ୍କାର

ସମାଜରେ ମନୁଷ୍ୟର କେବଳ ଦୁଇଟି ଦିଗ ବିଷୟରେ ପ୍ରାୟତଃ ଆଲୋଚନା କରାଯାଏ। ଗୋଟିଏ ପୁରୁଷ, ଅନ୍ୟଟି ନାରୀ। ତଥାପି, ଈଶ୍ୱର ମନୁଷ୍ୟତାର ଏକ ତୃତୀୟ ରୂପ ମଧ୍ୟ ସୃଷ୍ଟି କରିଛନ୍ତି, ଯାହାକୁ ଆମେ କିନ୍ନର ବୋଲି କହୁଛେ। ସମାଜର ଅନେକ ଏମାନଙ୍କ ଠାରୁ ଦୂରତା ବଜାୟ ରଖୁଥିଲେ ମଧ୍ୟ କିନ୍ନରମାନଙ୍କର ଉପସ୍ଥିତି ଅନେକ ଶୁଭ ଅବସରରେ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ। ସେମାନଙ୍କ ଆଶୀର୍ବାଦକୁ ଯେତିକି ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ, ସମାନଙ୍କର ଅଭିଶାପକୁ ମଧ୍ୟ ଅନେକ ଲୋକ ଭୟ କରନ୍ତି। ତଥାପି କିନ୍ନର ସମ୍ପ୍ରଦାୟର କିଛି ରହସ୍ୟ ରହିଛି ଯାହା ବିଷୟରେ ଆଜି ମଧ୍ୟ ଅଧିକାଂଶ ଲୋକ ଅଜ୍ଞ। ଏହି ରହସ୍ୟ ମଧ୍ୟରୁ ଗୋଟିଏ ହେଉଛି ସେମାନଙ୍କ ଶବଦାହ ବା ଅନ୍ତିମ ସଂସ୍କାର ପରମ୍ପରା। କିନ୍ନର ସମ୍ପ୍ରଦାୟ ମଧ୍ୟରେ ଶବଦାହକୁ ଗୁପ୍ତ ରଖାଯାଏ। ଦାହ କରାଯିବା ପରିବର୍ତ୍ତେ ମରଶରୀରକୁ କବର ଦିଆଯାଏ। ଏହା ବ୍ୟତୀତ, କିନ୍ନରମାନଙ୍କ ଅନ୍ତିମ ସଂସ୍କାର ସହିତ ଜଡ଼ିତ ରୀତିନୀତି ମଧ୍ୟରାତ୍ରିରେ କରାଯାଏ। କିନ୍ନରଙ୍କ ଅନ୍ତିମ ଯାତ୍ରା ସବୁବେଳେ ଅନନ୍ୟ। କୁହାଯାଏ ଯେ କିନ୍ନରଙ୍କ ଶବକୁ ଚାରି କାନ୍ଧରେ ନୁହେଁ ବରଂ ଠିଆ କରି ବୋହି ନିଆଯାଏ। କିନ୍ନରମାନଙ୍କ ଶବଯାତ୍ରା ଏବଂ ଶେଷ ସଂସ୍କାରକୁ ନେଇ ଗୁପ୍ତ ରଖିବାରେ ଏକ ଆଶ୍ଚର୍ଯ୍ୟଜନକ ବିଶ୍ୱାସ ରହିଛି। କୁହାଯାଏ ଯେ ଯଦି କେହି କିନ୍ନରଙ୍କ ଶବଯାତ୍ରା କିମ୍ବା ଶବ ଦେଖନ୍ତି, ତେବେ ସେମାନଙ୍କର ପରବର୍ତ୍ତୀ ଜୀବନ କିନ୍ନର ହୋଇପାରେ। କିନ୍ନରମାନେ ସେମାନଙ୍କ ମୃତ୍ୟୁରେ ଶୋକ ନୁହେଁ ବରଂ ଏହାକୁ ଉତ୍ସବ ଭାବେ ପାଳନ କରନ୍ତି। କିନ୍ନରମାନେ ବିଶ୍ୱାସ କରନ୍ତି ଯେ ମୃତ ବ୍ୟକ୍ତିଙ୍କ ଆତ୍ମା ଜୀବନର ଦୁଃଖରୁ ମୁକ୍ତି ପାଇଛି। ଏହି ସମୟରେ, କିନ୍ନରମାନେ ସେମାନଙ୍କର ଦେବତା ଇରାବନଙ୍କୁ ପୂଜା କରନ୍ତି ଏବଂ ପ୍ରାର୍ଥନା କରନ୍ତି ଯେ ମୃତ ଆତ୍ମା ପୁନର୍ବାର କିନ୍ନର ଭାବରେ ଜନ୍ମ ନ ନିଅନ୍ତୁ। ଶବଦାହ ପରେ, କିନ୍ନରମାନେ ଏକ ସପ୍ତାହ ବ୍ୟାପୀ ଉପବାସ ମଧ୍ୟ ପାଳନ କରନ୍ତି ଏବଂ ମୃତ ବ୍ୟକ୍ତିଙ୍କ ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରନ୍ତି। ହିନ୍ଦୁ ଧର୍ମରେ ଶବଦାହ କରାଯାଏ, କିନ୍ତୁ କିନ୍ନରଙ୍କ ଶରୀରକୁ କବର ଦିଆଯାଏ ଅର୍ଥାତ୍ ମାଟିତଳେ ପୋତି ଦିଆଯାଏ। ଶବଦାହ ପୂର୍ବରୁ, କିନ୍ନରମାନେ ଶରୀରକୁ ଧଳା କପଡାରେ ଗୁଡ଼ାଇ ଦିଅନ୍ତି। ସେମାନେ ବିଶେଷ ଭାବେ ଧ୍ୟାନ ଦିଅନ୍ତି ଯେ, ଶରୀର ଯେକୌଣସି ବନ୍ଧନରୁ ମୁକ୍ତ ରହୁ, ଯାହା ଦ୍ୱାରା ଆତ୍ମା ମୁକ୍ତି ପାଇପାରିବ। ଗରୁଡ଼ ପୁରାଣ ଅନୁସାରେ, କିନ୍ନରମାନଙ୍କୁ ଯକ୍ଷ ଏବଂ ଗନ୍ଧର୍ବଙ୍କ ସହ ସମାନ ସ୍ଥାନ ଦିଆଯାଇଛି।

# ଝାଡ଼ଖଣ୍ଡ ବେପାରୀଙ୍କ ପାଇଁ ଅଫିମ କ୍ଷେତ ଓଡ଼ିଶା

ଶିମିଳିପାଳ ଜାତୀୟ ଉଦ୍ୟାନ । 'ପ୍ରକୃତି ରାଣୀ'ର ଅପରୂପ ସୌନ୍ଦର୍ଯ୍ୟ ଅବଲୋକନ ନିମନ୍ତେ ଦେଶବିଦେଶରୁ ପର୍ଯ୍ୟଟକ ଧାଡ଼ି ବାନ୍ଧୁଛନ୍ତି । ଜାତୀୟ ଉଦ୍ୟାନ ଏବଂ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର ବିକାଶ ଓ ସୁରକ୍ଷା ଦିଗରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏବେ ଏହି ସୁରକ୍ଷିତ ଅଞ୍ଚଳରେ 'ଅଫିମ'ର ଚେର ବହୁ ଗଭୀରକୁ ଯାଇ ସାରିଲାଣି । ଚେର ବଢୁଛି ସରକାରୀ କଳର ସୁରକ୍ଷାରେ । ରୋକିବାକୁ କେହି ନାହିଁ । 'ପ୍ରକୃତି ରାଣୀ' ଏବେ ଅଫିମ ନିଶାରେ ମସଗୁଲ ହେଲାଣି । ଦୁଇ ଦିନ ତଳେ କ୍ରାଇମବ୍ରାଞ୍ଚର ବରିଷ୍ଠ ଅଧିକାରୀ ଏକ ଗଞ୍ଜେଇ ରାକେଟର ପର୍ଦ୍ଦାଫାଶ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଉଥିଲେ । ସେ କହିଥିଲେ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟର ନିର୍ଦ୍ଦେଶରେ ଓଡ଼ିଶାକୁ 'ନଶାମୁକ୍ତ ରାଜ୍ୟ'ରେ ପରିଣତ କରାଯାଉଛି । କିନ୍ତୁ ବାସ୍ତବତା ଏହା ଯେ, ଉତ୍ତର ଓଡ଼ିଶାର ଗଳିକନ୍ଦିରେ ବ୍ରାଉନସୁଗର ଡିଲର ବୁଲୁଛନ୍ତି। ଦକ୍ଷିଣ ଓଡ଼ିଶା ଏବେ 'ଶିଳାବତୀ' ଗଞ୍ଜେଇର ହବ୍ ଭାବେ ଦେଶ ବିଦେଶରେ ପରିଚିତି ପାଇଛି । ଏ ଦୁଇ ନିଶା ପରେ ଅଫିମର କାରବାର ଏବେ ବିଭିନ୍ନ ଜିଲ୍ଲାକୁ ବ୍ୟାପୁଛି । ବିଶେଷ କରି ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ ଏହାର ଚାଷ ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି । ଶିମିଳିପାଳ ଜାତୀୟ ଉଦ୍ୟାନ, ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର କୋର୍ ଏରିଆରେ ହେଉଛି ଅଫିମ ଚାଷ । ଯାହାକି ପ୍ରକୃତି ପ୍ରେମୀ ଓ ପରିବେଶବିତ୍‌ଙ୍କ ବିସ୍ମିତ କରିବା ସହ କ୍ଷୋଭ ସୃଷ୍ଟି କରିଛି । ଅଭୟାରଣ୍ୟର କୋର୍ ଏରିଆ ଏବଂ ପାଦଦେଶର ବାକୁଆ, କୁକୁରଭୁକା, ଜେନାବିଲ, ଗୋପୀନାଥପୁର, ବନ୍ଦିରବାସା ଏବଂ ଅସନବଣିରେ ବ୍ୟାପକ ଅଞ୍ଚଳରେ ଅଫିମ ଚାଷ ଭିନ୍ନ ଭିନ୍ନ ବର୍ଷରେ ନଜରକୁ ଆସିଛି । ଯଶିପୁର ଥାନା ଅନ୍ତର୍ଗତ ନହଣା, ଗୁଡ୍ଗୁଡ଼ିଆ ଏବଂ ବରେହିପାଣି ପଞ୍ଚାୟତରେ



ଅଛି ମୋଟ ୬୪ ଗ୍ରାମ । ଏଗୁଡ଼ିକ ଜାତୀୟ ଉଦ୍ୟାନ ମଧ୍ୟରେ ରହିଛି । ଏଥିରୁ ୪ଟି ଗାଁ ଅଧିବାସୀଙ୍କୁ ଇତି ମଧ୍ୟରେ ସରକାରୀ ନିଷ୍ପତ୍ତିରେ ଅନ୍ୟତ୍ର ଥଇଥାନ କରାଯାଇଛି । ଅବଶିଷ୍ଟ ଯେଉଁମାନେ ରହିଲେ ସେମାନଙ୍କ ମଧ୍ୟରୁ ୬/୭ଟି ଗ୍ରାମର ଲୋକଙ୍କୁ ପ୍ରଭାବିତ କରିଛନ୍ତି ପଡ଼ୋଶୀ ଝାଡ଼ଖଣ୍ଡର ଅଫିମ ମାଫିଆମାନେ। କେତେକଙ୍କୁ ଅଫିମ ଚାଷର ଗୁମାସ୍ତା ବନାଇ ଦେଇଛନ୍ତି। ଘନ ଜଙ୍ଗଲ ମଧ୍ୟରେ ପଶୁପକ୍ଷୀଙ୍କ ବିଚରଣସ୍ଥଳରେ ସରକାରୀ ଜମିକୁ କରାଯାଉଛି ଦଖଲ । ଅତ୍ୟାଧୁନିକ ପଦ୍ଧତିରେ ହେଉଛି ଚାଷ। ଅଫିମ ଅମଳ ହୋଇ ବିଭିନ୍ନ ମାଧ୍ୟମରେ ଝାଡ଼ଖଣ୍ଡ/ପଶ୍ଚିମବଙ୍ଗ ଚାଲାଣ ହେଉଛି । ଅଫିମ ଫଳର ବଳକା ଅଂଶ ରହିଥାଏ ଗୁମାସ୍ତାଙ୍କ ପାଖରେ । ସେଥିରୁ 'ପୋସ୍ତ' ପ୍ରସ୍ତୁତ କରି ସ୍ଥାନୀୟ ବଜାରରେ କମ୍ ଦରରେ ବିକ୍ରି ହୋଇଥାଏ । ଚାଲାଣ ହେଉଥିବା ଅଫିମରୁ ମିଳୁଥିବା ଅର୍ଥର ୮୦ ପ୍ରତିଶତ ମାଫିଆ ନେଉଥିବା ବେଳେ ୨୦ ପ୍ରତିଶତ ଗୁମାସ୍ତାଙ୍କୁ ମିଳେ । ଗୁମାସ୍ତା ସ୍ଥାନୀୟ ଯୁବକ ଓ ଚାଷୀମାନଙ୍କୁ ଏହି ଅର୍ଥ ବଳରେ ନିଜ କବଜାରେ ରଖୁଛନ୍ତି । ୨୦୨୪ ଓ ୨୦୨୫ରେ କେବଳ ଶିମିଳିପାଳ ଜଙ୍ଗଲରେ ୪୦ କୋଟି ଟଙ୍କାର ଅଫିମ ଗଛ ନଷ୍ଟ କରାଯାଇଥିବା ସରକାରୀ ତଥ୍ୟ କହୁଛି। ସରକାରୀ ଭାବେ ଅଫିମ କିଲୋ ଦର ୧୮ ଶହ ଟଙ୍କାରୁ କିଛି ଅଧିକ ଥିବା ବେଳେ ଚୋରାବଜାରରେ ଏହାର ଦର କିଲୋ ପ୍ରତି ୬୦ ହଜାରରୁ ଲକ୍ଷେ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ରହୁଛି । ଯଦି ଟିକେ ଉନ୍ନତ ମାନର ହୋଇଥିବ ତାହା ହେଲେ ଦର ଅଧିକ ହେବା ନିଶ୍ଚିତ । ସାଧାରଣତଃ ଅଫିମ ଚାଷରେ ଏକ ଏକର ଜମିରୁ ୧୦ରୁ ୨୦ କିଲୋ ଫସଲ ମିଳୁଥିବା କୁହାଯାଏ । କିନ୍ତୁ ଓଡ଼ିଶାରେ ଶିମିଳିପାଳ ଓ ଅନ୍ୟାନ୍ୟ ଅଞ୍ଚଳରେ ଏକର ପିଛା ଏହାଠାରୁ ଯଥେଷ୍ଟ ଅଧିକ ମିଳୁଛି । ଅଫିମ ଚାଷ ଅଞ୍ଚଳରେ ପଚରାଉଚୁରା କଲେ ଜଣାପଡ଼େ ଏଥିରେ ଜଡ଼ିତ ଥିବା ଅଧିକାଂଶ ବ୍ୟକ୍ତି ସ୍ଥାନୀୟ ବାସିନ୍ଦା ନୁହନ୍ତି । ଆମ ରାଜ୍ୟରେ ହେଉଥିବା ଏହି ଚାଷ ପ୍ରାୟତଃ ପଡ଼ୋଶୀ ଝାଡ଼ଖଣ୍ଡରୁ ନିୟନ୍ତ୍ରିତ ହେଉଛି । ଝାଡ଼ଖଣ୍ଡର ହଜାରୀବାଗ, ଲାଟେହାର, ସିଂହଭୂମ, ରାଞ୍ଚି, ଚାତରା ଆଦି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଏହି ଚାଷ ଚାଲିଛି। ଖୁଣ୍ଟି ଜିଲ୍ଲାରେ ଏହା ପ୍ରବଳ ମାତ୍ରାରେ ଚାଷ ହେଉଛି । କେନ୍ଦ୍ରୀୟ ସଂସ୍ଥା ଏନସିବି (ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ) ଏଥିପାଇଁ ରାଜ୍ୟ ସରକାରଙ୍କୁ ବାରମ୍ବାର ଚେତାବନୀ ଦେଇଛି। ରାଜ୍ୟକୁ ସାଟେଲାଇଟ ଇମେଜ ସେୟାର କରି ନିର୍ଦ୍ଦିଷ୍ଟ କେଉଁ ଅଞ୍ଚଳରେ ଚାଷ ହେଉଛି ସେ ନେଇ ଅବଗତ କରାଯାଇଛି । ବାଧହୋଇ ଚଳିତ ବର୍ଷ ଝାଡ଼ଖଣ୍ଡ ସରକାର ୯ ଶହରୁ ଅଧିକ ପୁଲିସ ଓ ଅର୍ଦ୍ଧସାମରିକ ଯବାନଙ୍କୁ ନେଇ ଅଫିମ ବିରୋଧୀ ଅଭିଯାନ ଚଳାଇଛନ୍ତି । ଝାଡ଼ଖଣ୍ଡରେ କେଇ ବର୍ଷ ଧରି ଅଫିମ ଚାଷୀଙ୍କ ଉପରେ ଚଢ଼ଉ ହେଉଥିବାରୁ ସେମାନେ ଓଡ଼ିଶା ମୁହାଁ ହୋଇଛନ୍ତି । ଓଡ଼ିଶା ହୋଇଛି ସେମାନଙ୍କ ଅଫିମ କ୍ଷେତ । ସେମାନଙ୍କୁ ନେତା, ବନ ବିଭାଗ, ପୁଲିସ ଓ ରାଜସ୍ୱ ବିଭାଗ ପକ୍ଷରୁ ଭରପୂର ସମର୍ଥନ ବି ମିଳୁଛି । ଏଠାରେ ପ୍ରଶ୍ନ ଉଠୁଛି ଅଭୟାରଣ୍ୟ ଭିତରେ, କୋର୍ ଏରିଆରେ କିପରି ଅଫିମ ଚାଷ ହୋଇପାରୁଛି। ସାଟେଲାଇଟ ମ୍ୟାପିଂ, ଡ୍ରୋନ୍,ଏଆଇ କ୍ୟାମେରା ଇତ୍ୟାଦିର ଯୁଗରେ ଏମାନେ ବନ, ରାଜସ୍ୱ ବିଭାଗ ଏବଂ ପୁଲିସ ଆଖିରେ ଧୂଳି ଦେବାରେ ସକ୍ଷମ ହେବା ବିସ୍ମୟକର। ଶିମିଳିପାଳ ଦାୟିତ୍ୱରେ ଥିବା ବନ ବିଭାଗର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ସର୍ତ୍ତରେ କହିଛନ୍ତି, ଅଭୟାରଣ୍ୟ ଉପରେ ନଜର ରଖିବାକୁ ଯେତିକି ଅଧିକାରୀ, କର୍ମଚାରୀ ଏବଂ ଗାଡ଼ି ମୋଟର ଆବଶ୍ୟକ ତାହା ଉପଲବ୍ଧ ନାହିଁ । ବିଶେଷ କରି ବନ ବିଭାଗର ଆବଶ୍ୟକ ଥିବା ନିଜସ୍ୱ ଡ୍ରୋନ ସଂଖ୍ୟା ନ କହିବା ଭଲ । ସବୁଠାରୁ ବଡ଼ କଥା, ଅଫିମ ଚାଷରେ ଜଡ଼ିତ ଲୋକମାନଙ୍କୁ ମିଳୁଛି ରାଜନୈତିକ ସୁରକ୍ଷା। କାହାରି ଉପରେ କାର୍ଯ୍ୟାନୁଷ୍ଠାନ ହେଲେ, ରାଜ୍ୟସ୍ତରୀୟ ଜଣେ ନେତା କିମ୍ବା ତାଙ୍କ ଲୋକମାନେ ସେମାନଙ୍କୁ ମୁକ୍ତ କରିବାକୁ ତତ୍ପର ହୋଇ ଉଠୁଛନ୍ତି । ତେଣୁ ବନବିଭାଗର ତଳସ୍ତରର କର୍ମଚାରୀ ନିରବ ରହିବାକୁ ପସନ୍ଦ କରୁଛନ୍ତି । ସମ୍ଭବତଃ ଏଠାକାର ଅଫିମ ଚାଷରୁ କିଛି ଲାଭ କୌଣସି ରାଜନେତାମାନଙ୍କ ପାଖକୁ ଯାଉଛି। ଝାଡ଼ଖଣ୍ଡରୁ ନିୟମିତ ଆସୁଥିବା ମାଫିଆ ମାନେ ମଧ୍ୟ ଏହି ନେତାଙ୍କ ଛତ୍ରଛାୟାରେ ଆତଯାତ କରୁଥିବା କୁହନ୍ତି ଅଞ୍ଚଳର ଜଣେ ସଚେତନ ଆଦିବାସୀ ଯୁବକ।

# ମୃତ୍ୟୁ ପରର ପରିସ୍ଥିତିକୁ ନେଇ କହୁଛି 'ଗରୁଡ଼ ପୁରାଣ'

ମୃତ୍ୟୁ ହେଉଛି ଜୀବନର ସବୁଠାରୁ ବଡ଼ ଏବଂ ପରମ ସତ୍ୟ। ଏହି ଜଗତରେ ଜନ୍ମ ହୋଇଥିବା ପ୍ରତ୍ୟେକ ଜୀବ ପାଇଁ ମୃତ୍ୟୁ ଅନିବାର୍ଯ୍ୟ। ହିନ୍ଦୁ ଧର୍ମର ଅଠରଟି ଈମହାପୁରାଣଈ ମଧ୍ୟରୁ ଅନ୍ୟତମ ହେଉଛି ଗରୁଡ଼ ପୁରାଣ। ମୃତ୍ୟୁ ପରେ ଆତ୍ମାର ଯାତ୍ରା ବିଷୟରେ ବିସ୍ତୃତ ଭାବରେ ଏହି ପୁରାଣରେ ବର୍ଣ୍ଣନା କରାଯାଇଛି। ସାଧାରଣତଃ, ପରିବାରର ସଦସ୍ୟଙ୍କ ମୃତ୍ୟୁ ପରେ ଗରୁଡ଼ ପୁରାଣ ପାଠ କରାଯାଏ। ଭଗବାନ ଶ୍ରୀ ହରି ବିଷ୍ଣୁଙ୍କୁ ଗରୁଡ଼ ପୁରାଣର ଆରାଧ୍ୟ ଦେବତା ଭାବରେ ବିବେଚନା କରାଯାଏ। ଭଗବାନ ବିଷ୍ଣୁ ତାଙ୍କର ମହାଶକ୍ତିଶାଳୀ ବାହନ ପକ୍ଷୀରାଜ ଗରୁଡ଼ଙ୍କୁ ଜନ୍ମ, ମୃତ୍ୟୁ ଏବଂ ପୁନର୍ଜନ୍ମ ସମ୍ବନ୍ଧୀୟ ଅନେକ ଗଭୀର ରହସ୍ୟ ବିଷୟରେ ସୂଚନା ଦେଇଥିଲେ। ଈଗରୁଡ଼ ପୁରାଣଈ ମୂଳତଃ ଭଗବାନ ବିଷ୍ଣୁ ଏବଂ ଗରୁଡ଼ଙ୍କ ମଧ୍ୟରେ ହୋଇଥିବା ଆଲୋଚନାର ଏକ ବିବରଣୀ। ଏହା ଜନ୍ମ, ମୃତ୍ୟୁ, ପାପ ଏବଂ ପୁଣ୍ୟ, ଆଧ୍ୟାତ୍ମିକ ମୁକ୍ତି ବା ସଦଗତି, କର୍ମ, ସ୍ୱର୍ଗ ଏବଂ ନର୍କ ଏବଂ ପୁନର୍ଜନ୍ମର ଏକ ବିସ୍ତୃତ ବର୍ଣ୍ଣନା ଅଟେ। ଏଥିରେ ବର୍ଣ୍ଣନା କରାଯାଇଛି ଯେ, ମୃତ୍ୟୁ ପରେ ଆତ୍ମା କିପରି ଏବଂ କେବେ ଏକ ନୂଆ ଶରୀର ଗ୍ରହଣ କରିବ। ଜଣେ ମଣିଷର କର୍ମ ହିଁ ତାର ପୁନର୍ଜନ୍ମର ନିର୍ଦ୍ଧାରଣ କରିଥାଏ। ଗରୁଡ଼ ପୁରାଣ ଅନୁସାରେ, ମୃତ୍ୟୁ ପରେ ଆତ୍ମା ଏକ ବହୁତ ଲମ୍ବା ଯାତ୍ରା କରିଥାଏ। ମୃତ୍ୟୁ ପରେ, ଯମଙ୍କ ଦୂତମାନେ ଆତ୍ମାକୁ ଯମଲୋକକୁ ନେଇଯାଆନ୍ତି ଏବଂ ସେଠାରେ ଆତ୍ମାକୁ ମୃତ୍ୟୁର ଦେବତା ଯମଙ୍କ ସମ୍ମୁଖରେ ଉପସ୍ଥାପିତ କରାଯାଏ। କୁହାଯାଏ ଯେ ଏହି ଯାତ୍ରା ସମୟରେ ଆତ୍ମା ପ୍ରାୟ ୮୬ ହଜାର ଯୋଜନ ଦୂରତା ଅତିକ୍ରମ କରେ। ଯେଉଁମାନେ ନିଜ ଜୀବନକାଳ ମଧ୍ୟରେ ଧାର୍ମିକ କାର୍ଯ୍ୟ କରନ୍ତି ଏବଂ କୌଣସି ଜୀବକୁ ମାନସିକ କିମ୍ବା ଶାରୀରିକ କଷ୍ଟ ଦେଇନଥାଆନ୍ତି, ସେମାନେ ସହଜରେ ଯମଲୋକରେ ପହଞ୍ଚିଯାଆନ୍ତି। ବିପରୀତରେ, ଯେଉଁମାନେ ନିଜ ଜୀବନକାଳରେ ଅନ୍ୟମାନଙ୍କୁ ଦୁଃଖ ଦେଇଥାନ୍ତି, ସେମାନଙ୍କୁ ଯମଙ୍କ ଦୂତମାନେ ଯମଲୋକକୁ ନେଇଯିବା ସମୟରେ ଯନ୍ତ୍ରଣା ଦେଇ ନିଅନ୍ତି। ଗରୁଡ଼ ପୁରାଣ ଅନୁସାରେ, ଜଣେ ବ୍ୟକ୍ତିର ପୁନର୍ଜନ୍ମ ତାର କର୍ମ ଦ୍ୱାରା ନିର୍ଣ୍ଣୟ କରାଯାଏ। ଯେଉଁମାନେ ତାଙ୍କ ଜୀବନକାଳ ମଧ୍ୟରେ ଭଲ କାର୍ଯ୍ୟ କରନ୍ତି ସେମାନେ ସାଂସାରିକ ବନ୍ଧନରୁ ମୁକ୍ତ ହୋଇ ମୋକ୍ଷ ପ୍ରାପ୍ତି ହୁଅନ୍ତି। ବିପରୀତରେ, କେବଳ ପାପ କରୁଥିବା ବ୍ୟକ୍ତିଙ୍କ ଆତ୍ମାକୁ ନର୍କକୁ ପଠାଯାଏ, ଯେଉଁଠାରେ ଆତ୍ମାକୁ ବ୍ୟକ୍ତିର କର୍ମ ଅନୁସାରେ ଯନ୍ତ୍ରଣା ଦିଆଯାଏ। ଏହି ଦୁଃଖ ସହିବା ପରେ, ଆତ୍ମା ପୁନର୍ଜନ୍ମ ପାଏ। ପ୍ରାଚୀନ ଶାସ୍ତ୍ର ଅନୁସାରେ, ମୃତ୍ୟୁ ପରେ ଆତ୍ମା ତିନିରୁ ଚାଳିଶ ଦିନ ମଧ୍ୟରେ ଏକ ନୂଆ ଶରୀର ଗ୍ରହଣ କରେ।

# ପତିତପାବନ ବାନା ଓ ସୁଦର୍ଶନର ମାହାତ୍ମ୍ୟ

ଅଖିଳ ବ୍ରହ୍ମାଣ୍ଡପତି ଶ୍ରୀକ୍ଷେତ୍ରାଧିପତି ମହାପ୍ରଭୁ ଶ୍ରୀଜଗନ୍ନାଥ । ଦୁଃଖୀର ଦିନବନ୍ଧୁ, ଭକ୍ତବତ୍ସଳ ଭଗବାନ । ନିଜ ଭକ୍ତଙ୍କୁ ଚକ୍ର ଆଢୁଆଳ କରିରଖନ୍ତି, ପତିତପାବନ ନେତରେ ବିପଦ ଆପଦରୁ ସୁରକ୍ଷା ଦିଅନ୍ତି । ଅଠରନଳା ବାଟମଙ୍ଗଳା ପାଖରୁ ନୀଳକନ୍ଦର ଚୂଡାରେ ମହାପ୍ରଭୁଙ୍କ ନୀଳଚକ୍ର ଦେଖି ଛଳ ଛଳ ହୋଇଯାଏ ଭକ୍ତର ଆଖି । ଶ୍ରୀମନ୍ଦିର ପାଖେଇ ଆସୁଛି ପାଖେଇ ଆସୁଛି ଭାବରେ ମନ ହୁଏ ଉତ୍ଫୁଲ୍ଲିତ । ନୀଳାଚଳରେ ବଡଦେଉଳ, ବଡଦେଉଳରେ ନୀଳଚକ୍ର। ଆଉ ନୀଳଚକ୍ରରେ ଫରଫର୍ ଉଡୁଥାଇ ପତିତପାବନ ବାନା। ଆସନ୍ତୁ ଜାଣିବା ମନ୍ତ୍ରମୁଗ୍ଧକର କାଳିଆ ସାଆନ୍ତଙ୍କ ନୀଳଚକ୍ର ଓ ପତିତପାବନ ବାନାର ମାହାତ୍ମ୍ୟ...

**ନୀଳଚକ୍ର ହେଲେ ଚକ୍ରରାଜ ସୁଦର୍ଶନ:** ନୀଳଚକ୍ର ତଥା ଚକ୍ରରାଜ ସୁଦର୍ଶନ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ଆୟୁଧ ବା ଅସ୍ତ୍ର । ଅଷ୍ଟଧାତୁରେ ନିର୍ମିତ ଏହି ନୀଳଚକ୍ରରେ ରହିଛି ସୁନା, ରୁପା, ଲୁହା, ତମ୍ବା, ସୀସା, ପାରଦ ଇତ୍ୟାଦି । ଦୂରରୁ ଏହାର ଉଚ୍ଚତା ୨ ଫୁଟ ଭଳି ଲାଗୁଥିଲେ ମଧ୍ୟ ଏହା ପ୍ରକାଣ୍ଡକାୟ । ନନ୍ଦିଘୋଷ ଚକ ତଥା କୋଣାର୍କ ଚକଠାରୁ ମଧ୍ୟ ବିଶାଳ ମହାପ୍ରଭୁଙ୍କ ଏହି ଆୟୁଧ । ନୀଳଚକ୍ର ଓ ଏହା ଉପରେ ଥିବା ପାନପତ୍ରୀଙ୍କୁ ମିଶାଇଲେ ଏହାର ଉଚ୍ଚତା ହେବ ସାଢ଼େ ୧୩ ଫୁଟ । ଏହାର ୮ଟି ଅର ସହ ରହିଛି ୮ଟି ଦଣ୍ଡା । ପ୍ରତ୍ୟେକ ସଂକ୍ରାନ୍ତିରେ ନୀଳଚକ୍ରଙ୍କୁ ମାଜଣା ତଥା ସ୍ନାନ କରାଯାଏ । ତେବେ ଆଶ୍ଚର୍ଯ୍ୟର ବିଷୟ ଶହ ଶହ ବର୍ଷ ଧରି ଏହା ଶ୍ରୀମନ୍ଦିର ଉପରେ ଥିବାବେଳେ ସମୁଦ୍ର ଲୁଣି ପବନରେ ଏହା କଳଙ୍କି ଲାଗୁନାହିଁ । ଏହା ହିଁ ଭକ୍ତଙ୍କୁ ଆଶ୍ଚର୍ଯ୍ୟ କରୁଥିବା ବେଳେ ଏହା ମହାପ୍ରଭୁଙ୍କ ଚମତ୍କାରିତା ବୋଲି କୁହାଯାଏ ।

**ସୁଦର୍ଶନଙ୍କ ଅହଂକାର ନାଶିଲେ ମହାପ୍ରଭୁ:** ମହାପ୍ରଭୁଙ୍କର ଏହି ଆୟୁଧକୁ ନେଇ ରହିଛି ଏକ କିମ୍ବଦନ୍ତୀ । ତିନି ଯୁଗରେ ସୁଦର୍ଶନ ଚକ୍ର ଗୋଲାକାର ହୋଇଥିଲେ ହେଁ କଳିଯୁଗରେ ସ୍ତମ୍ଭାକାର ରୂପେ ବିରାଜିତ ହୋଇଛନ୍ତି । ଏହା ପଛରେ ଥିବା ପୌରାଣିକ କିମ୍ବଦନ୍ତୀ ହେଉଛି, ସୁଦର୍ଶନ ଅନେକ ଯୁଦ୍ଧରେ ଅନେକ ଆସୁରିକ ଶକ୍ତିକୁ ପରାହତ କରିଥିଲେ। ସେହିଭଳି ମହାପ୍ରଭୁଙ୍କ ଦୂତ ରୂପେ ସବୁ କାର୍ଯ୍ୟ ତୁଲାଉଥିବାରୁ ତାଙ୍କ ମନରେ ଅହଙ୍କାର ଜାତ ହେଲା । ସୁଦର୍ଶନ ଚକ୍ର ଯୋଗୁଁ ପ୍ରଭୁଙ୍କ ନାମ ଚକ୍ରଧର ବୋଲି ସେ ଖୁବ୍ ଅହଙ୍କର କରୁଥିଲେ । ଏହା ଜାଣିପାରି ସୁଦର୍ଶନଙ୍କର ଅହଙ୍କାର ବିନାଶ ପାଇଁ ମହାପ୍ରଭୁ ତାଙ୍କୁ ହନୁମାନଙ୍କୁ ଡାକି ଆଣିବା ପାଇଁ ପଠାଇଲେ ।

ଅହଙ୍କାର ବଶତଃ ସୁଦର୍ଶନ ଗଲାବେଳେ କଦଳୀବନର ପତ୍ର ସବୁ କାଟି କାଟି ଯାଇ ସେଠାରେ ଅଭୟମୁଦ୍ରାରେ ତପସ୍ୟାରତ ହନୁମାନଙ୍କୁ ପ୍ରଭୁଙ୍କ ବାର୍ତ୍ତା ଜଣାଇଲେ । ହନୁମାନ ସବୁ ଜାଣିପାରି କହିଲେ ମୁଁ ଚିରଞ୍ଜିବୀ ହେଲେ ମଧ୍ୟ ବୃଦ୍ଧାବସ୍ଥା ଯୋଗୁଁ ଶୀଘ୍ର ଯାଇପାରିବି ନାହିଁ, ଏଣୁ ତୁମେ ଆଗରେ ଚାଲ ମୁଁ ପଛେ ପଛେ ପହଞ୍ଚିବି । ସୁଦର୍ଶନ ଏହା ଶୁଣି ଅହଙ୍କାରରେ ପୂର୍ବାପେକ୍ଷା ଦୁଇ ଗୁଣ ବେଗରେ ଯାଇ ପହଞ୍ଚିବା ବେଳକୁ ହନୁମାନ ସିଂହଦ୍ୱାରରେ ଅପେକ୍ଷା କରିଛନ୍ତି । ସୁଦର୍ଶନ ବିସ୍ମିତ ହୋଇ ପଚାରିଲେ, ତୁମ୍ଭେ ବୃଦ୍ଧ ହେତୁ ଶୀଘ୍ର ଆସିପାରିବ ନାହିଁ ବୋଲି କହୁଥିଲ, ଏତେ ଶୀଘ୍ର ମୋ ପୂର୍ବରୁ ପହଞ୍ଚିଲ କିପରି ?

ହନୁମାନ ଉତ୍ତର ଦେଇ କହିଲେ, ମୁଁ ପିତା ପବନଦେବଙ୍କୁ ସ୍ମରଣ କରିବାରୁ ସେ ମତେ ଏଠାରେ ପହଞ୍ଚାଇଲେ । ମୁଁ ବୃଦ୍ଧ ହୋଇପାରେ କିନ୍ତୁ ପିତା ପବନଦେବ ବୃଦ୍ଧ ନୁହଁନ୍ତି । କାରଣ ଦେବତାମାନେ ବୃଦ୍ଧ ହୁଅନ୍ତି ନାହିଁ, ସର୍ବଦା ଯୁବକ ଅବସ୍ଥାରେ ଥାଆନ୍ତି ।

ହନୁମାନଙ୍କ ଶକ୍ତି ପରୀକ୍ଷା ପାଇଁ ସୁଦର୍ଶନ ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଚାରିଦ୍ୱାରରେ ଚାରୋଟି ସୁଦର୍ଶନ ରୂପେ ବାଟ ଓଗାଳିଲେ । ଏହାଦେଖି ହନୁମାନ ପ୍ରଭୁଙ୍କୁ ସ୍ମରଣ କରି ଚାରି ସୁଦର୍ଶନଙ୍କୁ ନିଜ ହାତରେ ଚାପି ପ୍ରଭୁଙ୍କ ପାଖରେ ପହଞ୍ଚିଲେ । ପ୍ରଭୁ ହନୁମାନଙ୍କୁ ଏକାକୀ ଦେଖି ସୁଦର୍ଶନଙ୍କ



କଥା ପଚାରିଲେ । ହନୁମାନ କହିଲେ-ପ୍ରଭୁ ଆପଣ ସବୁ ଜାଣନ୍ତି, ଆପଣ ତାଙ୍କୁ ଯେପରି ଚାରୋଟି ରୂପ ଦେଲେ, ମତେ ସେପରି ଚାରୋଟି ହାତ ଦେଲେ, ଚାରିଦ୍ୱାରରେ ସେ ମୋ ପଥରୋଧ କରିବାରୁ ମୁଁ ତାଙ୍କୁ ହସ୍ତରେ ଚାପି ରଖିଛି ।

ପ୍ରଭୁଙ୍କ ଦର୍ଶନରେ ମୁଁ କୌଣସି ବାଧା ମାନିବି ନାହିଁ କହିଲେ ହନୁମନ୍ତ । ତତ୍ପରେ ପ୍ରଭୁଙ୍କ ଆଦେଶ ମୁତାବକ ହନୁମାନ ସୁଦର୍ଶନଙ୍କୁ ବାହାର କଲେ, କିନ୍ତୁ ଚାରୋଟିଯାକ ସୁଦର୍ଶନ ଏକ ସ୍ତମ୍ଭାକାର ହୋଇ ତଳେ ପଡ଼ିଲେ । ଉଭୟଙ୍କ ଅହଙ୍କାର ପାଇଁ ପ୍ରଭୁ ଦଣ୍ଡବିଧାନ କଲେ । ସୁଦର୍ଶନ ସେହି ସ୍ତମ୍ଭାକାର ରୂପେ ଦକ୍ଷିଣପାର୍ଶ୍ୱ ପରିବର୍ତ୍ତେ ବାମପାର୍ଶ୍ୱରେ ରହିଲେ । ତପସ୍ୱୀ ହନୁମାନ ନାମରେ ଆଠ ହାତଯୁକ୍ତ ପ୍ରଶସ୍ତ ମୁଦ୍ରାରେ ଉତ୍ତରଦ୍ୱାର ଜଗି ରହିଲେ ।

ନିଜର ଅହଙ୍କାର ଯୋଗୁଁ ଖୁବ୍ ଲଜ୍ଜିତ ହୋଇ ସୁଦର୍ଶନ ପ୍ରଭୁଙ୍କ ନିକଟରେ କ୍ଷମା ପ୍ରାର୍ଥନା କଲେ । ସୁଦର୍ଶନଙ୍କୁ କ୍ଷମା ଦେଇ ତାଙ୍କର ସମ୍ମାନ ରକ୍ଷା ନିମନ୍ତେ ପୁଣିଥରେ ଗୋଲାକାର ଭାବେ ତାଙ୍କୁ ଶ୍ରୀମନ୍ଦିର ଚୂଡ଼ାରେ ଅବସ୍ଥାପିତ କଲେ । ପ୍ରଭୁ ଏକଥା ମଧ୍ୟ ଜଣାଇଲେ ଯେ ଦୂରରୁ ସୁଦର୍ଶନଙ୍କୁ ଦର୍ଶନ କଲେ ଜଗନ୍ନାଥ ଦର୍ଶନ ସମ ପୂଣ୍ୟ ପ୍ରାପ୍ତି ହେବ । ଏହାଦ୍ୱାରା ତେଜହୀନ ହୋଇ ମଧ୍ୟ ସୁଦର୍ଶନଙ୍କ ବୈଶିଷ୍ଟ୍ୟ ଅକ୍ଷୁର୍ଣ୍ଣ ରହିଲା।

**ପତିତପାବନ ବାନାର ମାହାତ୍ମ୍ୟ:**

ସେହିପରି ନୀଳଚକ୍ର ସହ ପତିତପାବନ ବାନାର ମଧ୍ୟ ରହିଛି ବିଶେଷତ୍ୱ । ପତିତମାନଙ୍କୁ ଉଦ୍ଧାର କରିବା ପାଇଁ ମହାପ୍ରଭୁ ବଡ଼ ଦେଉଳରେ ଉଡ଼ାଉଛନ୍ତି ପତିତପାବନ ବାନା । ଭକ୍ତଟିଏ ନିଜର କୌଣସି ମନସ୍କାମନା ନେଇ ନୀଳଚକ୍ରରେ ପତିତପାବନ ବାନାଟିଏ ଚଢାଇଲେ ସବୁ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି । ଏଥିପାଇଁ ପ୍ରତିଦିନ ଶହ ଶହ ଭକ୍ତ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପତିତପାବନ ବାନା ଶ୍ରୀମନ୍ଦିରରେ ଚଢାଇଥାନ୍ତି ।

ପ୍ରତିଦିନ ସନ୍ଧ୍ୟାରେ ଶ୍ରୀମନ୍ଦିର ଚୂନରା ସେବାୟତ ଏହାକୁ ପରିବର୍ତ୍ତନ କରି ନୂଆ ବାନା ଲଗାଇଥାନ୍ତି । ଯଦି କୌଣସି କାରଣରୁ ନୀଳଚକ୍ରରେ ବାନା ନ ଲାଗିପାରେ ତେବେ ବନ୍ଦ ହୋଇଯାଏ ମହାପ୍ରଭୁଙ୍କ ନୀତିକାନ୍ତି । କେବଳ ଲାଲ, ହଳଦିଆ ଓ ଧଳା ରଙ୍ଗର ବାନା ହିଁ ଲାଗିଥାଏ ନୀଳଚକ୍ରରେ। ପୂର୍ବରୁ ନୀଳଚକ୍ରରେ ଦେଢ ଶହ ହାତର ବିଶାଳ ବାନା ଲାଗି ହେଉଥିଲା । ତେବେ ପବନ ଚାପ ଯୋଗୁଁ ନୀଳଚକ୍ରର କ୍ଷତି ହେବା ଆଶଙ୍କା କରି ପ୍ରତ୍ନତାତ୍ତ୍ୱିକ ବିଭାଗର ନିର୍ଦ୍ଦେଶ କ୍ରମେ ମାତ୍ର ୧୪ ହାତିଆ ବାନା ଲାଗି ହେଉଛି। ଶ୍ରୀମନ୍ଦିର ଚୂନରା ସେବାୟତମାନେ ପ୍ରତିଦିନ ଶ୍ରୀମନ୍ଦିର ଉପରକୁ ଚଢ଼ି ଏହି ବାନା ଲାଗି କରିଥାନ୍ତି । ପାରମ୍ପାରିକ ଭାବେ କେବଳ ହାତ ଓ ଗୋଡ ସାହାଯ୍ୟରେ ଶ୍ରୀ ନ୍ଦିର ଉପରକୁ ଚଢ଼ି ବାନା ଲଗାଇ ଥାଆନ୍ତି ସେବାୟତ ।

# ଆଇସିସି ଟି୨୦ ର୍ୟାଙ୍କିଂ : ଶୀର୍ଷରେ ଭାରତ



**ନୂଆଦିଲ୍ଲୀ**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମହିଳା ଟି୨୦ ବିଶ୍ୱକପ୍ ୨୦୨୬ ପାଇଁ ସଦ୍ୟତମ ର୍ୟାଙ୍କିଙ୍ଗ ପ୍ରକାଶ କରିଛି। ଭାରତ ପୂର୍ବରୁ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛି, କିନ୍ତୁ ଶ୍ରୀ ଚରଣୀଙ୍କ ପ୍ରଦର୍ଶନ ଉପରେ କୌଣସି ପ୍ରଭାବ ପଡ଼ିନାହିଁ। ଶ୍ରୀ ଚରଣି ବିଶ୍ୱର ନମ୍ବର ୧ ଟି ୨୦ ବୋଲର ହୋଇପାରିଛନ୍ତି। ହରମନପ୍ରୀତ କୌର, ସ୍ମୃତି ମନ୍ଧାନା ଏବଂ ଶେଫାଲି ବର୍ମା ବ୍ୟାଟିଂ ର୍ୟାଙ୍କିଙ୍ଗରେ ଶ୍ରେଷ୍ଠ ୧୦ରେ ସ୍ଥାନ ପାଇଛନ୍ତି। ଭାରତୀୟ ସ୍ପିନ୍ ବୋଲର ଶ୍ରୀ ଚରଣୀ ବିଶ୍ୱର ନମ୍ବର ୧ ଟି-୨୦ ବୋଲର ରହିଛନ୍ତି, ସେ ଗତ ସପ୍ତାହରେ ହିଁ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ସେ ଟି-୨୦ ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟରେ ମୋଟ ୧୪ ୱିକେଟ୍ ନେଇଥିଲେ। ଦୀପ୍ତି ଶର୍ମା ହେଉଛନ୍ତି ଶ୍ରେଷ୍ଠ ୧୦ରେ ସ୍ଥାନ ପାଇଥିବା ଅନ୍ୟତମ ବୋଲର। ଇଂଲଣ୍ଡର ଲରେନ୍ ବେଲ୍ ଏକ ଗୁରୁତ୍ୱପୂର୍ଣ୍ଣ ପାହାଚ ଚଢ଼ି ସପ୍ତମ ସ୍ଥାନରୁ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।

ମହିଳା ଟି-୨୦ ବ୍ୟାଟିଂ ର୍ୟାଙ୍କିଙ୍ଗରେ, ଅଷ୍ଟ୍ରେଲିଆର ଜର୍ଜିଆ ୱାଲ୍ ପ୍ରଥମ ସ୍ଥାନରେ ରହିଥିବା ବେଳେ ଇଂଲଣ୍ଡର ଚାର୍ଲି ଡିନ୍ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଭାରତର ଶ୍ରେଷ୍ଠ ସ୍ଥାନ ପାଇଥିବା ଟି-୨୦ ବ୍ୟାଟରଙ୍କ ମଧ୍ୟରେ ପଞ୍ଚମ ସ୍ଥାନରେ ସ୍ମୃତି ମନ୍ଧାନା ଏବଂ ଶେଫାଲି ବର୍ମା ଷଷ୍ଠ ସ୍ଥାନରେ ରହିଛନ୍ତି। ଅଧିନାୟିକା ହରମନପ୍ରୀତ କୌର ବର୍ତ୍ତମାନ ଦଶମ ସ୍ଥାନରେ ଅଛନ୍ତି। ରିଚା ଘୋଷ ଏବଂ ଜେମିମା ରୋଡ୍ରିଗ୍ସ ବ୍ୟାଟିଂ ର୍ୟାଙ୍କିଙ୍ଗରେ ୧୦ ନମ୍ବର ତଳେ ରହିଛନ୍ତି।

ଏହି ପରିପ୍ରେକ୍ଷିରେ, ଦୀପ୍ତି ଶର୍ମା ଏକମାତ୍ର ଭାରତୀୟ ଭାବେ ଟି-୨୦ ଅଲରାଉଣ୍ଡର ର୍ୟାଙ୍କିଙ୍ଗର ପଞ୍ଚମ ସ୍ଥାନରେ ଅଛନ୍ତି। ଶେଫାଲି ବର୍ମା ଚାରି ସ୍ଥାନ ଉପରକୁ ଉଠି ୨୨ତମ ସ୍ଥାନରେ ପହଞ୍ଚିଛନ୍ତି। ଦଳଗତ ର୍ୟାଙ୍କିଙ୍ଗକୁ ଦେଖିଲେ, ଅଷ୍ଟ୍ରେଲିଆ ପ୍ରଥମ ସ୍ଥାନରେ, ଇଂଲଣ୍ଡ ଦ୍ୱିତୀୟରେ ଏବଂ ଭାରତ ତୃତୀୟ ସ୍ଥାନରେ ଅଛି। ମହିଳା ଟି-୨୦ ବିଶ୍ୱକପ୍ ୨୦୨୬ ପାଇଁ ସେମିଫାଇନାଲ କାର୍ଯ୍ୟସୂଚୀ ସ୍ଥିର ହୋଇଛି। ପ୍ରଥମ ସେମିଫାଇନାଲରେ ଅଷ୍ଟ୍ରେଲିଆ ଏବଂ ୱେଷ୍ଟଇଣ୍ଡିଜ୍ ମୁହାଁମୁହିଁ ହେବାକୁ ଥିବା ବେଳେ ଦକ୍ଷିଣ ଆଫ୍ରିକା ଏବଂ ଇଂଲଣ୍ଡ ଦ୍ୱିତୀୟରେ ମୁହାଁମୁହିଁ ହେବେ।

## ଏସିଆନ୍ ଗେମ୍ସ ପାଇଁ ଘୋଷଣା ହେଲା ମହିଳା କ୍ରିକେଟ୍ ଦଳ

# ଦଳରୁ ବାଦ୍ ପଡ଼ିଲେ ୱିକେଟ୍ କିପର-ବ୍ୟାଟ୍ସମ୍ୟାନ୍ ୟାସ୍ତିକା ଭାଟିଆ

**ନୂଆଦିଲ୍ଲୀ**

ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ୨୦୨୬ର ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡ଼ିବା ପରେ ଭାରତୀୟ ମହିଳା କ୍ରିକେଟ୍ ଦଳ ସମ୍ମୁଖରେ ବର୍ତ୍ତମାନ ନିଜକୁ ପ୍ରମାଣିତ କରିବାର ନୂଆ ଚ୍ୟାଲେଞ୍ଜ ରହିବ। ଏହି କ୍ରମରେ ବିସିସିଆଇ ସେପ୍ଟେମ୍ବର ୨୦୨୬ରେ ଜାପାନରେ ଆୟୋଜିତ ହେବାକୁ ଥିବା ଏସିଆନ୍ ଗେମ୍ସ ପାଇଁ ଭାରତୀୟ ମହିଳା ଦଳ ଘୋଷଣା କରିଛି। ଭାରତୀୟ ମହିଳା ଦଳର ଲକ୍ଷ୍ୟ କ୍ରମାଗତ ଦ୍ୱିତୀୟ ଥର ପାଇଁ ସ୍ୱର୍ଣ୍ଣ ପଦକ ଜିତିବା ହେବ।

ଭାରତୀୟ ମହିଳା ଦଳ ଗତଥର ଚୀନର ହାଙ୍ଗଜୋଉରେ ଆୟୋଜିତ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚି ସାରିଛି। ଏଭଳି ପରିସ୍ଥିତିରେ ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଦଳ ଏଥର ମଧ୍ୟ ନିଜର ଟାଇଟଲ୍ ବଜାୟ ରଖିବା ଆଶାରେ ମୈଦାନକୁ ଓହ୍ଲାଇବ। ସ୍ମୃତି ମାନ୍ଧନାଙ୍କୁ ଦଳର ଉପ-ଅଧିନାୟିକା କରାଯାଇଛି।

ଟିମ୍ ଇଣ୍ଡିଆର ଟି-୨୦ ବିଶ୍ୱକପ୍ ୨୦୨୬ ଅଭିଯାନ ନିରାଶାଜନକ ଭାବେ ଶେଷ ହୋଇଛି। ଦଳ ଗ୍ରୁପ୍ ପର୍ଯ୍ୟାୟରେ ମୋଟ ୫ଟି ମ୍ୟାଚ୍‌ରୁ ମାତ୍ର ୩ଟିରେ ବିଜୟୀ ହୋଇପାରିଥିଲା। ଭାରତୀୟ ଦଳକୁ ଏହି ଟୁର୍ଣ୍ଣାମେଣ୍ଟରେ ଅଷ୍ଟ୍ରେଲିଆ ଏବଂ ସାଉଥ୍ ଆଫ୍ରିକାଠାରୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା।



ବିଶ୍ୱକପ୍‌ରେ ନିରାଶାଜନକ ପ୍ରଦର୍ଶନ ସତ୍ତ୍ୱେ ଚୟନକର୍ତ୍ତାମାନେ ଅଭିଜ୍ଞ ଖେଳାଳିଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ଦଳରେ ଶେଫାଳୀ ବର୍ମା, ଜେମିମା ରୋଡ୍ରିଗ୍ସ, ଦୀପ୍ତି ଶର୍ମା ଏବଂ ୱିକେଟ୍ କିପର ବ୍ୟାଟ୍ସମ୍ୟାନ୍ ରଚା ଘୋଷଙ୍କୁ ସ୍ଥାନ ମିଳିଛି। ଯୁବ ୱିକେଟ୍ କିପର ଜି.କମଳିନୀ ମଧ୍ୟ ଦଳର ଅଂଶ ହେବେ। ତେବେ ୱିକେଟ୍ କିପର-ବ୍ୟାଟ୍ସମ୍ୟାନ୍ ୟାସ୍ତିକା ଭାଟିଆଙ୍କୁ ଦଳରୁ ବାଦ୍ ଦିଆଯାଇଛି। ୟାସ୍ତିକାଙ୍କ ସ୍ଥାନରେ ଜି. କମଳିନୀଙ୍କୁ ଦଳରେ ସାମିଲ କରାଯାଇଛି।

ବୋଲିଂ ବିଭାଗରେ ରେଣୁକା ଠାକୁର, ଅରୁନ୍ଧତୀ ରେଡ୍ଡୀ, ରାଧା ଯାଦବ, ଶ୍ରୀ ଚରଣୀ ଏବଂ କ୍ରାନ୍ତି ଗୌଡ଼ଙ୍କୁ ସାମିଲ କରାଯାଇଛି। ଅନ୍ୟପଟେ ଅଲରାଉଣ୍ଡର ଶ୍ରେୟାଙ୍କା ପାଟିଲଙ୍କୁ ଫିଟନେସ୍ ମଞ୍ଜୁରୀ ମିଳିବା ସର୍ତ୍ତରେ ଦଳରେ ସ୍ଥାନ ଦିଆଯାଇଛି। ଏହା ବ୍ୟତୀତ ଭାରତୀ ଫୁଲମାଲି ଏବଂ ନନ୍ଦିନୀ ଶର୍ମା ମଧ୍ୟ ଏହି ୧୫ ଜଣିଆ ଦଳର ଅଂଶ ଅଟନ୍ତି।

ଟି-୨୦ ବିଶ୍ୱକପ୍‌ରେ ଆଶା ଅନୁରୂପ ପ୍ରଦର୍ଶନ କରିବାରେ ଫେଲ୍ ମାରିବା ପରେ ଏସିଆନ୍ ଗେମ୍ସ ଭାରତୀୟ ମହିଳା ଦଳ ପାଇଁ ଆତ୍ମବିଶ୍ୱାସ ଫେରିପାଇବା ଏବଂ ବିଜୟୀ ଲୟକୁ ଫେରିବାର ଏକ ବଡ଼ ମଞ୍ଚ ସାବ୍ୟସ୍ତ ହୋଇପାରେ। ଭାରତ ବର୍ତ୍ତମାନର ସ୍ୱର୍ଣ୍ଣ ପଦକ ବିଜେତା ହୋଇଥିବାରୁ ଏଥର ମଧ୍ୟ ଦଳଠାରୁ ସ୍ୱର୍ଣ୍ଣ ପଦକ ବଜାୟ ରଖିବାକୁ ଆଶା ରହିବ।

ଏସିଆନ୍ ଗେମ୍ସ ୨୦୨୬ ପାଇଁ ଭାରତର ମହିଳା କ୍ରିକେଟ୍ ଦଳ : ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମାନ୍ଧନା (ଉପ-ଅଧିନାୟିକା), ଶେଫାଳୀ ବର୍ମା, ଜେମିମା ରୋଡ୍ରିଗ୍ସ, ଦୀପ୍ତି ଶର୍ମା, ରଚା ଘୋଷ (ୱିକେଟ୍ କିପର), ଜି. କମଳିନୀ (ୱିକେଟ୍ କିପର), ଭାରତୀ ଫୁଲମାଲି, ଶ୍ରୀ ଚରଣୀ, ରେଣୁକା ଠାକୁର, କ୍ରାନ୍ତି ଗୌଡ଼, ଅରୁନ୍ଧତୀ ରେଡ୍ଡୀ, ଶ୍ରେୟାଙ୍କା ପାଟିଲ, ରାଧା ଯାଦବ ଓ ନନ୍ଦିନୀ ଶର୍ମା।

# ୨ ବର୍ଷରେ ଖେଳାଯିବ ୩୫ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତା

**ନୂଆଦିଲ୍ଲୀ**

ବିଶ୍ୱ ବ୍ୟାଡ୍ ମିଣ୍ଟନ୍ ମହାସଂଘ (ବିଡବ୍ଲୁଏଫ) ପକ୍ଷରୁ ମଙ୍ଗଳବାର ୨୦୨୭, ୨୦୨୮ ପାଇଁ ଅନ୍ତର୍ଜାତୀୟ ପ୍ରତିଯୋଗିତା କ୍ୟାଲେଣ୍ଡର ଘୋଷଣା କରାଯାଇଛି। ଏହି ଦୁଇ ବର୍ଷରେ ମୋଟ ୩୫ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେଥିରେ ଅନ୍ତର୍ଭୁକ୍ତ ରହିଛି ସୁପର ୧୦୦୦ରୁ ସୁପର ୧୦୦ ସ୍ତରୀୟ ପ୍ରତିଯୋଗିତା ଏବଂ ୱାର୍ଲ୍ଡ ଟୁର ଫାଇନାଲ୍। ସୟଦ ମୋଦୀ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍‌କୁ ଏକ ସୁପର ୧୦୦ ପ୍ରତିଯୋଗିତା ମାନ୍ୟତା ଦିଆଯାଇଛି। ଏହି ୨୦୨୭ ଜୁଲାଇ ୨୭ରୁ ଅଗଷ୍ଟ ୧ ପର୍ଯ୍ୟନ୍ତ ଲକ୍ଷ୍ନୌରେ ଅନୁଷ୍ଠିତ ହେବ। ସେହିପରି ୨୦୨୮ରେ ଏହା ଜୁଲାଇ ୨୫ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଇଣ୍ଡିଆ ଓପନ୍ ସୁପର ୭୫୦ ଆସନ୍ତା ବର୍ଷ ଫେବୃଆରୀ ୨ ରୁ ୭ ପର୍ଯ୍ୟନ୍ତ ଏବଂ ୨୦୨୮ରେ ଜାନୁଆରୀ ୨୫ରୁ ୩୦ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଚଳିତ ବର୍ଷର ଇଣ୍ଡିଆ ଓପନ୍ ସୁପର ଜାନୁଆରୀ ୧୩ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଅନ୍ତର୍ଜାତୀୟ ଖେଳାଳିମାନେ ହାନୀକାରକ ବାୟୁପ୍ରଦୂଷଣ, ଷ୍ଟାଡିୟମ୍ ଭିତରର ଥଣ୍ଡା ତାପମାତ୍ରା ଓ ସ୍ୱଚ୍ଛତାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ୨୦୨୮ର ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପର୍ଯ୍ୟାୟ ମେ ୩, ୨୦୨୭ରୁ ଏପ୍ରିଲ ୩୦, ୨୦୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ୨୦୨୭ର ବିଶ୍ୱ ଚାମ୍ପିଅନ୍‌ସିପ୍, ୨୦୨୮ର ଥମାସ ଓ ଉବର କପ୍ ଫାଇନାଲ୍ ତାରିଖ ପରେ ଘୋଷଣା କରାଯିବ।

# ଫିଫା ବିଶ୍ୱକପରୁ ବିଦା ହେଲେ ଦୁଇ ଶକ୍ତିଶାଳୀ ଦଳ, ଅଳ୍ପକେ ବର୍ତ୍ତିଲା ବ୍ରାଜିଲ୍

**ଗୁଆଡାଲୁପ୍ (ମେକ୍ସିକୋ)**

ଫିଫା ବିଶ୍ୱକପ୍ ୨୦୨୬ରେ ଖେଳାଯାଇଥିବା 'ରାଉଣ୍ଡ ଅଫ୍ ୩୨' ମ୍ୟାଚ୍‌ଗୁଡ଼ିକ ଅତ୍ୟନ୍ତ ରୋମାଞ୍ଚକର ଭାବେ ଶେଷ ହୋଇଛି। ଶେଷ ମୁହୂର୍ତ୍ତର ଗୋଲ୍ ଏବଂ ଦୁଇଟି ବଡ଼ ପେନାଲ୍ଟି ସୁଟ୍ ଆଉଟ୍ ଗେମ୍ ଏହି ନକଆଉଟ୍ ମୁକାବିଲାକୁ ଐତିହାସିକ କରିଦେଇଛି। ଶକ୍ତିଶାଳୀ ବ୍ରାଜିଲ୍ ଦଳ ଅଳ୍ପକେ ପରାଜୟରୁ ବର୍ତ୍ତି ଯାଇଥିବା ବେଳେ ଜର୍ମାନୀ ଏବଂ ନେଦରଲାଣ୍ଡ ଭଳି ଦଳ ପରାଜିତ ହୋଇ ବିଶ୍ୱକପରୁ ବିଦାୟ ନେଇଛନ୍ତି।



ବ୍ରାଜିଲ୍ ବନାମ ଜାପାନ (୨-୧) : ହ୍ୟୁଷ୍ଟନ୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଜାପାନ ଦଳ ପ୍ରଥମାର୍ଦ୍ଧରେ ଚମତ୍କାର ପ୍ରଦର୍ଶନ କରି ସମସ୍ତଙ୍କୁ ଚକିତ କରିଦେଇଥିଲା। ଜାପାନର ଷ୍ଟାର୍ ମିଡ୍ ଫିଲ୍ଡର କାଶୁ ସାନୋ, ବ୍ରାଜିଲ୍ ରକ୍ଷଣଭାଗର ଏକ ଭୁଲ୍‌ର ସୁଯୋଗ ନେଇ ପ୍ରଥମ ଗୋଲ୍ ଦେଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ପଛୁଆ ଥିବା ବ୍ରାଜିଲ୍ ଦ୍ୱିତୀୟାର୍ଦ୍ଧରେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା ଏବଂ କ୍ୟାସେମିରୋ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ସମାନତା ସୂଚକ ଗୋଲ୍ ସ୍କୋର କରିଥିଲେ। ମ୍ୟାଚ୍‌ଟି ଏକ୍ସଟ୍ରା ଟାଇମ୍ ଆଡ଼କୁ ଗତି କରୁଥିବା ବେଳେ, ଖେଳର ୯୬ତମ ମିନିଟରେ (ଇଞ୍ଜୁରୀ ଟାଇମ୍) ବଦଳ ଖେଳାଳି ଗାବ୍ରିଏଲ୍ ମାର୍ଟିନେଲି ଏକ ଯାଦୁକରୀ ଗୋଲ୍ ଦେଇ ଜାପାନୀ ପ୍ରଶଂସକଙ୍କ ହୃଦୟ ଭାଙ୍ଗିବା ସହ ବ୍ରାଜିଲକୁ ୨-୧ରେ ବିଜୟୀ କରାଇ ରାଉଣ୍ଡ ଅଫ୍ ୧୬କୁ ନେଇଥିଲେ।

ପାରାଗୁଏ ବନାମ ଜର୍ମାନୀ (୪-୩) (ପେନାଲ୍ଟି ସୁଟ୍ ଆଉଟ୍) : ବୋଷ୍ଟନ୍ ଷ୍ଟାଡିୟମରେ ଚଳିତ ବିଶ୍ୱକପ୍‌ର ସବୁଠାରୁ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା। ଏଠାରେ ଶକ୍ତିଶାଳୀ ଜର୍ମାନୀ ଦଳକୁ ପାରାଗୁଏ ଫିଫା ବିଶ୍ୱକପ ୨୦୨୬ରୁ ବିଦା କରିଦେଇଛି। ଜର୍ମାନୀର ଦ୍ରୁତ ଆକ୍ରମଣ ସତ୍ତ୍ୱେ ପାରାଗୁଏର ରକ୍ଷଣଭାଗ ଅତ୍ୟନ୍ତ ମଜଭୁତ୍ ରହିଥିଲା। ଯାହାଫଳରେ ନିର୍ଦ୍ଧାରିତ ଏବଂ ଏକ୍ସଟ୍ରା ଟାଇମ୍ ସୁଦ୍ଧା ମ୍ୟାଚ୍‌ଟି ୧-୧ ଗୋଲରେ ବରାବର ରହିଥିଲା। ଏହାପରେ ହୋଇଥିବା ହାଇ-ଭୋଲ୍ଟେଜ୍ ପେନାଲ୍ଟି ସୁଟ୍ ଆଉଟରେ ଜର୍ମାନୀର ଖେଳାଳିମାନେ ଚାପର ବଶବର୍ତ୍ତୀ ହୋଇ ୩ଟି ସୁଯୋଗ ହରାଇଥିଲେ। ଏହାର ଫାଇଦା ନେଇ ପାରାଗୁଏର ଜୋସେ କାନାଲେ ଶେଷ ବିଜୟୀ ପେନାଲ୍ଟି ଗୋଲ୍ ଦେଇ ନିଜ ଦଳକୁ ସୁଟ୍‌ଆଉଟ୍‌ରେ ୪-୩ରେ ଜିତାଇଥିଲେ।

ମରକ୍କୋ ବନାମ ନେଦରଲାଣ୍ଡ (୩-୨) (ପେନାଲ୍ଟି ସୁଟ୍ ଆଉଟ୍) : ମଣ୍ଟେରୀ ଷ୍ଟାଡିୟମରେ ଖେଳାଯାଇ ଥିବା ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ପ୍ରଥମେ ନେଦରଲାଣ୍ଡ ଦଳ କୋଡି ଗାକପୋଙ୍କ ଗୋଲ୍ ବଳରେ ଅଗ୍ରଣୀ ହାସଲ କରିଥିଲା। କିନ୍ତୁ ମରକ୍କୋ ଦଳ ହାର୍ ମାନିନଥିଲା ଏବଂ ମ୍ୟାଚ୍‌ର ୯୧ତମ ମିନିଟରେ ଇସା ଡିଓପ୍ ଏକ ଚମତ୍କାର ଗୋଲ୍ ଦେଇ ସ୍କୋରକୁ ୧-୧ ବରାବର କରିଥିଲେ ଏବଂ ମ୍ୟାଚଟି ଏକ୍ସଟ୍ରା ଟାଇମକୁ ଯାଇଥିଲା। ଏହି ଉତ୍ତେଜନାପୂର୍ଣ୍ଣ ମ୍ୟାଚ୍‌ର ନିଷ୍ପତ୍ତି ପେନାଲ୍ଟି ସୁଟ୍ ଆଉଟ୍ ମାଧ୍ୟମରେ ହୋଇଥିଲା। ଯେଉଁଠାରେ ଡଚ୍ ଦଳର ଏକାଧିକ ମିସ୍ ଯୋଗୁଁ ମରକ୍କୋ (ଆଟଲାସ୍ ଲାୟନ୍ସ) ସୁଟ୍ ଆଉଟକୁ ୩-୨ ରେ ଜିତି ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛି।

# ୱିମ୍ବଲଡନ୍‌ରେ ଓସାକାଙ୍କ 'କିଲ୍ ବିଲ୍' ଚର୍ଚ୍ଚା



**ଲଣ୍ଡନ୍**

ୱିମ୍ବଲଡନ୍ ଗ୍ରାଣ୍ଡ ସ୍ଲାମ ଟେନିସ୍ ପ୍ରତିଯୋଗିତା ଆରମ୍ଭରୁ ପୂର୍ବତନ ଏକ ନମ୍ବରଜାପାନୀ ଖେଳାଳିନାଓମି ଓସାକାଙ୍କ ନିଆରା ପୋଷାକକୁ ନେଇ ଚର୍ଚ୍ଚା ଚାଲିଛି। ୪ ଥର ଗ୍ରାଣ୍ଡ ସ୍ଲାମ ଟ୍ରଫି ଜିତିଥିବା ଓସାକା ପ୍ରଥମ ଦିବସରେ ଜାପାନୀ ଅନୁପ୍ରେରିତ ପୋଷାକ 'କିଲ୍ ବିଲ୍' କିମାନୋ ପରିଧାନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜାପାନର ପାରମ୍ପରିକ ଜାତୀୟ ପୋଷାକ (କିଲ୍ ବିଲ୍) ପରିଧାନ କରି କୋର୍ଟ-୩ରେ ଚାଲିଯାଉଥିବା ଫଟୋ ଏବେ ଖୁବ୍ ଭାଇରାଲ୍ ହୋଇଛି। ୱିମ୍ବଲଡନ୍‌ରେ ସମ୍ପୂର୍ଣ୍ଣ ଧଳା ପୋଷାକ ପରିଧାନ କରି ଖେଳିବାକୁ ନିୟମ ରହିଛି। ଏହା ତାଙ୍କୁ ଅନୁପ୍ରାଣିତ କରିଥିବା ଓସାକା ପ୍ରକାଶ କରିଛନ୍ତି। ଧଳା ପୋଷାକରେ ଶରୀରକୁ ସମ୍ପୂର୍ଣ୍ଣ ଆଚ୍ଛାଦିତ କରି ସେ ଚୁଟିରେ ଧଳା ଅଳଙ୍କାର 'କାନଜାସୀ' ବି ଲଗାଇ ଥିଲେ। ଏହା ପରେ ସେ ନାଇକୀ ପୋଷାକ ପରିଧାନ କରି ଖେଳିଥିଲେ।

# ମେଗା ଫୋର୍ସ ଚାମ୍ପିଅନ୍ସ ଟ୍ରଫି କ୍ରିକେଟ୍ ଉଦ୍‌ଯାପିତ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର ପୌରପାଳିକା ଅଧିନ କପାଳେଶ୍ୱର ଖେଳ ପଡ଼ିଆରେ ମେଗା ଫୋର୍ସ ଚାମ୍ପିଅନ୍ସ ଟ୍ରଫି କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ମେଗା ବ୍ଲାଷ୍ଟର୍ସ ଓ ଫୋର୍ସ ଷ୍ଟ୍ରାଇକର୍ସ ଟିମ୍ ମଧ୍ୟରେ ଅନୁଷ୍ଠିତ ଏହି ଦର୍ଶନୀୟ ମ୍ୟାଚ୍‌ରେ ଫୋର୍ସ ଷ୍ଟ୍ରାଇକର୍ସ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ମୋଟ୍ ୧୮୪ ରନ୍ କରିଥିଲେ। ଜବାବରେ ମେଗା ବ୍ଲାଷ୍ଟର୍ସ ୧୧୫ ରନ୍‌ରେ ସୀମିତ ହୋଇଯାଇଥିଲା। ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଡ. ସୁଧାଂଶୁ ଶେଖର ବେହେରା ଅତିଥି ଭାବେ ଯୋଗଦେଇ ବିଜୟୀ ଫୋର୍ସ ଷ୍ଟ୍ରଇକର୍ସ ଦଳକୁ ଚାମ୍ପିଅନ୍ ଟ୍ରଫି ପ୍ରଦାନ କରିଥିଲେ। ଡ୍ୟାନସିଂ ଅମ୍ପାୟାର ବବୁଲ ମ୍ୟାଚ୍ ପରିଚାଳନା କରିଥିଲେ।



ତୁର୍କୀରେ ଅନୁଷ୍ଠିତ ୨୦୨୬ ୱାର୍ଲ୍ଡ ଆବିଲିଟି ସ୍ପୋର୍ଟ୍ସ ୟୁଥ ଗେମ୍ - ପାରା ଆଥଲେଟିକ୍ସରେ ଭାଗ ନେଇଥିବା କଳାହାଣ୍ଡି ଓ ଢେଙ୍କାନାଳର ଆକାଶ ରଞ୍ଜନ ମୁଣ୍ଡ ଓ ବିଭାସିନ୍ଧୁ ବାରିକଙ୍କୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ଆଜି ଭାରତ-ଇଂଲଣ୍ଡ ପ୍ରଥମ ଟି-୨୦ : ଟିମ୍ ଇଣ୍ଡିଆକୁ ଫେରିଲେ ବିଶ୍ୱର ନମ୍ବର-୧ ବୋଲର

**ନୂଆଦିଲ୍ଲୀ**

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ବୁଧବାର (୧ ଜୁଲାଇ) ଠାରୁ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଆରମ୍ଭ ହେବ। ଏହି ସିରିଜ୍ ସବୁଠାରୁ ଅଧିକ ରୋଚକ ହେବାକୁ ଯାଉଛି, କାରଣ ନିକଟରେ ଆୟରଲାଣ୍ଡ ହାତରୁ ଲଜ୍ଜାଜନକ ଭାବେ ସିରିଜ୍ ହେବା ପରେ ଭାରତୀୟ ଦଳର ସମ୍ମାନ ବର୍ତ୍ତମାନ ବାଜିରେ ଲାଗିଛି। ଏହା ସମେତ ଦଳର ଅଧିନାୟକ ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହି ସବୁ ମଧ୍ୟରେ ଇଂଲଣ୍ଡ ବିପକ୍ଷ ପ୍ରଥମ ଟି-୨୦ ମ୍ୟାଚ୍‌ର ଠିକ୍ ପୂର୍ବରୁ ଭାରତୀୟ ପ୍ରଶଂସକ ଏବଂ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଏକ ବଡ଼ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି। ବିଶ୍ୱର ନମ୍ବର ୱାନ୍ ମିଷ୍ଟ୍ରି ସ୍ପିନର ବରୁଣ ଚକ୍ରବର୍ତ୍ତୀ ସମ୍ପୂର୍ଣ୍ଣ ଫିଟ୍ ହୋଇ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ବରୁଣ ଚକ୍ରବର୍ତ୍ତୀ ଆୟରଲାଣ୍ଡ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ଅଂଶ ଥିଲେ, କିନ୍ତୁ ସିରିଜ୍ ଆରମ୍ଭ ହେବାର ଠିକ୍ ପୂର୍ବରୁ ସେ ଆହତ ହୋଇଯାଇଥିଲେ। ତାଙ୍କ ଅନୁପସ୍ଥିତିରେ ଭାରତୀୟ ବୋଲିଂ ସମ୍ପୂର୍ଣ୍ଣ ପ୍ରଭାବହୀନ ଦେଖାଯାଇଥିଲା ଏବଂ ଆୟରଲାଣ୍ଡର ବ୍ୟାଟ୍ସମ୍ୟାନ ମାନେ ମିଡିଲ୍ ଓଭରରେ ସହଜରେ ରନ୍ ସଂଗ୍ରହ କରିଥିଲେ। ଯାହା ଫଳରେ ବିଶ୍ୱ ବିଜେତା ଭାରତକୁ ଇତିହାସରେ ପ୍ରଥମ ଥର ପାଇଁ ଆୟରଲାଣ୍ଡଠାରୁ ସିରିଜ୍ ହାରିବାକୁ ପଡ଼ିଥିଲା। ବର୍ତ୍ତମାନ ବରୁଣ ଚକ୍ରବର୍ତ୍ତୀ ନିଜ ଆଘାତରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇସାରିଛନ୍ତି ଏବଂ ସେ ନେଟ୍ସରେ ପ୍ରବଳ ପରିଶ୍ରମ କରିଛନ୍ତି। ତାଙ୍କ ଆସିବା ଦ୍ୱାରା ଅଧିନାୟକ ଶ୍ରେୟସ ଆୟରଙ୍କୁ ବୋଲିଂରେ ସେହି ଧାର ପୁଣିଥରେ ମିଳିବ, ଯାହା ମିଡିଲ୍ ଓଭରଗୁଡ଼ିକରେ ପ୍ରତିପକ୍ଷ ବ୍ୟାଟ୍ସମ୍ୟାନମାନଙ୍କୁ ବାନ୍ଧି ରଖିବାରେ କାମରେ ଆସିଥାଏ।



ବରୁଣ ଚକ୍ରବର୍ତ୍ତୀଙ୍କ ଦଳକୁ ପ୍ରତ୍ୟାବର୍ତ୍ତନ ତ ହୋଇଯାଇଛି, କିନ୍ତୁ ଏହା ଟିମ୍ ମ୍ୟାନେଜମେଣ୍ଟ ସାମ୍ନାରେ ଏକ ବଡ଼ ମୁଣ୍ଡବିନ୍ଧାର କାରଣ ସାଜିଛି। ବରୁଣଙ୍କୁ ପ୍ଲେଇଂ ଇଲେଭେନରେ ସାମିଲ କରିବା ପାଇଁ ଭାରତକୁ ନିଜର ଦ୍ରୁତ ବୋଲିଂ ତ୍ରିମୂର୍ତ୍ତି ଯଥା ଅର୍ଶଦୀପ ସିଂହ, ହର୍ଷିତ ରାଣା ଓ ନୂତନ ଖେଳାଳି ପ୍ରିନ୍ସ ଯାଦବଙ୍କ ମଧ୍ୟରୁ ଯେକୌଣସି ଜଣଙ୍କୁ ବାହାରେ ବସାଇବା ଭଳି ଏକ କଠୋର ନିଷ୍ପତ୍ତି ନେବାକୁ ହେବ। ଅନ୍ୟପଟେ ଯୁବ ଖେଳାଳିମାନଙ୍କ କଥା ଦେଖିଲେ ଟିମ୍ ମ୍ୟାନେଜମେଣ୍ଟ ବୟାନରୁ ସଙ୍କେତ ମିଳୁଛି ଯେ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ନିଜର ଅନ୍ତର୍ଜାତୀୟ ଡେବ୍ୟୁ ପାଇଁ ବର୍ତ୍ତମାନ ଆଉ କିଛି ସମୟ ଅପେକ୍ଷା କରିବାକୁ ପଡ଼ିପାରେ ଏବଂ ସଞ୍ଜୁ ସାମସନ ହିଁ ଓପନିଂ ଦାୟିତ୍ୱ ସମ୍ଭାଳିବେ।

ଦୁଇ ଦଳର ସମ୍ଭାବ୍ୟ ପ୍ଲେଇଂ-୧୧ : ଭାରତ : ସଞ୍ଜୁ ସାମସନ/ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ଇଶାନ କିଶନ (ୱିକେଟ୍ କିପର), ଶ୍ରେୟସ ଆୟର (ଅଧିନାୟକ), ତିଲକ ବର୍ମା, ସୂର୍ଯ୍ୟାଂଶ ଶେଡଗେ, ଶିବମ ଦୁବେ, ଅକ୍ଷର ପଟେଲ, ଅର୍ଶଦୀପ ସିଂହ, ହର୍ଷିତ ରାଣା, ପ୍ରିନ୍ସ ଯାଦବ/ବରୁଣ ଚକ୍ରବର୍ତ୍ତୀ।

ଇଂଲଣ୍ଡ: ଫିଲ୍ ସଲ୍ଟ, ଜୋସ୍ ବଟଲର (ୱିକେଟ୍ କିପର), ହ୍ୟାରୀ ବ୍ରୁକ୍ (ଅଧିନାୟକ), ଜ୍ୟାକବ୍ ବେଥେଲ୍, ଟମ୍ ବ୍ୟାଣ୍ଟନ, ୱିଲ୍ ଜ୍ୟାକ୍ସ, ସାମ୍ କରନ୍, ଲିଆମ୍ ଡସନ୍, ସୋନି ବେକର/ଲ୍ୟୁକ୍ ଉଡ୍, ସାକିବ୍ ମହମୁଦ, ଆଦିଲ୍ ରସିଦ୍।

# ୭ଟି ଅଭିଯୋଗର ତତ୍‌କାଳ ସମାଧାନ କଲେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାର ସୋର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋର ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୪୧ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୩୭ଟି ବ୍ୟକ୍ତିଗତ ଓ ୨ଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୨ଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ। ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୭ଟି ଅଭିଯୋଗର ତତ୍‌କାଳ ସମାଧାନ କରାଯାଇଥିଲା।



ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଦେବଜ୍ୟୋତି ଦାସ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶିବ ମାଳବ୍ୟ, ବିଡିଓ, ସୋର ସୁବ୍ରତ କୁମାର ବେହେରା, ଭାରପ୍ରାପ୍ତ ତହସିଲଦାର, କୃଷ୍ଣ ମୋହନ ସିଂହ, ନିର୍ବାହୀ ଅଧିକାରୀ, ସୋର ମ୍ୟୁନିସିପାଲଟି ବିଶ୍ୱରଂଜନ ପ୍ରଧାନଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଡ୍ୟାମ୍‌ରେ ବୁଡ଼ି ଚାଲିଗଲା ମହିଳାଙ୍କ ଜୀବନ

**ମୋହନା, ନ୍ୟୁଜ୍‌ବ୍ୟୁରୋ**

ଡ୍ୟାମ୍‌ରେ ଗାଧୋଇବା ବେଳେ ପାଣିରେ ବୁଡ଼ି ମହିଳାଙ୍କ ମୃତ୍ୟୁ ହୋଇଛି। ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ସାନଖଣି ଗାଁର ବାସନ୍ତୀ ମଳିକ ନିକଟରେ ଥିବା ଡ୍ୟାମ୍‌କୁ ଗାଧୋଇବା ପାଇଁ ଯାଇଥିଲେ କିନ୍ତୁ ଆଉ ଘରକୁ ଫେରିନଥିଲେ। ଗ୍ରାମବାସୀ ବହୁ ଖୋଜାଖୋଜି ପରେ ଡ୍ୟାମ୍‌ର ତଟରେ ବୁଡ଼ି ରହିଥିବା ଦେଖି ୧୧୨କୁ ଖବର ଦେଇଥିଲେ। ଘଟଣାସ୍ଥଳରେ ମୋହନା ପୋଲିସ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିଥିଲା।

# ଡିଜିଟାଲ୍ କମ୍ୟୁନିକେସନ୍ କମିଶନର ସଦସ୍ୟ (ପ୍ରଯୁକ୍ତି) ପଦରୁ ଅବସର ଗ୍ରହଣ କଲେ ବରିଷ୍ଠ ଆଇଟିଏସ ଅଧିକାରୀ ରୁଦ୍ର ନାରାୟଣ ପଲାଇ

**ନୂଆଦିଲ୍ଲୀ, ପିଆଇବି**

ରୁଦ୍ର ନାରାୟଣ ପଲାଇ ନୂଆଦିଲୀସ୍ଥିତ ଡିଜିଟାଲ୍ କମ୍ୟୁନ-କେସନ୍ କମିଶନର ସଦସ୍ୟ (ପ୍ରଯୁକ୍ତି) ପଦରୁ ଅବସର ଗ୍ରହଣ କଲେ।

ଭାରତୀୟ ଦୂରସଂଚାର ସେବା (ଆଇଟିଏସ୍)ର ଜଣେ ଅଧିକାରୀ ଭାବେ ଶ୍ରୀ ପଲାଇ ୨୩ ଅକ୍ଟୋବର ୧୯୮୯ରେ ଦୂରସଂଚାର ବିଭାଗରେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ୩୭ ବର୍ଷରୁ ଅଧିକ ସମୟର ଦୀର୍ଘ ସେବା କାଳ ମଧ୍ୟରେ ସେ ଦୂରସଂଚାର, ସୂଚନା ପ୍ରଯୁକ୍ତି, ସାଇବର ସୁରକ୍ଷା, ସାର୍ବଜନୀନ ନୀତି ଓ ଇ-ଗଭର୍ନାନ୍ସ କ୍ଷେତ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱମୂଳକ ପଦବୀରେ କାର୍ଯ୍ୟ କରିଥିଲେ। ତାଙ୍କ ସେବା କାଳରେ ସେ ଟେଲିକମ୍ ନେଟୱର୍କ ଯୋଜନା, ଉଦ୍ୟୋଗିକ ବ୍ୟବସାୟ ସମାଧାନ, ରାଜ୍ୟ ଆଇଟି ନୀତି, ଇ-ଗଭର୍ଣ୍ଣାନ୍ସ ପ୍ରୟାସ, ବିପର୍ଯ୍ୟୟ ପରିଚାଳନା ଓ ପୂର୍ବ ସତର୍କତା ପ୍ରଣାଳୀ, ସ୍ପେକ୍ଟ୍ରମ୍ ନୀତି, ଦୂରସଂଚାର କ୍ଷେତ୍ରରେ ନବୀନତା ଓ ମାନକ ନିର୍ଦ୍ଧାରଣ, ଲାଇସେନ୍ସିଂ ବ୍ୟବସ୍ଥା, ଗବେଷଣା ଓ ବିକାଶ ଯୋଜନା, ପାଇଲଟ୍ ପ୍ରକଳ୍ପ ଏବଂ ବିପର୍ଯ୍ୟୟ ପରିଚାଳନା ମାନଦଣ୍ଡ ଭଳି ବିଭିନ୍ନ କ୍ଷେତ୍ରରେ ଅବଦାନ ଉଲ୍ଲେଖଯୋଗ୍ୟ। ସେ ଆନ୍ତର୍ଜାତୀୟ ଦୂରସଂଚାର ସଂଘ, ଏସିଆ-ପ୍ୟାସିଫିକ୍ ଟେଲିକମ୍ୟୁନିଟି ଏବଂ ଅନ୍ୟାନ୍ୟ ବହୁପକ୍ଷୀୟ ସଂଗଠନ ସହିତ ସବମେରିନ୍ କେବଲ୍ ବ୍ୟବସ୍ଥା, ଉପଗ୍ରହ ଯୋଗାଯୋଗ ଓ ସ୍ପେକ୍ଟ୍ରମ୍ ସମନ୍ୱୟ ସମ୍ପର୍କିତ ବିଷୟରେ ସମନ୍ୱୟ କାର୍ଯ୍ୟରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ।



ଶ୍ରୀ ପଲାଇ ଦୂରସଂଚାର ବିଭାଗ, ଭାରତ ସଞ୍ଚାର ନିଗମ ଲିମିଟେଡ୍ ଏବଂ ଓଡ଼ିଶା ସରକାରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି। ତାଙ୍କର ପ୍ରମୁଖ ଦାୟିତ୍ୱମାନଙ୍କ ମଧ୍ୟରେ ଡଏଗ (ଡାଟା ନେଟୱର୍କ), କୋଲକାତା; ଡିଜିଏମ୍ (ସାଟେଲାଇଟ୍), ଏନଇ ଟାସ୍କ ଫୋର୍ସ, ଗୁଆହାଟୀ; ଜେନେରାଲ୍ ମ୍ୟାନେଜର, ଆସାମ ଟେଲିକମ୍ ସର୍କଲ; ଜେନେରାଲ୍ ମ୍ୟାନେଜର (ଏଣ୍ଟରପ୍ରାଇଜ୍ ବିଜନେସ୍), କାଲକାତା ଟେଲିଫୋନ୍ସ; ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସ୍ୱତନ୍ତ୍ର ସଚିବ; ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର (ଓକାକ୍)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ; ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସଡିଏମଏ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରଯୁକ୍ତି); ଉପ ମହାନିର୍ଦ୍ଦେଶକ, ଏଲଏସଏ, ଭୋପାଳ; ଏବଂ ମୁଖ୍ୟ ମହାପ୍ରବନ୍ଧକ, ବିଏସଏନଏଲ ଓଡ଼ିଶା ସର୍କଲ୍ ଆଦି ଅନ୍ତର୍ଭୁକ୍ତ। ଏହା ପରେ ସେ ଡିଜିଟାଲ୍ କମ୍ୟୁନିକେସନ୍ କମିଶନ୍‌ର ସଦସ୍ୟ (ପ୍ରଯୁକ୍ତି) ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

ଶିକ୍ଷାଗତ ଭାବେ ଶ୍ରୀ ପଲାଇ ବୀର ସୁରେନ୍ଦ୍ର ସାଇ ବୈଷୟିକ ବିଶ୍ୱବିଦ୍ୟାଳୟ (ପୂର୍ବତନ ୟୁନିଭର୍ସିଟି କଲେଜ୍ ଅଫ୍ ଇଞ୍ଜିନିୟରିଂ), ବୁର୍ଲାରୁ ଇଲେକ୍ଟ୍ରୋନିକ୍ସ ଓ ଟେଲିକମ୍ୟୁନିକେସନ୍ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି। ସେ ପୁଣେର ସିମ୍ବରୁ ଏମବିଏ କୋଲକାତାର ଡବ୍ଲ୍ୟୁବି ନ୍ୟାସନାଲ୍ ୟୁନିଭର୍ସିଟି ଅଫ୍ ଜୁରିଡିକାଲ୍ ସାଇନସେସ୍‌ରୁ ବିଜନେସ୍ ଲ'ରେ ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ଏବଂ ଗୁରୁଗ୍ରାମସ୍ଥିତ ମ୍ୟାନେଜମେଣ୍ଟ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ରୁ ପବ୍ଲିକ୍ ପଲିସି ଓ ମ୍ୟାନେଜମେଣ୍ଟରେ ପୋଷ୍ଟ ଗ୍ରାଜୁଏଟ୍ ପ୍ରୋଗ୍ରାମ୍ ସମାପ୍ତ କରିଛନ୍ତି। ଓଡ଼ିଶାର ଭଦ୍ରକ ଜିଲ୍ଲାର ଚାନ୍ଦବାଲିର ମୂଳ ବାସିନ୍ଦା ଶ୍ରୀ ପଲାଇ ସ୍ୱର୍ଗତ ଧନଞ୍ଜୟ ପଲାଇଙ୍କ ଦ୍ୱିତୀୟ ପୁତ୍ର।

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
HEAD WORKS DIVISION, SAMAL
INVITATION FOR BIDS (IFB)
Email ID- ee.hwd.samal@gmail.com
'e'-Procurement Notice No. SE-HWD- 02/2026-27
32001/469/2627

The Superintending Engineer, Head Works Division, Samal on behalf of Governor of Odisha invites Item Rate bid in single cover system to be received in ONLINE MODE from eligible contractors registered with the State Government, contractors of equivalent Grade/ Class Registered with Central Government/ MES/ Railways/CPWD for execution of civil works mentioned as detailed below:

| | | | |
|---|---|---|---|
| 1 | No of works | : | 02 (Two) Nos. |
| 2 | Name of the work | | 1. Procurement and installation of 250KVA Aluminum Wound Distribution Transformer at Fuse Call Centre of SBTS.<br>2. Procurement and installation of 250KVA Aluminum Wound Distribution Transformer at Work Charged colony of SBTS. |
| 3 | Estimated Cost | : | 4.85 lakhs each |
| 4 | Cost of tender paper | : | Rs. 2000.00 (Non-refundable) |
| 5 | EMD/ Bid Security | : | Rs. 4,850.00 (Refundable) each |
| 6 | Class of contractor | : | Manufacturer having HT electrical License |
| 7 | Period of Completion of work | : | 15 days |
| 8 | Date and time of availability of bid Document in the website | : | From 10.00 A.M of Dt. 01.07.2026 to 5.00 P.M. of Dt.10.07.2026 in the website (www.tendersodisha.gov.in) |
| 9 | Date, time and place of opening of online tender | : | Dt.13.07.2026 at 11.30 A.M in O/o the Superintending Engineer, Head Works Division, Samal |
| 10 | Date, time and place for finalization of tender through Transparent Lottery System (if required) | : | To be intimated later |
| 11 | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | : | Superintending Engineer, Head Works Division, Samal, AT/P.O. Samal Barrage Township Dist: Angul, Odisha, PIN-759037 Email ID- se.hwd.samal@gmail.com |

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

OIPR-32001/32020/1/26-27/0002
Sd/- Superintending Engineer
Head Works Division, Samal

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, JAJPUR
rwdivision_jaraka@yahoo.co.in
25001/585/2627
'E' PROCUREMENT NOTICE NO.RWD-II/JJPR-04/2026-27 DTD

1. Name of work : Special Repair to Road works in the District of Jajpur for the year 2026-27
2. Total No of Work : 35 nos. of works.
3. Estimated Cost(Approx.) : As indicated against each work in the NIT
4. Period of Completion : As indicated against each work in the NIT
5. Class of contractors : As indicated against each work in the NIT

Other details as follows:
a) Procurement officer : Superintending Engineer Rural Works Division-II, Jajpur at Jaraka
b) Availability of tender online & submission of bid : 03.07.2026 at 11.00 AM to 13.07.2026 upto 5.00 PM
c) Last date & time of seeking of tender clarification : 10.07.2026 upto 4.00 PM
d) Opening of Tender : 14.07.2026 at 11.00 AM

Further details can be seen from the Govt. website www.tendersodisha.gov.in

Sd/- Superintending Engineer
Rural Works Division-II
Jajpur at Jaraka
OIPR-25001/25080/1/26-27/0007

32 YEARS

# ସମ୍ବାଦ କଳିକା

ଭୁବନେଶ୍ୱର, ୧ ଜୁଲାଇ୨୦୨୬ ବୁଧବାର





## ଆଦିତ୍ୟ ଆଲୁମିନିୟମ୍ ପକ୍ଷରୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁକ୍ତ ବିଜୁଳି ଯୋଜନା ଶୁଭାରମ୍ଭ

**ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ**

ଆଦିତ୍ୟ ଆଲୁମିନିୟମ୍, ଲପଙ୍ଗା, ଟିପିଡବ୍ଲ୍ୟୁଓଡିଏଲ୍‌ର ମିଳିତ ସହଯୋଗରେ ପ୍ରଧାନ ମନ୍ତ୍ରୀ ସୂର୍ଯ୍ୟ ଘର, ମୁକ୍ତ ବିଜୁଳି ଯୋଜନାର ବିଦ୍ୟୁତ ବିତରଣ ସଂସ୍ଥା ନେତୃତ୍ୱାଧୀନ ସମନ୍ୱିତ କାର୍ଯ୍ୟାନ୍ୱୟନ ମଡେଲ୍ ଅଧୀନରେ ଘରୋଇ ଛାତଘର ସୋଲାର ସ୍ଥାପନା ବ୍ୟବସ୍ଥା ପାଇଁ ଲୁଧାପାଲିସ୍ଥିତ ଆର.ଆର. କଲୋନୀରେ ଭୂମିପୂଜନ ତଥା ଶୁଭ ଆରମ୍ଭ କାର୍ଯ୍ୟକ୍ରମର ଆୟୋଜନ କରିଥିଲା। ଏହି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ୩୩୬ଟି ପରିବାର ଉପକୃତ ହେବେ ଏବଂ ସେମାନେ



ପରିବେଶ-ଅନୁକୂଳ, ସୁଲଭ ତଥା ନବୀକରଣଯୋଗ୍ୟ ସୌର ଶକ୍ତିର ସୁବିଧା ପାଇପାରିବେ।

ଏହି କାର୍ଯ୍ୟକ୍ରମରେ ରେଙ୍ଗାଲି ବିଡିଓ ପ୍ରୀତମ ତନ୍ତି, ଅତିରିକ୍ତ ତହସିଲଦାର କିଶୋର ସାହୁ, ଟିପିଡବ୍ଲ୍ୟୁଓଡିଏଲ୍‌ର, ରେଙ୍ଗାଲି ଏସଡିଓ ପ୍ରତ୍ୟୁଷ ମିଶ୍ର ଏବଂ ଟିପିଡବ୍ଲ୍ୟୁଓଡିଏଲ୍‌ର ଟିମ୍, ଆଦିତ୍ୟ ଆଲୁମିନିୟମ୍‌ର ମୁଖ୍ୟ ପରିଚାଳକ ଜଗନ୍ନାଥ ପ୍ରସାଦ ନାୟକ, ସିପିପି ମୁଖ୍ୟ ଗୁଲଶନ ତିୱାରୀ, ମାନବ ସମ୍ବଳ ମୁଖ୍ୟ ବିନୋଦା ନନ୍ଦ ଠାକୁର, ସିପିପିର ଜ୍ୟୋତି ପ୍ରକାଶ ମୁଦୁଲି, ସିଏସଆର୍ ମୁଖ୍ୟ ରବି ନିୱାସ ଓ ସିଏସଆର୍ ଟିମ୍‌ର ସଦସ୍ୟମାନେ, ଅନ୍ୟାନ୍ୟ ବିଶିଷ୍ଟ ଅତିଥି ଏବଂ ସ୍ଥାନୀୟ ଗ୍ରାମବାସୀମାନେ ଉପସ୍ଥିତ ଥିଲେ। ଏହି ପଦକ୍ଷେପ ଘରୋଇ ବିଦ୍ୟୁତ୍ ବ୍ୟୟ ହ୍ରାସ, ଶକ୍ତି ସୁରକ୍ଷା ବୃଦ୍ଧି ଏବଂ ଭାରତର ସ୍ୱଚ୍ଛ ଶକ୍ତି ରୂପାନ୍ତରଣକୁ ସୁଦୃଢ଼ କରିବା ସହ ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବ। ଏହି କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ, ଟିପିଡବ୍ଲ୍ୟୁଓଡିଏଲ୍ ଏବଂ ଆଦିତ୍ୟ ଆଲୁମିନିୟମ୍‌ର ସ୍ଥାୟୀ ଓ ସମନ୍ୱିତ ଗୋଷ୍ଠୀ ବିକାଶ ପ୍ରତି ଥିବା ଦୃଢ଼ ପ୍ରତିବଦ୍ଧତାକୁ ପୁନର୍ବାର ପ୍ରତିପାଦିତ କରିଛି। ଆଦିତ୍ୟ ଆଲୁମିନିୟମର ଏଭଳି ପଦକ୍ଷେପ ପାଇଁ ସ୍ଥାନୀୟ ବାସିନ୍ଦା ବହୁତ ପ୍ରଶଂସା କରିଥିଲେ।

## ସାମଗ୍ରିକ ବିକାଶ ସହିତ ଜଡିତ ବିଭିନ୍ନ ପ୍ରସଙ୍ଗ ଉପରେ ମୁଖ୍ୟମନ୍ତ୍ରୀଙ୍କ ସହ ବିସ୍ତୃତ ଆଲୋଚନା କଲେ ମାତୁଆ ପ୍ରତିନିଧି ଦଳ

**କୋଲକାତା :**

ମାତୁଆ ମାତୃ ସେନାର ସଭାପତି ଏବଂ ବାଗଡା ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଏବଂ ଅଖିଳ ଭାରତୀୟ ମାତୁଆ ମହାସଂଘର କେନ୍ଦ୍ରୀୟ କମିଟିର ସଦସ୍ୟ ସୋମା ଠାକୁରଙ୍କ ନେତୃତ୍ୱରେ ଏକ ମାତୁଆ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଭେଟିଛନ୍ତି। ବୈଠକ ସମୟରେ ସିଏଏ କାର୍ଯ୍ୟକାରୀତାକୁ ତ୍ୱରାନ୍ୱିତ କରିବା, ଜାତି ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟାକୁ ସରଳ କରିବା ଏବଂ ମାତୁଆ, ନମଃ ଶୂଦ୍ର ଏବଂ ଅନ୍ୟାନ୍ୟ ପଛୁଆ ସମ୍ପ୍ରଦାୟର ଶିକ୍ଷାଗତ, ଅର୍ଥନୈତିକ ଏବଂ ସାମଗ୍ରିକ ବିକାଶ ସହିତ ଜଡିତ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରତିନିଧି ଦଳ ସମ୍ପ୍ରଦାୟର ବିକାଶ ଏବଂ କଲ୍ୟାଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ୧୨-



ସୂତ୍ରୀ ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲେ। ସ୍ମାରକପତ୍ରରେ ମାତୁଆ ସମ୍ପ୍ରଦାୟର ନିରନ୍ତର ବିକାଶ, ଶିକ୍ଷା, ନିଯୁକ୍ତି, ସାମାଜିକ ସୁରକ୍ଷା ଏବଂ ଆର୍ଥିକ ସଶକ୍ତିକରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ଶୁଭେନ୍ଦୁ ପ୍ରତିନିଧି ଦଳର ଚିନ୍ତାକୁ ଧ୍ୟାନର ସହିତ ଶୁଣିଥିଲେ ଏବଂ ମାତୁଆ ବୋର୍ଡର ଆର୍ଥିକ ଶକ୍ତି ସମେତ ମାତୁଆ ସମ୍ପ୍ରଦାୟର ସାମଗ୍ରିକ ବିକାଶ ପ୍ରତି ତାଙ୍କର ପ୍ରତିବଦ୍ଧତା ପ୍ରକାଶ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପେଟ୍ରୋଲରେ ଇଥାନଲ...

ଏହା ଜାତୀୟ ନୀତିକୁ ପ୍ରଭାବିତ କରିବ। ସରକାର ୨୦% ଇଥାନଲ ମିଶ୍ରଣ ସହିତ ଏକ ପରୀକ୍ଷଣ କରୁଛନ୍ତି। ଆସନ୍ତା ବର୍ଷ ସୁଦ୍ଧା ଆମେ ଏହାର ଫଳାଫଳ ପାଇବୁ ବୋଲି ସରକାରୀ ଓକିଲ କହିଥିଲେ। ଭେଙ୍କଟରମଣୀ ଆହୁରି ଯୁକ୍ତି ବାଢ଼ିଥିଲେ ଯେ ଜଣେ ଯୋଗାଣକାରୀଙ୍କ ଆବଣ୍ଟନରେ ପରିବର୍ତ୍ତନ କରିବା ଦ୍ୱାରା ଅନ୍ୟମାନେ ମଧ୍ୟ ସମାନ ଦାବି କରିପାରନ୍ତି, ଯାହାକି ଏକାଧିକ ମକଦ୍ଦମାର ସୂତ୍ରପାତ କରିବ ଏବଂ ଯୋଗାଣ ଶୃଙ୍ଖଳକୁ ପ୍ରଭାବିତ କରିବ। ବିପିସିଏଲ୍, ଯାହା ଇଥାନଲ ମିଶ୍ରିତ ପେଟ୍ରୋଲ କାର୍ଯ୍ୟକ୍ରମର ସମନ୍ୱୟ ରକ୍ଷା କରୁଛି, ଟେଣ୍ଡର ପ୍ରକ୍ରିୟା ପରେ ପ୍ରାୟ ୧,୭୫୯ କୋଟି ଲିଟରର ସମୁଦାୟ ଯୋଗାଣ ପ୍ରସ୍ତାବ ଗ୍ରହଣ କରିଛି ବୋଲି ସେ କହିଥିଲେ। ଭେଙ୍କଟରମଣୀ ଏକ ଟ୍ରାନ୍ସଫର ପିଟିସନ ଦାଖଲ କରିବାକୁ ଅନୁମତି ମାଗିଥିଲେ। ସେ ଯୁକ୍ତି ଦର୍ଶାଇଥିଲେ ଯେ ଅକ୍ଟୋବର ମାସରେ ଯେତେବେଳେ ଇଥାନଲ ଯୋଗାଣ ଚୁକ୍ତିନାମା ନବୀକରଣ ପାଇଁ ଆସିବ, ସେତେବେଳେ ଏହି ପ୍ରସଙ୍ଗର ସମାଧାନ ହେବା ଆବଶ୍ୟକ। ସେ କହିଥିଲେ ଯେ ଯଦି ମୁଁ ଡିଭିଜନ ବେଞ୍ଚ ଏବଂ ପରେ ଅନ୍ୟ ହାଇକୋର୍ଟଗୁଡ଼ିକକୁ ଯାଏ, ତେବେ ଏହା ବିଳମ୍ବିତ ହେବ।” ତେବେ ମିଡିଆକୁ ପ୍ରତିକ୍ରିୟା ଦେଇ ଆଟର୍ଣ୍ଣି ଜେନେରାଲ୍ ମିଡିଆକୁ ପ୍ରତିକ୍ରିୟା ଦେଇ ସ୍ପଷ୍ଟ କରିଛନ୍ତି ଯେ ୨୦% ଇଥାନଲ ମିଶ୍ରଣ ଏକ ନୀତିଗତ ନିଷ୍ପତ୍ତି, ଯାହା ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ଚାହିଦା ଏବଂ ଅନ୍ୟାନ୍ୟ କାରଣ ଉପରେ ନିର୍ଭର କରି କମ୍ପାନୀଗୁଡ଼ିକୁ କେତେ ପରିମାଣର ଇଥାନଲ ଉପଲବ୍ଧ କରାଯିବ, ତାହା କମିପାରେ କିମ୍ବା ବଢ଼ିପାରେ ବୋଲି ସେ କହିଥିଲେ। ଭାରତ ୨୦୨୫ ମସିହାରେ ପେଟ୍ରୋଲରେ ୨୦% ଇଥାନଲ ମିଶ୍ରଣ କରିବାର ନିଜର ଲକ୍ଷ୍ୟ ହାସଲ କରିଛି। ୨୦୩୦ ସୁଦ୍ଧା ଏହି ଟାର୍ଗେଟ୍ ହାସଲ କରିବାକୁ ସରକାର ଆଶା ରଖିଥିଲେ। ହେଲେ ନିର୍ଦ୍ଧାରିତ ସମୟଠାରୁ ପାଞ୍ଚ ବର୍ଷ ଆଗୁଆ ଟାର୍ଗେଟ୍ ହାସଲ ହୋଇଛି। ତୈଳ ବିପଣନ କମ୍ପାନୀଗୁଡ଼ିକ ଏପ୍ରିଲ ୧ ଠାରୁ ସାରା ଦେଶରେ ଇଥାନଲ-ମିଶ୍ରିତ ପେଟ୍ରୋଲ ଯୋଗାଣ ଆରମ୍ଭ କରିଛନ୍ତି। ସରକାର ବର୍ତ୍ତମାନ ୨୦୩୦ ସୁଦ୍ଧା ପେଟ୍ରୋଲରେ ଇଥାନଲ ମିଶ୍ରଣକୁ ୩୦% ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଇଥାନଲ ପ୍ରୋଗ୍ରାମକୁ ନେଇ କେନ୍ଦ୍ର ସରକାରଙ୍କର ଆଭିମୁଖ୍ୟ ସକ୍ରିୟ ରହିଛି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟ କହିଥିଲା ଯେ ଇଥାନଲ ମିଶ୍ରଣ କାର୍ଯ୍ୟକ୍ରମ “ସୁରକ୍ଷିତ, ଗ୍ରାହକ-ଅନୁକୂଳ ଏବଂ ଅର୍ଥନୈତିକ ଦୃଷ୍ଟିରୁ ଲାଭଜନକ” । ଏଥିସହ ଇ-୨୦ ଇନ୍ଧନ ବ୍ୟବହାର ଯୋଗୁ ଯାନବାହନ ବୀମା କଭରେଜ୍ ପ୍ରଭାବିତ ହୋଇପାରେ ବୋଲି ହେଉଥିବା ଆଶଙ୍କାକୁ ମନ୍ତ୍ରଣାଳୟ ଖଣ୍ଡନ କରିଥିଲା। ଜୁନ୍ ୨୪ରେ ଏକ ବିବୃତ୍ତିରେ, ମନ୍ତ୍ରଣାଳୟ କହିଥିଲା ଯେ ଇ-୨୦ ଇନ୍ଧନ ବୀମା ପଲିସିକୁ ଅବୈଧ କରିପାରେ ବୋଲି ଯେଉଁ ଦାବି କରାଯାଉଥିଲା, ତାହା ଅଂଶୀଦାରମାନଙ୍କ ସହିତ ଯାଞ୍ଚ କରାଯାଇଛି ଏବଂ ତାହା ଭୁଲ ବୋଲି ପ୍ରମାଣିତ ହୋଇଛି। ମନ୍ତ୍ରଣାଳୟ କହିଛି ଯେ ଇଥାନଲ ମିଶ୍ରଣ ଏକ ବିଶ୍ୱସ୍ତରୀୟ ସ୍ୱୀକୃତ ପ୍ରଥା ଏବଂ ଏହା ଆମେରିକା, ବ୍ରାଜିଲ ଏବଂ ଜାପାନ ସମେତ ଅନେକ ଦେଶରେ ସଫଳତାର ସହ କାର୍ଯ୍ୟକାରୀ ହେଉଛି। ଇଥାନଲ ମିଶ୍ରଣ କାର୍ଯ୍ୟକ୍ରମ ଭାରତକୁ ଅଶୋଧିତ ତୈଳ ଆମଦାନୀ ହ୍ରାସ କରିବାରେ ଏବଂ ୧.୪ ଲକ୍ଷ କୋଟି ଟଙ୍କାରୁ ଅଧିକ ବୈଦେଶିକ ମୁଦ୍ରା ସଞ୍ଚୟ କରିବାରେ ସାହାଯ୍ୟ କରିଛି ବୋଲି ପେଟ୍ରୋଲିୟମ ମନ୍ତ୍ରଣାଳୟ କହିଛି। ତା’ଛଡ଼ା ଏହା ପରିବେଶ ଅନୁକୂଳ ବୋଲି ସରକାର କହିଛନ୍ତି।

### ସଡକ ସୁରକ୍ଷା...

ମଧ୍ୟରେ ରୋଡ୍ ଇଞ୍ଜିନିୟରିଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହା ଅଧୀନରେ ଦେଶର ପାହାଡ଼ିଆ ଅଞ୍ଚଳରେ ରାସ୍ତା ଏବଂ ଭୂସ୍ଖଳନ ଅଞ୍ଚଳରେ କଳା ଦାଗ ଚିହ୍ନଟ କରାଯାଇଛି। ଏହି କଳା ଦାଗଗୁଡ଼ିକର ଉନ୍ନତି ପାଇଁ ୫୦ ହଜାର କୋଟି ଟଙ୍କା ଖର୍ଚ୍ଚ ହେଉଛି ।

### ଦୁର୍ଘଟଣାରେ...

କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି।

### ସ୍କୁଲ ବହିରେ...

ପ୍ରତ୍ୟେକ ଶିଶୁ ପାଇଁ ଏହା ହେଉଛି ସତ୍ୟ ଓ ତଥ୍ୟ ସହ ପରିଚିତ ହେବାର ପ୍ରଥମ ମାଧ୍ୟମ। ଶିଶୁଟିଏ ଅନେକ କଥାକୁ ପ୍ରଶ୍ନ କରିପାରେ, କିନ୍ତୁ ସ୍କୁଲ ପାଠ୍ୟପୁସ୍ତକରେ ଛପା ହୋଇଥିବା ଶବ୍ଦକୁ କେବେ ସନ୍ଦେହ କରେ ନାହିଁ। ପାଠ୍ୟପୁସ୍ତକ ପ୍ରତି ସେମାନଙ୍କର ଅଗାଧ ବିଶ୍ୱାସ ଓ ଆସ୍ଥା ରହିଥାଏ। ସ୍କୁଲ ପାଠ୍ୟପୁସ୍ତକରୁ ଗୋଟିଏ ପିଢ଼ି କେବଳ ତଥ୍ୟ ଶିଖେ ନାହିଁ, ବରଂ ବ୍ୟବସ୍ଥା ଓ ସମାଜ ପ୍ରତି ବିଶ୍ୱାସ ଏବଂ ଆସ୍ଥା ଗଢ଼ି ଉଠେ। ହେଲେ ଏବେ ସେହି ବିଶ୍ୱାସ କ୍ଷୁର୍ଣ୍ଣ ହୋଇଛି, କ୍ଷତି କେବଳ ମୁଦ୍ରଣ ତ୍ରୁଟିରେ ସୀମିତ ରହି ନାହିଁ; ଏହା ଆମ ପିଲାମାନଙ୍କ ଭବିଷ୍ୟତର ମୂଳଦୁଆ ଉପରେ ଆଘାତ ଦେଇଛି। ସ୍କୁଲ ପାଠ୍ୟପୁସ୍ତକ ପ୍ରତି ଓଡ଼ିଶାର ବିଜେପି ସରକାର କରିଥିବା ଚରମ ଅବହେଳା ଏହି ପବିତ୍ର ବିଶ୍ୱାସକୁ ଭାଙ୍ଗି ଦେଇଛି। ଏହାର ଶିକାର ହୋଇଛନ୍ତି ଆମର ଲକ୍ଷ ଲକ୍ଷ ନିରୀହ ଛାତ୍ରଛାତ୍ରୀ; ଯେଉଁମାନେ ହେଉଛନ୍ତି ଓଡ଼ିଶାର ଭବିଷ୍ୟତ, ଆଗାମୀକାଲିର ବାର୍ତ୍ତାବହ। ଭୁଲରେ ଭରା ପାଠ୍ୟପୁସ୍ତକ ଛାପିବା ଏବଂ ପରେ ସେଗୁଡ଼ିକୁ ପ୍ରତ୍ୟାହାର କରିବା ପ୍ରସଙ୍ଗରେ ବାରମ୍ବାର ନିଷ୍ପତ୍ତି ବଦଳାଇ, ପିଲାମାନଙ୍କ ଆସ୍ଥା ଓ ବିଶ୍ୱାସର ମୂଳଦୁଆକୁ ଦୁର୍ବଳ କରାଯାଉଛି। ସରକାର ହୁଏତ ପରବର୍ତ୍ତୀ ସଂସ୍କରଣରେ ପାଠ୍ୟପୁସ୍ତକର ତ୍ରୁଟି ସୁଧାରିପାରନ୍ତି। କିନ୍ତୁ ଆମ ଓଡ଼ିଆ ପିଲାମାନଙ୍କର ଏକ ସମ୍ପୂର୍ଣ୍ଣ ପିଢ଼ିର ବିଶ୍ୱାସକୁ ଭାଙ୍ଗିଦେବାକୁ ହୋଇଥିବା ଉଦ୍ୟମ ପାଇଁ ଉତ୍ତରଦାୟୀ କିଏ ହେବ ? କୋମଳମତି ପିଲାମାନଙ୍କ ଆସ୍ଥା ଉପରେ ଯେଉଁ ଆଘାତ ହୋଇଛି, ତା’କୁ କ’ଣ କୌଣସି ସଂଶୋଧନ କେବେ ଭରିପାରିବ କି ବୋଲି ନବୀନ ପ୍ରଶ୍ନ କରିଛନ୍ତି।

### ଆଇଏଏସ୍ ସୁରେଶ...

କରାଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗର ଅନୁସଚିବ ହବିବ ମୋହନ ମୁର୍ମୁ , ସୂଚନା ଓ ଲୋକସମ୍ପର୍କ ବିଭାଗର ସେକ୍ସନ ଅଫିସର ଶଶାଙ୍କ ଶେଖର ନାୟକଙ୍କ ସମେତ ଅନ୍ୟ ୪ଜଣ ଏଏସଓ ଅନୀଲ ଅଧିକାରୀ, ବିଶ୍ୱକଲ୍ୟାଣ ପଟ୍ଟନାୟକ ପ୍ରଭାସ ବେହରାମାଳି ଓ ପ୍ରୀତମ ନାୟକଙ୍କୁ ମଧ୍ୟ ସିଏମଓକୁ ବଦଳି କରାଯାଇଛି। ଏହି ଓଏସଏସ୍ କ୍ୟାଡ଼ର ଅଫିସରମାନଙ୍କୁ ତୁରନ୍ତ ଦାୟିତ୍ୱମୁକ୍ତ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି, ଯାହାଫଳରେ ସେମାନେ ବିଳମ୍ବ ନକରି ସିଏମଓରେ ନିଜର ନୂଆ ଦାୟିତ୍ୱ ଗ୍ରହଣ କରିବେ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଓଏସଏସ୍ କ୍ୟାଡ଼ର ଅଫିସରମାନଙ୍କର ଆବଶ୍ୟକତା ଥିବା ନେଇ ଜୁନ୍ ୨୪ତାରିଖରେ ଗୃହ ବିଭାଗକୁ ସୂଚିତ କରାଯାଇଥିଲା। ଆଉ ଉକ୍ତ ନିର୍ଦ୍ଦେଶନାମା ଆଧାରରେ ଗୃହ ବିଭାଗ ଜୁନ୍ ୨୯ତାରିଖରେ ଏହି ଅଫିସରମାନଙ୍କୁ ସିଏମଓରେ ନିଯୁକ୍ତି ଦିଆଯାଇଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଓଏସଡି ତଥା ସ୍ୱତନ୍ତ୍ର ସଚିବ ପ୍ରସନ୍ନ କୁମାର ଷଡ଼ଙ୍ଗୀଙ୍କୁ ଅବଗତ କରିଥିବା ଜଣାପଡ଼ିଛି।

### ବଙ୍ଗୋପସାଗରରେ...

ସହ କେତେକ ଜାଗାରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି । ସମଗ୍ର ଜୁଲାଇ ମାସର ପୂର୍ବାନୁମାନ ଅନୁଯାୟୀ, ଉପକୂଳଠାରୁ ଆରମ୍ଭ କରି ଆଭ୍ୟନ୍ତରୀଣ ଓଡ଼ିଶା ପର୍ଯ୍ୟନ୍ତ, ବିଶେଷ କରି କେନ୍ଦ୍ରୀୟ ଅଞ୍ଚଳ (ମଧ୍ୟ ଓଡ଼ିଶା)ରେ ସ୍ୱାଭାବିକ କିମ୍ବା ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ ଯାହାକି ଆଶ୍ୱସ୍ତିକର ଖବର । ଓଡ଼ିଶାର ଉଚ୍ଚଭୂମି ଓ ପୂର୍ବଘାଟ ପର୍ବତମାଳା ଭଳି ଭୌଗୋଳିକ ସ୍ଥିତି ମୌସୁମୀ ବାୟୁ ସହ ପ୍ରତିକ୍ରିୟା କରୁଥିବାରୁ, ଆଭ୍ୟନ୍ତରୀଣ ଓଡ଼ିଶାରେ ଉପକୂଳ ଅପେକ୍ଷା ଅଧିକ ବର୍ଷାର ସମ୍ଭାବନା ରହିଛି ।

### ଏଫ୍‌ଏଟିଏଫ୍‌ର ...

ଟେରରିଜମ୍ କମିଟି ଏକ୍ସିକ୍ୟୁଟିଭ୍ ଡିରେକ୍ଟୋରେଟ୍, ଜାତିସଂଘ କାଉଣ୍ଟର ଟେରରିଜମ୍ କାର୍ଯ୍ୟାଳୟ ଏବଂ ଗ୍ଲୋବାଲ୍ ଇଣ୍ଟରନେଟ୍ ଫୋରମ୍ ଟୁ କାଉଣ୍ଟର ଟେରରିଜମ୍ ମିଳିତ ଭାବେ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ହରିଶ କହିଥିଲେ, ଏଫ୍‌ଏଟିଏଫ୍ ବିଶ୍ୱସ୍ତରରେ ଆତଙ୍କବାଦୀଙ୍କ ଅର୍ଥ ଯୋଗାଣ ବିରୋଧୀ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ଏହାର କାର୍ଯ୍ୟ ପ୍ରମାଣଭିତ୍ତିକ, ପ୍ରଯୁକ୍ତିନିର୍ଭର ତଥା ଆନ୍ତର୍ଜାତିକ ମାନଦଣ୍ଡ ଉପରେ ଆଧାରିତ। ତେଣୁ ଏହାର ବିଶ୍ୱସନୀୟତାକୁ ନେଇ ସନ୍ଦେହ ସୃଷ୍ଟି କରିବା ପରିବର୍ତ୍ତେ, ଯେଉଁ ଦେଶ ବିରୋଧରେ ଆପତ୍ତି ଉଠିଛି ସେମାନେ ନିଜ ବ୍ୟବସ୍ଥାର ଦୁର୍ବଳତା ଦୂର କରିବା, ଆଇନ ପ୍ରୟୋଗକୁ ସୁଦୃଢ଼ କରିବା, ଆର୍ଥିକ ସ୍ୱଚ୍ଛତା ବଢ଼ାଇବା ଏବଂ ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ ବନ୍ଦ କରିବା ଦିଗରେ ଦୃଢ଼ ପଦକ୍ଷେପ ନେବା ଉଚିତ। ସେ କହିଥିଲେ, ଭାରତ ଦୀର୍ଘ ଦିନ ଧରି ସୀମାପାର ଆତଙ୍କବାଦର ସମ୍ମୁଖୀନ ହୋଇଆସୁଛି। ବର୍ତ୍ତମାନ ଡିଜିଟାଲ୍ ପ୍ରଯୁକ୍ତିର ବ୍ୟାପକ ବ୍ୟବହାର ଯୋଗୁଁ ଆତଙ୍କବାଦୀଙ୍କ ଅର୍ଥ ଯୋଗାଣର ଉତ୍ସ, ପଦ୍ଧତି ଓ ମାଧ୍ୟମ ଅଧିକ ଜଟିଳ ହୋଇପଡ଼ିଛି। ଏହା ବିଶ୍ୱ ସମୁଦାୟ ପାଇଁ ଗମ୍ଭୀର ଚିନ୍ତାର ବିଷୟ। ଭାରତ ଏହି ଚ୍ୟାଲେଞ୍ଜକୁ ମୁକାବିଲା ପାଇଁ କେନ୍ଦ୍ରୀଭୂତ ଡିଜିଟାଲ୍ ବିନିମୟ ପ୍ଲାଟଫର୍ମ ଓ ବ୍ୟବହାରକାରୀଙ୍କ ପାଇଁ କଡ଼ା ଯାଞ୍ଚ ବ୍ୟବସ୍ଥା ଲାଗୁ କରିଛି। ଆତଙ୍କବାଦୀଙ୍କ ଅର୍ଥ ଯୋଗାଣକୁ ରୋକିବା ପାଇଁ ଭାରତ ନିଜ ଅଭିଜ୍ଞତା ଓ ଶ୍ରେଷ୍ଠ ପଦ୍ଧତିଗୁଡ଼ିକୁ ଏଫ୍‌ଏଟିଏଫ୍ ସହ ବାଣ୍ଟିଥିବା କଥା ମଧ୍ୟ ସେ ଉଲ୍ଲେଖ କରିଥିଲେ।

## ଗୋନ୍ଦିଆ ଜଙ୍କସନ ଏବଂ ପୁରୀ ମଧ୍ୟରେ ରଥଯାତ୍ରା ସ୍ପେଶାଲ ଟ୍ରେନ୍ ଚଳାଚଳ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବାର୍ଷିକ ରଥଯାତ୍ରା ପର୍ବ ସମୟରେ ଭକ୍ତମାନଙ୍କ ଯାତ୍ରା ସୁବିଧା ଏବଂ ଯାତ୍ରୀମାନଙ୍କ ସମ୍ଭାବ୍ୟ ଭିଡ଼କୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ପକ୍ଷରୁ ମହାରାଷ୍ଟ୍ରର ଗୋନ୍ଦିଆ ଜଙ୍କସନ ଏବଂ ପୁରୀ ମଧ୍ୟରେ ଏକ ଯୋଡ଼ା ରଥଯାତ୍ରା ସ୍ପେଶାଲ ଏକ୍ସପ୍ରେସ ଟ୍ରେନ୍ ନିର୍ଦ୍ଦିଷ୍ଟ ତାରିଖଗୁଡ଼ିକରେ ଚଳାଚଳ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଟ୍ରେନ୍ ନଂ ୦୮୮୦୧ ଗୋନ୍ଦିଆ ଜଙ୍କସନ-ପୁରୀ ରଥଯାତ୍ରା ସ୍ପେଶାଲ ଏକ୍ସପ୍ରେସ ଗୋନ୍ଦିଆ ଜଙ୍କସନରୁ ୦୨.୦୭.୨୦୨୬, ୦୯.୦୭.୨୦୨୬, ୧୬.୦୭.୨୦୨୬ ଏବଂ ୨୯.୦୭.୨୦୨୬ (୦୪ ଥର) ଦିନ ୧୩:୩୦ ଘଟିକାରେ ଛାଡ଼ିବ ଏବଂ ପରଦିନ ୧୦:୦୦ ଘଟିକାରେ ପୁରୀରେ ପହଞ୍ଚିବ। ସେହିପରି, ଟ୍ରେନ୍ ନଂ ୦୮୮୦୨ ପୁରୀ-ଗୋନ୍ଦିଆ ଜଙ୍କସନ ରଥଯାତ୍ରା ସ୍ପେଶାଲ ଏକ୍ସପ୍ରେସ: ଏହି ଟ୍ରେନ୍ ପୁରୀରୁ ୦୩.୦୭.୨୦୨୬, ୧୦.୦୭.୨୦୨୬, ୧୭.୦୭.୨୦୨୬ ଏବଂ ୩୦.୦୭.୨୦୨୬ (୦୪ ଥର) ଦିନ ୧୩:୦୦ ଘଟିକାରେ ଛାଡ଼ିବ ଏବଂ ପରଦିନ ୦୭:୦୦ ଘଟିକାରେ ଗୋନ୍ଦିଆ ଜଙ୍କସନରେ ପହଞ୍ଚିବ। ଏହି ସ୍ପେଶାଲ ଟ୍ରେନ୍ ଉଭୟ ଦିଗରୁ ଡୋଙ୍ଗରଗଡ଼, ରାଜନନ୍ଦଗାଁ, ଦୁର୍ଗ, ରାୟପୁର, ଲାଖୋଲି, ଖରିଆର ରୋଡ୍, କଂଟାବାଞ୍ଜି, ଟିଟିଲାଗଡ଼, ବଲାଙ୍ଗୀର, ବରଗଡ଼ ରୋଡ୍, ସମ୍ବଲପୁର, ଅନୁଗୁଳ, ତାଳଚେର ରୋଡ୍, ଢେଙ୍କାନାଳ, କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ରୋଡ୍ ଷ୍ଟେସନରେ ରହଣି କରିବ।

ଯାତ୍ରୀମାନଙ୍କୁ ସମୟସୂଚୀ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅତ୍ୟାଧୁନିକ ସୂଚନା ପାଇଁ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଯାତ୍ରୀମାନେ ଜାତୀୟ ଟ୍ରେନ୍ ଅନୁସନ୍ଧାନ ବ୍ୟବସ୍ଥା କିମ୍ବା ରେଳବାଇର ଅଫିସିଆଲ୍ ସେବାଗୁଡ଼ିକୁ ଯାଂଚ କରିପାରିବେ।



ଭୁବନେଶ୍ୱର : ନବୀନ ନିବାସରେ ବିରୋଧି ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲଙ୍କ ନେତୃତ୍ୱରେ ଆସିଥିବା ରେଙ୍ଗାଲିର ଦଳୀୟ ନେତା ଓ କର୍ମୀମାନେ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

## ବିଏମ୍‌ସିର ୪୨ ତମ କର୍ପୋରେସନ ବୈଠକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଏମ୍ ସିର ୪୨ ତମ କର୍ପୋରେସନ ବୈଠକ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ୱାସ୍ଥ୍ୟ, ପରିମଳ, ବିଦ୍ୟୁତ୍ ଆଲୋକ ଏବଂ ବିଭିନ୍ନ ପ୍ରକଳ୍ପ ସଂପର୍କରେ ଆଲୋଚନା କରାଯାଇଛି । ରଥ ଯିବା ରାସ୍ତା ମରାମତି କାମ ଏବଂ ଓହଳି ରହିଥିବା ବିଦ୍ୟୁତ୍ ତାର ତୁରନ୍ତ ସଜାଡ଼ିବା ପାଇଁ ଆର୍ ଆଣ୍ଡ ବି, ଟିପିସିଡିଓଏଲ ଏବଂ ବିଏମ୍ ସି ଉପବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ନେଇଛନ୍ତି ମେୟର ସୁଲୋଚନା ଦାସ ।

## ପୂର୍ବତଟ ରେଳପଥ ପକ୍ଷରୁ ୫୦୦ରୁ ଅଧିକ ସୌରଶକ୍ତି ଚାଳିତ ସିସିଟିଭି କ୍ୟାମେରା ସ୍ଥାପନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରଯୁକ୍ତିବିଦ୍ୟା ଆଧାରିତ ରେଳ ସୁରକ୍ଷା ଓ ନିରାପତା ଦିଗରେ ନିଜର ଯାତ୍ରା ଜାରି ରଖି ପୂର୍ବତଟ ରେଳପଥ ଏହାର ସୀମା ମଧ୍ୟରେ ଥିବା ସମ୍ବେଦନଶୀଳ ସ୍ଥାନଗୁଡିକରେ ୫୦୦ରୁ ଅଧିକ ସୌରଶକ୍ତି ଚାଳିତ ସିସିଟିଭି କ୍ୟାମେରା ସଫଳତାର ସହ ସ୍ଥାପନ କରିଛି। ଷ୍ଟେସନ ପରିସର, ଲେଭଲ କ୍ରସିଂ, ମାର୍ଶାଲିଂ ୟାର୍ଡ, ବ୍ରିଜ୍, ନିଛାଟିଆ ରେଳ ଧାରଣା ଏବଂ ଜୋନ୍ ର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସମେତ ବିପଦପୂର୍ଣ୍ଣ ତଥା ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ରଣନୀତିକ ଭାବେ ଏହି କ୍ୟାମେରାଗୁଡ଼ିକ ସ୍ଥାପନ କରାଯାଇଛି। ସମ୍ପୂର୍ଣ୍ଣ ଭାବେ ସୌରଶକ୍ତି ଦ୍ୱାରା ପରିଚାଳିତ ଏହି ଅତ୍ୟାଧୁନିକ ସିସିଟିଭି ବ୍ୟବସ୍ଥା ବିନା କୌଣସି ବାଧାରେ ୨୪ ଘଂଟା ନଜର ରଖିବାର ସୁବିଧା ପ୍ରଦାନ କରୁଛି। ଏହି ସୌରଶକ୍ତି ଚାଳିତ ସିସିଟିଭି କ୍ୟାମେରାଗୁଡ଼ିକର ବ୍ୟାପକ ସ୍ଥାପନ ଫଳରେ ରେଳ ଭିତିଭୂମି ଏବଂ ଟ୍ରେନ୍ ଚଳାଚଳ ଉପରେ ନଜର ରଖିବା କ୍ଷମତା ଯଥେଷ୍ଟ ବୃଦ୍ଧି ପାଇଛି। ଏହି ରିଅଲ୍-ଟାଇମ୍ (ତତ୍କାଳୀନ) ସିସିଟିଭି ବ୍ୟବସ୍ଥା ରେଳ ଅଧିକାରୀ ଏବଂ ସୁରକ୍ଷା ସଂସ୍ଥାଗୁଡ଼ିକୁ ବେଆଇନ ପ୍ରବେଶ, କେବୁଲ୍ ଚୋରି, ଭଙ୍ଗାରୁଜା, ପଥର ମାଡ଼ ଏବଂ ଅନ୍ୟାନ୍ୟ ବେଆଇନ କାର୍ଯ୍ୟକଳାପକୁ ରୋକିବା ଓ ଚିହ୍ନଟ କରିବାରେ ସାହାଯ୍ୟ କରୁଛି। ରେକର୍ଡ ହୋଇଥିବା ଫୁଟେଜ୍ ର ଉପଲବ୍ଧତା ତୁରନ୍ତ ତଦନ୍ତ, ଶୀଘ୍ର ପ୍ରତିକ୍ରିୟା ଏବଂ ପ୍ରଭାବଶାଳୀ ଭାବେ ନିୟମ ଲାଗୁ କରିବାରେ ସହଯୋଗ କରୁଛି, ଯାହାଦ୍ୱାରା ସୁରକ୍ଷା ଏବଂ କାର୍ଯ୍ୟଦକ୍ଷତାରେ ସୁଧାର ଆସୁଛି। ରେଳ ଚଳାଚଳ ପାଇଁ ଆଧୁନିକ, ସ୍ଥାୟୀ ଏବଂ ପରିବେଶ ଅନୁକୂଳ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ଦିଗରେ ପୂର୍ବତଟ ରେଳପଥର ନିରନ୍ତର ପ୍ରୟାସର



ଏହା ଏକ ଅଂଶ ବିଶେଷ। ଅକ୍ଷୟ ସୌରଶକ୍ତିର ବ୍ୟବହାର କରି ଏହି ସିସିଟିଭି ନେଟୱାର୍କ ଖୁବ୍ କମ୍ ରକ୍ଷଣାବେକ୍ଷଣ ଏବଂ ବିନା କୌଣସି ବିଦ୍ୟୁତ୍ ଖର୍ଚ୍ଚରେ କାମ କରେ, ଯାହା ଏହି ବ୍ୟବସ୍ଥାକୁ ଉଭୟ ସ୍ୱଳ୍ପ ଖର୍ଚ୍ଚୀ ଏବଂ ପରିବେଶ ଅନୁକୂଳ କରିପାରିଛି। ଏହି ସଫଳତାକୁ ଆଧାର କରି, ପୂର୍ବତଟ ରେଳପଥ ଅକ୍ଟୋବର ୨୦୨୬ ସୁଦ୍ଧା ୨,୦୦୦ରୁ ଅଧିକ ସୌରଶକ୍ତି ଚାଳିତ ସିସିଟିଭି କ୍ୟାମେରା ସ୍ଥାପନ କରିବା ପାଇଁ ଏକ ବଡ଼ ଲକ୍ଷ୍ୟ ଧାର୍ଯ୍ୟ କରିଛି।

## ରାସ୍ତା ସମ୍ପ୍ରସାରଣ ପାଇଁ ବଳି ପଡ଼ିବେ ୧ ହଜାର ଉଠାଦୋକାନୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜୟଦେବ ବିହାରରୁ ନନ୍ଦନ କାନନ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ରାସ୍ତା ସମ୍ପ୍ରସାରଣ ଫଳରେ ଦୁଇପାର୍ଶ୍ୱରେ ଥିବା ହଜାର ହଜାର ବୃକ୍ଷ ବଳି ପଡ଼ିବା ସହ ଉଭୟ ପାର୍ଶ୍ୱରେ ଦୋକାନ କରିଥିବା ପାଖାପାଖି ୧ ହଜାରରୁ ଅଧିକ ଉଠାଦୋକାନୀ ବଳି ପଡ଼ିବେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ଓ ନିଖିଳ ଉତ୍କଳ ସୁରକ୍ଷା କ୍ଷୁଦ୍ର ବ୍ୟବସାୟ ଓ ଭେଣ୍ଡିଂଜୋନ ତରଫରୁ ଏହି ଦୁଇପାର୍ଶ୍ୱରେ ଥିବା ପାଖାପାଖି ୪୦ଟି ସଂଘର ସଭାପତି, ସମ୍ପାଦକ ଓ ସଭ୍ୟମାନଙ୍କୁ ନେଇ ଚନ୍ଦ୍ରଶେଖରପୁର କଲ୍ୟାଣ ମଣ୍ଡପଠାରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି।

## ମୁଖ୍ୟ ଶାସନ ସଚିବଙ୍କ ପ୍ରମୁଖ ବ୍ୟକ୍ତିଗତ ସଚିବଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମୁଖ୍ୟ ଶାସନ ସଚିବଙ୍କ ପ୍ରମୁଖ ବ୍ୟକ୍ତିଗତ ସଚିବ ସୁରେଶ ଚନ୍ଦ୍ର କରଙ୍କୁ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ତରଫରୁ ଏକ ଅବସରକାଳୀନ ସମ୍ବର୍ଦ୍ଧନା ଲୋକସେବା ଭବନ ଦ୍ୱିତୀୟ ମହଲାସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ପାଇଁ ଦୀର୍ଘ ୩୫ ବର୍ଷର ନିଷ୍ଠାପର ସେବା ଓ ଦାୟିତ୍ୱ ନିର୍ବାହ ପରେ ଶ୍ରୀ କର ଆଜି ସରକାରୀ ସେବାରୁ ନିବୃତ୍ତି ନେଇଛନ୍ତି । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅବସରକାଳୀନ ସମ୍ବର୍ଦ୍ଧନା ସଭାକୁ ମୁଖ୍ୟ ଶାସନ ସଚିବଙ୍କ ସ୍ୱତନ୍ତ୍ର ଭାରପ୍ରାପ୍ତ ଅଧିକାରୀକଲ୍ୟାଣ କୁମାର ରଥ ଓ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟର ପରାମର୍ଶଦାତା ଦେବେନ୍ଦ୍ର କୁମାର ଜେନା ପରିଚାଳନା କରିଥିଲେ । ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିଜ ଉଦବୋଧନରେ ଶ୍ରୀ କରଙ୍କ ନିଷ୍ଠା, କର୍ମଦକ୍ଷତା ଏବଂ ସମର୍ପିତ ସେବାଭାବର ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଶ୍ରୀ କର ନିଜର ଦୀର୍ଘ କର୍ମମୟ ଜୀବନରେ ବିଭିନ୍ନ ଦାୟିତ୍ୱକୁ ସଫଳତାର ସହ ନିର୍ବାହ କରି ସରକାରୀ ପ୍ରଶାସନରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । ଏହା ସହିତ ମୁଖ୍ୟ ଶାସନ ସଚିବ ଶ୍ରୀ କରଙ୍କ ଅବସରକାଳୀନ ସୁସ୍ଥ ଓ ସୁଖମୟ ଜୀବନ କାମନା କରି ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀଗଣ, କର୍ମଚାରୀ ଓ ସହକର୍ମୀମାନେ ଉପସ୍ଥିତ ରହି ଶ୍ରୀ କରଙ୍କ ଦୀର୍ଘ ସେବାକାଳୀନ ଅବଦାନକୁ ସ୍ମରଣ କରିବା ସହ ତାଙ୍କୁ ଭାବବିହ୍ୱଳ ବିଦାୟ ଜଣାଇଥିଲେ। ଶେଷରେ ଶ୍ରୀ କର ନିଜ ବକ୍ତବ୍ୟରେ ମୁଖ୍ୟ ଶାସନ ସଚିବଙ୍କ ସହ ସମସ୍ତ ବରିଷ୍ଠ ଅଧିକାରୀ, ସହକର୍ମୀ ଏବଂ କର୍ମଚାରୀମାନଙ୍କ ନିକଟରୁ ପାଇଥିବା ସହଯୋଗ ଓ ସ୍ନେହ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ ।

## ଅଗ୍ନିକାଣ୍ଡର ମୁକାବିଲା ପାଇଁ ଟାଟା ଷ୍ଟିଲ୍ ପକ୍ଷରୁ ପ୍ରସ୍ତୁତି

**ଯାଜପୁର, ନ୍ୟୁଜ ବ୍ୟୁରୋ**

ଅଗ୍ନିକାଣ୍ଡର ମୁକାବିଲା ଏବଂ ଏଥିପାଇଁ ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଟାଟା ଷ୍ଟିଲ୍ କଳିଙ୍ଗନଗର ର କୋଲ୍ଡ ରୋଲିଂ ମିଲ୍‌ଠାରେ ଏକ ପ୍ଲାଣ୍ଟ ସ୍ତରୀୟ ‘ହାଇଡ୍ରୋଜେନ୍ ନିର୍ଗମନ ଏବଂ ହାଇଡ୍ରୋଜେନ୍ ବଫର୍ ଭେସେଲ୍‌ରେ ଅଗ୍ନିକାଣ୍ଡ’ ସଦୃଶ ସ୍ଥିତିକୁ ନେଇ ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର ନିର୍ଦ୍ଦେଶାଳୟ ଏବଂ ଯାଜପୁର ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଏହି ମକ୍ ଡ୍ରିଲ୍ ଆୟୋଜନ କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରୁଥିବା ଦଳ ଏବଂ ସହଯୋଗୀ ଶିଳ୍ପସଂସ୍ଥା ସମେତ ସମସ୍ତ ପ୍ରମୁଖ ଷ୍ଟେକହୋଲଡେର ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା । ଏହି ମକ୍ ଡ୍ରିଲ୍‌ରେ ଇଞ୍ଜିନିୟର ଉମେଶ ଚନ୍ଦ୍ର



ସୁତାର, କାରଖାନା ଓ ବଏଲର ନିର୍ଦ୍ଦେଶାଳୟର ଉପ-ନିର୍ଦ୍ଦେଶକ, ଯାଜପୁର ରୋଡ୍ ଡିଭିଜନ, ଇଞ୍ଜିନିୟର ଦେବାଶିଷ ନାୟକ, ସହକାରୀ ନିର୍ଦ୍ଦେଶକ, ଅଶୋକ ବେହେରା, ଯାଜପୁର ଜିଲ୍ଲା ଜରୁରୀକାଳୀନ ଅଧିକାରୀ ତାପସ କୁମାର ମନ୍ତ୍ରୀ, ଅଗ୍ନିଶମ ଅଧିକାରୀ ଯାଜପୁର ରୋଡ୍, ରମେଶ ବେହେରା, ସବ୍-ଇନ୍ସପେକ୍ଟର କଳିଙ୍ଗନଗର ଥାନା, ଶଙ୍କର ବିଶ୍ୱାସ, ମେକାନିକାଲ୍ ମେଣ୍ଟେନାନ୍ସ ଚିଫ୍ ପଙ୍କଜ ହରିଶ୍ଚନ୍ଦ୍ର ଭୁରେ, ଇଲେକ୍ଟ୍ରିକାଲ୍ ମେଣ୍ଟେନାନ୍ସ ଚିଫ୍, ଟାଟା ଷ୍ଟିଲ୍ କଳିଙ୍ଗନଗରର କମଳା କାନ୍ତ, ଇଲେକ୍ଟ୍ରିକାଲ୍ ମେଣ୍ଟେନାନ୍ସ (ଷ୍ଟିଲ୍ ଆଣ୍ଡ ମିଲ୍ସ), ମତ୍ସ୍ୟେନ୍ଦ୍ର ନାଥ ଶୁକ୍ଳା, ଚିଫ୍ ମେକାନିକାଲ୍ ମେଣ୍ଟେନାନ୍ସ (ଷ୍ଟିଲ୍ ଆଣ୍ଡ ମିଲ୍ସ) ଚିଫ୍ ରବି ମାରିକ, କର୍ପୋରେଟ୍ ସର୍ଭିସେସ୍ ଚିଫ୍ ପ୍ରବେଶ ନାରଙ୍ଗ, କୋଲ୍ଡ ରୋଲିଂ ମିଲ୍ ଚିଫ୍ ଏବଂ ବିଲାସ ଗାୟକୱାଡ, ଚିଫ୍ ସେଫ୍ଟି, ଓଡ଼ିଶା, ପ୍ରମୁଖ ଉପସ୍ଥିତ ଥିଲେ । ଏହା ସହିତ ଟାଟା ଷ୍ଟିଲ୍ କଳିଙ୍ଗନଗର, ଜିନ୍ଦଲ ଷ୍ଟେନଲେସ୍, ନୀଳାଚଳ ଇସ୍ପାତ ନିଗମ ଏବଂ ଭିସା ଷ୍ଟିଲ୍‌ର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ବୃହତ ମକ୍ ଡ୍ରିଲ୍‌ର ଲକ୍ଷ୍ୟ ଥିଲା କୋଲ୍ଡ ରୋଲିଂ ମିଲ୍‌ର ହାଇଡ୍ରୋଜେନ୍ ବଫର୍ ଭେସେଲ୍ ଅଞ୍ଚଳରେ ସମ୍ଭାବ୍ୟ ଅଗ୍ନିକାଣ୍ଡର ମୁକାବିଲା କରିବା ପାଇଁ ଦକ୍ଷତା ପରଖିବା । ପ୍ରକୃତରେ ସେଭଳି କୌଣସି ଦୁର୍ଘଟଣା ଘଟିନଥିଲେ ମଧ୍ୟ, ସୁରକ୍ଷା, ଅଗ୍ନିଶମ, ଚିକିତ୍ସା, ସୁରକ୍ଷା (ସିକ୍ୟୁରିଟି) ଏବଂ ଅପରେସନ୍ସ ଭଳି ବିଭିନ୍ନ ଦଳର ପ୍ରସ୍ତୁତି ଯାଞ୍ଚ କରିବା ପାଇଁ ଏକ କୃତ୍ରିମ ପରିବେଶ ସୃଷ୍ଟି କରାଯାଇଥିଲା। ମକ୍ ଡ୍ରିଲ୍ ସମୟରେ, ସମସ୍ତ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ଘଟଣାସ୍ଥଳରେ ପହଞ୍ଚି, ସମ୍ପୃକ୍ତ ଅଞ୍ଚଳରୁ କର୍ମଚାରୀମାନଙ୍କୁ ସୁରକ୍ଷିତ ଭାବେ ବାହାର କରିବା, ଆବଶ୍ୟକୀୟ ଚିକିତ୍ସା ସେବା ଯୋଗାଇବା ଏବଂ କୃତ୍ରିମ ସଙ୍କଟକୁ ଠିକ୍ ସମୟରେ ନିୟନ୍ତ୍ରଣ କରିବା ସହ ବାସ୍ତବ ସ୍ଥିତିରେ ସାମ୍ନା କରିବା ପାଇଁ ଅଭିଜ୍ଞତା ହାସଲ କରିଥିଲେ।

ଉତ୍କଳ ଦୀପିକା

ଭୁବନେଶ୍ୱର, ୦୧ ଜୁଲାଇ, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଅଣସର ଘରେ ବିଜେ ହେଲେ ଚତୁର୍ଦ୍ଧାମୂର୍ତ୍ତି : ନିସ୍ତବ୍ଧ ଶ୍ରୀମନ୍ଦିର



**ପୁରୀ,୩୦/୦୬ ନ୍ୟୁଜ ବ୍ୟୁରୋ**

ବିଳମ୍ବିତ ରାତିରେ ଅଣସର ଘରେ ବିଜେ ହୋଇଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ସ୍ନାନବେଦିରେ ୧୦୮ଗରା ଜଳ ସ୍ନାନ ପରେ ଠାକୁରଙ୍କୁ ଜ୍ୱର ହୋଇଛି । ଜ୍ୱରରେ ପୀଡ଼ିତଙ୍କୁ ଯେପରି ପଥ୍ୟ, ପାଚନ ଓ ଔଷଧର ଆବଶ୍ୟକତା ପଡ଼ିଥାଏ ଠିକ୍ ସେହିପରି ଶ୍ରୀବିଗ୍ରହଙ୍କ ସେବା ଆରମ୍ଭ ହୋଇଛି । ଦଇତାପତି ସେବକମାନେ ଠାକୁରଙ୍କ ଏହି ଗୁପ୍ତ ସେବା କରୁଛନ୍ତି । ୧୫ ଦିନ ପର୍ଯ୍ୟନ୍ତ ଜାରି ରହିବ ଠାକୁରଙ୍କ ଏହି ଗୁପ୍ତ ସେବା। ଏହି ସମୟରେ ଶ୍ରୀମନ୍ଦିରରେ ପୂଜା ପାଇବେ ପଟିଦିଅଁ। ଏଣୁ ବିଳମ୍ବିତ ରାତିରେ ଶ୍ରୀମନ୍ଦିରକୁ ପଟିଦିଅଁ ବିଜେ ହୋଇଛନ୍ତି। ମହାପ୍ରଭୁଙ୍କ ଚିତ୍ରକର ସେବକମାନେ ଅତ୍ୟନ୍ତ ଶୁଦ୍ଧପୂତଭାବେ ପଟିଦିଅଁଙ୍କୁ ନିର୍ମାଣ କରିଥିଲେ। ଠାକୁରଙ୍କ ପହଣ୍ଡି ପରେ ଶ୍ରୀମନ୍ଦିର ପକ୍ଷରୁ ପଟୁଆର ଯାଇ ପଟିଦିଅଁଙ୍କୁ ଆଣି ଶ୍ରୀମନ୍ଦିର ଜଗମୋହନରେ ବିଜେ କରାଇଥିଲେ। ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀ ନାରାୟଣ, ଦେବୀ ସୁଭଦ୍ରାଙ୍କ ସ୍ଥାନରେ ଦେବୀ ଭୁବନେଶ୍ୱରୀ ଓ ଶ୍ରୀବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବଙ୍କୁ ପଟିଦିଅଁ ରୂପେ ପୂଜା କରାଯାଉଛି। ଶ୍ରୀ ନାରାୟଣଙ୍କ ସମ୍ମୁଖରେ ମଦନମୋହନ ଓ କୃଷ୍ଣ ବିଗ୍ରହ, ମା'ଭୁବନେଶ୍ୱରୀଙ୍କ ସମ୍ମୁଖରେ ଭୂଦେବୀ ଓ ଶ୍ରୀଦେବୀ ଏବଂ ଶ୍ରୀ ଅନନ୍ତ ବାସୁଦେବଙ୍କ ସମ୍ମୁଖରେ ଦୋଳଗୋବିନ୍ଦ ଓ ନୃସିଂହଙ୍କ ପ୍ରତିମୂର୍ତ୍ତି ଅଧିଷ୍ଠିତ ହୋଇଛନ୍ତି। ଅଣସର ସମୟରେ ପଟିଦିଅଁଙ୍କୁ ଭକ୍ତମାନେ ଦର୍ଶନ କରି ପୂଜାର୍ଚ୍ଚନା କରୁଛନ୍ତି। ବଡ଼ବାଡ଼ ବିଶ୍ୱକର୍ମା ଓ କୋଠସୁଆଁସିଆ ସେବକ ମିଶି ଅଣସର ଘର ତିଆରି କରିଥିଲେ।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ପାଲଟିଲା ବ୍ରହ୍ମଗିରି : ଅଣସର ଦର୍ଶନ ଦେଲେ ଶ୍ରୀଅଲାରନାଥ

**ବ୍ରହ୍ମଗିରି ୩୦/୦୬ ନ୍ୟୁଜ ବ୍ୟୁରୋ**

ଶ୍ରୀଅଲାରନାଥଙ୍କ ପୀଠରେ ମଙ୍ଗଳବାର ଠାରୁ ଅଣସର ଦର୍ଶନ ଆରମ୍ଭ ହୋଇଛି। ବ୍ରହ୍ମଗିରି ପାଲଟିଛି ଦ୍ୱିତୀୟ ଶ୍ରୀକ୍ଷେତ୍ର । ୧୪ ଦିନ ଧରି ମହାପ୍ରଭୁ ଚତୁର୍ଭୁଜ ନାରାୟଣ ରୂପରେ ଦର୍ଶନ ଦେବେ । ଏଥିପାଇଁ ପ୍ରଶାସନ ତରଫରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ମନ୍ଦିର ପରିଚାଳନା କମିଟି ତରଫରୁ ମନ୍ଦିର, ବିଗ୍ରହ, ସିଂହଦ୍ୱାରରେ ଦୁଇ ସିଂହ, ଆନନ୍ଦ ବଜାରକୁ ରଙ୍ଗ ବେରଙ୍ଗରେ ସଜ୍ଜିତ କରାଯାଇଛି । ନବସ୍ଥାପିତ ଅରୁଣ ସ୍ତମ୍ଭ ପ୍ରତିଷ୍ଠା ସହିତ ମନ୍ଦିରରେ ଧ୍ୱଜାବନ୍ଧା କାର୍ଯ୍ୟ ସମାପ୍ତ ହୋଇଛି । ଶୃଙ୍ଖଳିତ ଦର୍ଶନ ନିମନ୍ତେ ପ୍ରଶାସନ ତରଫରୁ ବ୍ୟାରିକେଡର ବ୍ୟବସ୍ଥା କରାଯାଇଛି । ଯାନବାହାନକୁ ନିୟନ୍ତ୍ରଣ କରାଯିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । ଗୋପଛକ ମୁଖ୍ୟ ରାସ୍ତାରୁ ଭକ୍ତମାନେ ଚାଲି ଚାଲି ଯିବେ । ଭିଆଇପି, ଭିଭିଆଇପିଙ୍କ ଯାନବାହାନ ଯାତ୍ରୀ ନିବାସଠାରେ ରହିବା ପାଇଁ ସ୍ଥିର ହୋଇଛି । ସାଧାରଣ ଶ୍ରଦ୍ଧାଳୁଙ୍କ ୩ ଓ ୪ ଚକିଆ ଯାନ ପାଇଁ ଚନ୍ଦନ ପୋଖରୀ ନିକଟରେ ପାର୍କିଂ ବ୍ୟବସ୍ଥା କରାଯାଇଛି । ସେବାୟତଙ୍କ ଯାନବାହାନ ପାନ୍ଥ ନିବାସ ନିକଟରେ ରହିବା ପାଇଁ ପ୍ରଶାସନର ନିର୍ଦ୍ଦେଶ ରହିଛି । ଅଲାରପୁର ଗାଁ ଭିତର ଦେଇ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କଠାରେ ରାଜରାସ୍ତାକୁ ଯାନ ବାହାନ ବାହାରିବ । ଅପରପକ୍ଷରେ ଅଲାରପୁର ଭୋଇସାହି ରାସ୍ତାରେ ବ୍ରହ୍ମଗିରି ଦେଇ ଯାନବାହାନ



ରାଜରାସ୍ତାକୁ ବାହାରିବା ପାଇଁ ନିର୍ଦ୍ଧାରଣ କରାଯାଇଛି । ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ୫ ଜଣ ଇନ୍‌ସପେକ୍ଟରଙ୍କ ସମେତ ୧୭ ଅଫିସର, ୮ ପ୍ଲାଟୁନ୍ ଫୋର୍ସ, ୭୦ରୁ ଅଧିକ ହୋମଗାର୍ଡ, ୬ ଜଣ ଟ୍ରାଫିକ ପୁଲିସ୍, ୨ ପ୍ଲାଟୁନ୍ ସାଦା ପୋଷାକଧାରୀ ପୁଲିସ୍ ମୁତୟନ ରହିଥିବା ବ୍ରହ୍ମଗିରି ଥାନା ଆଇଆଇସି ବାମଦେବ ସ୍ୱାଇଁ ସୂଚନା ଦେଇଛନ୍ତି । ଚଳିତ ବର୍ଷ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶ କ୍ରମେ ଶୃଙ୍ଖଳିତ ଦର୍ଶନ ନିମନ୍ତେ ପ୍ରାୟ ୫୦ରୁ ଅଧିକ ସିସି କ୍ୟାମେରା ଲଗାଯାଇଛି । ମନ୍ଦିର ଭିତର, ବେଢ଼ା ଓ ମନ୍ଦିର ଚାରିପାଖ ସମେତ ପାର୍କିଂ ସ୍ଥାନରେ ମଧ୍ୟ ସିସି କ୍ୟାମେରା ନଜର ରଖିବ । ଅଣସର ଦର୍ଶନ ଶେଷ ପର୍ଯ୍ୟନ୍ତ ଭାରୀଯାନ ଯାତାୟାତ ଉପରେ କଟକଣା କରାଯାଇଛି । ପୁରୀ ମଙ୍ଗଳା ଘାଟରୁ ସାତପଡ଼ା, ଖଜୁରିଆଠାରୁ ବ୍ରହ୍ମଗିରି ପର୍ଯ୍ୟନ୍ତ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଯାତାୟାତରେ ରୋକ ଲଗାଯାଇଛି । ଗୋପଛକ, ଇଣ୍ଡିଆନ୍ ଓଭରସିଜ ବ୍ୟାଙ୍କ ଛକ, ମାଢୁଆଳି କୋଠା, ଚନ୍ଦନ ପୋଖରୀ ଛକ, ଅଲାରପୁର ଛକ ଇତ୍ୟାଦି ସ୍ଥାନରେ ଟ୍ରାଫିକ୍ ପୁଲିସ ମୁତୟନ ରହିବେ ।

# ରଥରେ ଲାଗିଲା ଧୂଳିଦଣ୍ଡା, ଚକା ବେଦି ପଛରେ ରହିବ ପ୍ରଭା



**ପୁରୀ,୩୦/୦୯ ନ୍ୟୁଜ ବ୍ୟୁରୋ**

ରଥରେ ଧୂଳିଦଣ୍ଡା ଲାଗିଛି । ନିର୍ମାଣକାରୀମାନେ ଚଉଦନାହାକାରେ ୨ଟି ଧୂଳିଦଣ୍ଡା ଲଗାଇଛନ୍ତି। ଧଉରା କାଠରେ ନିର୍ମିତ ଗୋଲାକାର ପ୍ରାୟ ୧୦ ଫୁଟ ଲମ୍ବର ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ଏହି ରଥାଂଶ ଲୁହା କଣ୍ଟାରେ ଲଗାଗଲା। ଏଥିରେ ଲାଗିବ ପ୍ରଭା। ଚକା ବେଦି ପଛରେ ରହିବ ପ୍ରଭା । ଚକା ସିଂହାସନରେ ଅବସ୍ଥାନ କରି ପ୍ରଭାକୁ ଆଉଜି ରହିବେ ଦାରୁବ୍ରହ୍ମ । ଅଭିଜ୍ଞ ବିଶ୍ୱକର୍ମାଙ୍କ ପରାମର୍ଶକ୍ରମେ ଭୋଇ ସେବକମାନେ ବିଶ୍ୱକର୍ମାଙ୍କୁ ସହଯୋଗ କରୁଛନ୍ତି। ଚାଳିରେ ରଥ ବ୍ରେକ୍ ନିର୍ମାଣ ଶେଷ ହୋଇଛି । ତିନି ରଥ ପାଇଁ ୩ଟି ନୂତନ ବ୍ରେକ ତିଆରିଛନ୍ତି ବିଶ୍ୱକର୍ମା। ରଥ ଚାରମାଳ ପାଇଁ ମାଲ (ତାଳ ଗଡ଼) କାଟିବା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାରମାନେ ପ୍ରଭାରେ ଖୋଦେଇ କାର୍ଯ୍ୟ ସାରି ପଲିସ କରୁଛନ୍ତି । ଚିତ୍ରକର ସେବକମାନେ ପାର୍ଶ୍ୱଦେବାଦେବୀଙ୍କ ସହ କନ୍ୟା ପଟା, ନାଟ ଗୋଡ଼ରେ ରଙ୍ଗ କାର୍ଯ୍ୟ କରିବା ସହ ରଥରେ ରଙ୍ଗ ଦେଉଛନ୍ତି। ସାରଥି ଓ ଘୋଡ଼ାରେ ରଙ୍ଗ ଦେବା ଜାରି ରହିଛି। କମାର ସେବକମାନେ ଅସ୍ଥାୟୀ କମାର ଶାଳରେ ତିନି ରଥର ଧ୍ୱଜବତା କଣ୍ଟା ଓ ବ୍ରେକର ବଳା ତିଆରୁଛନ୍ତି । ତାଳଧ୍ୱଜ ରଥ ମୁଖ୍ୟ ବିଶ୍ୱକର୍ମା ନରସିଂହ ମହାପାତ୍ର, ନନ୍ଦିଘୋଷର ମୁଖ୍ୟ ବିଶ୍ୱକର୍ମା ବିଜୟ କୁମାର ମହାପାତ୍ର ଓ ଦେବଦଳନର ମୁଖ୍ୟ ବିଶ୍ୱକର୍ମା ନାରାୟଣ ମହାରଣାଙ୍କ ତତ୍ତ୍ୱାବଧାନରେ ନିର୍ମାଣ କାର୍ଯ୍ୟ ଜାରି ରହିଛି।

## ରାମ ମନ୍ଦିର ଦାନ ଚୋରି ମାମଲାରେ ତତ୍କାଳ ଶୁଣାଣିକୁ ମନା କଲେ ସୁପ୍ରିମକୋର୍ଟ

# 'ଶୀଘ୍ର ଶୁଣାଣି ନ ହେଲେ ଆକାଶ ଖସି ପଡ଼ିବନି'

**ନୂଆଦିଲ୍ଲୀ, ୩୦/୦୬**

ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ଘଟଣାର ତୁରନ୍ତ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରି ଦେଇଛନ୍ତି । ଜଷ୍ଟିସ ଏମଏମ ସୁନ୍ଦ୍ରେଶ ଏବଂ ଶୀଲ ନାଗୁଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଏହି ମାମଲା ଉପରେ ଗ୍ରୀଷ୍ମ ଅବକାଶ ପରେ ଆଲୋଚନା କରାଯିବ। 'ଶୀଘ୍ର ଶୁଣାଣି ନ ହେଲେ ଆକାଶ ଖସି ପଡ଼ିବନି, ଏଥିରେ କ'ଣ ଏମିତି ଜରୁରୀ ସ୍ଥିତି ରହିଛି' ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି । ଆଇନଜୀବୀ ଅଜୟ କୁମାର ରାୟ ଏବଂ ଦିନେଶ କୁମାର ଯାଦବଙ୍କ ଦ୍ୱାରା ଏହି ଯାଚିକା ଆଗତ କରାଯାଇ ତୁରନ୍ତ ଶୁଣାଣି ପାଇଁ ଆବେଦନ କରାଯାଇଥିଲା । ଏହି ଆବେଦନରେ କୁହାଯାଇଛି, ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ପ୍ରଶାସନିକ କାର୍ଯ୍ୟକଳାପ, ଆର୍ଥିକ ଅନିୟମିତତା ଏବଂ ଅନ୍ୟାନ୍ୟ ବେଆଇନ କାର୍ଯ୍ୟକଳାପର ତଦନ୍ତ ସିବିଆଇ ନେତୃତ୍ୱରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଦ୍ୱାରା କରାଯିବା ଉଚିତ୍ । ଏଥି ସହିତ ଏହି ମାମଲାରେ ଏଫଆଇଆର ପଞ୍ଜୀକରଣ କରିବା ପାଇଁ ଦାବି କରାଯାଇଛି । ଯାଚିକାରେ କୁହାଯାଇଛି, 'ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ଦାନ ଚୋରି ତଥା ଅନ୍ୟାନ୍ୟ ଅଭିଯୋଗର ରିପୋର୍ଟ ଶେଷରେ ସତ୍ୟ ପ୍ରମାଣିତ ହେଉ କି ନ ହେଉ,ଏଭଳି ରିପୋର୍ଟ ଅଯୋଧ୍ୟା ଗୌରବର ପୁନରୁଦ୍ଧାର ପାଇଁ ସଂଗ୍ରାମ କରିଥିବା ପିଢ଼ି ମଧ୍ୟରେ ଗଭୀର ଚିନ୍ତା ସୃଷ୍ଟି କରିଛି।' କୌଣସି ଏଫଆଇଆର କିମ୍ବା ଅପରାଧିକ ମାମଲା ଦାଏର କରା ନ ଯାଇ ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ଏସଆଇଟି ଏହି ଘଟଣାର ଯାଞ୍ଚ କରୁଥିବା ଯାଚିକାରେ କୁହାଯାଇଛି।



ଏହି ଯାଚିକାରେ କୁହାଯାଇଛି, ସତ୍ୟତାର ଯାଞ୍ଚ ଏପରି ଏକ ପ୍ରଫେସନାଲ ଯାଞ୍ଚ ଏଜେନ୍ସି ଦ୍ୱାରା କରାଯିବା ଦରକାର ଯାହା ପାଖରେ ସମ୍ବେଦନଶୀଳ ଆର୍ଥିକ ଏବଂ ଅପରାଧିକ ମାମଲାର ତଦନ୍ତ କରିବା ପରି ଆବଶ୍ୟକୀୟ ଦକ୍ଷତା, ସମ୍ବଳ ଏବଂ ଆନୁଷ୍ଠାନିକ ବ୍ୟବସ୍ଥା ଥିବ । ରାମ ମନ୍ଦିରରେ ମିଳିଥିବା ଦାନ ଗାଏବ ଅଭିଯୋଗ ଆସିବା ପରେ ମନ୍ଦିର ଟ୍ରଷ୍ଟର ଅନୁରୋଧ କ୍ରମେ ଜୁନ୍ ୧୩ରେ ଉତ୍ତରପ୍ରଦେଶ ସରକାର ଏହି ଏସ୍‌ଆଇଟି ଗଠନ କରିଥିଲେ। ଏହି ଏସ୍‌ଆଇଟିରେ ଲକ୍ଷ୍ନୌ ବିଭାଗୀୟ କମିଶନର ବିଜୟ ବିଶ୍ୱାସ ପନ୍ତ, ଆଇଜିପି କିରଣ ଏସ୍ ଏବଂ ଅର୍ଥ ବିଭାଗର ବିଶେଷ ସଚିବ ନୀଲ ରତନ ସାମିଲ ଅଛନ୍ତି। ରାମ ମନ୍ଦିର ଦାନ ଚୋରି ମାମଲାର ଏକ ଲମ୍ବା ପ୍ରଶାସନିକ ପ୍ରକ୍ରିୟା ଏବଂ ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ରାମ ଜନ୍ମଭୂମି ପୋଲିସ ଷ୍ଟେସନରେ ଆଠ ଜଣଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରାଯାଇଥିଲା । ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ନବନିଯୁକ୍ତ ଟ୍ରଷ୍ଟି କୃଷ୍ଣ ମୋହନଙ୍କ ଲିଖିତ ଅଭିଯୋଗ ଆଧାରରେ ଏହି ହାଇ-ପ୍ରୋଫାଇଲ୍ ମାମଲା ଆନୁଷ୍ଠାନିକ ଭାବେ ରୁଜୁ କରାଯାଇଥିଲା। ଏହି ମାମଲାରେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଛନ୍ତି। ଟ୍ରଷ୍ଟର ସଦସ୍ୟ ଅନିଲ ମିଶ୍ର ମଧ୍ୟ ସମାନ ଧାରାରେ ଇସ୍ତଫା ଦେଇଛନ୍ତି । ରାମ ମନ୍ଦିର ଦାନ ଆତ୍ମସାତ ମାମଲା ସହିତ ଜଡ଼ିତ ଉଭୟ ଅଧିକାରୀ ଇସ୍ତଫା ଦେବା ପାଇଁ ଚାପଗ୍ରସ୍ତ ଥିଲେ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି।

# ଆୟ ଠୁ ଅଧିକ ଠୁଳ କରି ଭିଜିଲାନ୍ସ ଜାଲରେ ଭିମସାରର ୨ ଅଧିକାରୀ

**ଭୁବନେଶ୍ୱର, ୩୦/୦୬ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ବୁର୍ଲା ଭିମସାରର ୨ ଅଧିକାରୀ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଢଉ କରିଛି ଭିଜିଲାନ୍ସ। ବୁର୍ଲା ଭିମସାରର ସୁପରିଟେଣ୍ଡେଣ୍ଟ ଅଶ୍ୱିନୀ ମେହେର ଓ ଏଷ୍ଟାବ୍ଲିସମେଣ୍ଟ ଅଫିସର ଧନୁର୍ଦ୍ଧର ବିଶ୍ୱାଳଙ୍କ ଘରେ ରେଡ୍ ହୋଇଛି। ଅଶ୍ୱିନୀ ମେହେରଙ୍କ ୫ଟି ଓ ଧନୁର୍ଦ୍ଧର ବିଶ୍ୱାଳଙ୍କ ୪ଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ କରିଛି। ଧନୁର୍ଦ୍ଧର ବିଶ୍ୱାଳଙ୍କ ୪ ଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ ହୋଇଛି । ସମ୍ବଲପୁର ସ୍ଥିତ ଦୁଇ ମହଲା ଘର, ଗୁଡେସିଙ୍ଗା ସ୍ଥିତ ଘର, ଭିମସାର ସ୍ଥିତ ସରକାରୀ ବାସଭବନ ଓ ଅଫିସ୍ ଚାମ୍ବରରେ ରେଡ୍ ଚାଲିଛି। ସେହିପରି ଅଶ୍ୱିନୀ ମେହେରଙ୍କ ୫ଟି ସ୍ଥାନରେ ରେଡ୍ ହୋଇଛି। ଏହି ଚଢ଼ଉରେ ୫ ଜଣ ଡିଏସ୍‌ପି, ୫ ଜଣ ଇନ୍‌ସପେକ୍ଟର, ୩ ଏଏସ୍‌ଆଇ ସାମିଲ ଅଛନ୍ତି। ଭିମସାର ସ୍ଥିତ ସରକାରୀ ବାସଭବନ, ଅଫିସ୍ ଚାମ୍ବର, ବୁର୍ଲା ସ୍ଥିତ ୪ ମହଲା ଘର, ପଥରବନ୍ଧରେ ଥିବା ଘର, ବରଗଡ଼ ସ୍ଥିତ ଘରେ ରେଡ୍ ଚାଲିଛି।

# କଳାରାବାଙ୍କ କିମ୍ସ ଗ୍ରାମାଞ୍ଚଳ ହସ୍ପିଟାଲରେ ସଫଳ ସ୍ତନ କର୍କଟ ଅସ୍ତ୍ରୋପଚାର

**ଭୁବନେଶ୍ୱର, ୩୦।୬ ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଗ୍ରାମାଞ୍ଚଳରେ ଗରିବ ଲୋକଙ୍କ ନିକଟରେ ଉନ୍ନତ ଚିକିତ୍ସା ସେବା ଯୋଗାଇ ଦେବା ଲକ୍ଷ୍ୟରେ କିମ୍ସର ପ୍ରତିବଦ୍ଧତା ପ୍ରମାଣିତ ହୋଇଛି । କଟକ ଜିଲ୍ଲାର କଳାରାବାଙ୍କସ୍ଥିତ କିମ୍ସ ଗ୍ରାମାଞ୍ଚଳ ହସ୍‌ପିଟାଲର ଡାକ୍ତରମାନେ ଜଣେ ମହିଳାଙ୍କଠାରେ ସଫଳତାର ସହ ସ୍ତନ କର୍କଟ ଅସ୍ତ୍ରୋପଚାର କରିଛନ୍ତି । ୫୫ ବର୍ଷୀୟା ଏହି ରୋଗୀଙ୍କଠାରେ ସ୍ତନ କର୍କଟ ରୋଗ ଲକ୍ଷଣ ପ୍ରକାଶ ପାଇବାରୁ ତାଙ୍କୁ କଳରାବାଙ୍କ ରୁରାଲ୍ ହସ୍‌ପିଟାଲରେ ଡାକ୍ତରଙ୍କ ସହ ପରାମର୍ଶ କରାଯାଇ ସେଠାରେ ଭର୍ତ୍ତି କରାଯାଇଥିଲା। ଗତ ୨୫ ତାରିଖରେ ତାଙ୍କ ଅସ୍ତ୍ରୋପଚାର କରାଯାଇଥିଲା।



କିମ୍ସ ରୁରାଲ ହସ୍‌ପିଟାଲ୍ ଡାକ୍ତର ଭି. କେ. ସେନଗୁପ୍ତାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଉକ୍ତ ରୋଗୀଙ୍କ ଅସ୍ତ୍ରୋପଚାର କରିଥିଲେ। ଅସ୍ତ୍ରୋପଚାର ପରେ ଏବେ ରୋଗୀ ସୁସ୍ଥ ଅଛନ୍ତି ଓ ସାଧାରଣ ଜୀବନଯାପନ କରୁଛନ୍ତି । ଡା. ସେନଗୁପ୍ତ କହିଛନ୍ତି, ଏକ କିମ୍ସ ଗ୍ରାମାଞ୍ଚଳ ଡାକ୍ତରଖାନାରେ ଉନ୍ନତ ଶଲ୍ୟ ଚିକିତ୍ସା ଉପକରଣ ଏବଂ ଭିତ୍ତିଭୂମି ଉପଲବ୍ଧ ହେଉଥିବା ଯୋଗୁଁ ଏହି ଅସ୍ତ୍ରୋପଚାର ସମ୍ଭବ ହୋଇପାରିଛି। କଳରାବାଙ୍କଠାରେ ଏକ ଉନ୍ନତ ସ୍ୱାସ୍ଥ୍ୟସେବା କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ସେ କିଟ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ ଓ ଆଭିମୁଖ୍ୟକୁ ସେ ଶ୍ରେୟ ଦେଇଛନ୍ତି। କଳରାବାଙ୍କ ଭଳି ରୁରାଲ୍ ହସ୍‌ପିଟାଲରେ ବହୁ କମ୍ ମୂଲ୍ୟରେ ଏକ ଜଟିଳ କର୍କଟ ଅସ୍ତ୍ରୋପଚାର କରିବା ସହ ଗରିବ ଲୋକଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଦିଗରେ ଏହାର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଓ କିମ୍ସର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହା ସହ ଓଡ଼ିଶାର ଏକ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ସଫଳ କର୍କଟ ଅସ୍ତ୍ରୋପଚାର ପ୍ରଥମ ଥର ପାଇଁ କରାଯାଇଥିବା ଡା ସେନଗୁପ୍ତ କହିଛନ୍ତି। ଗତବର୍ଷ ମଧ୍ୟ କଳରାବାଙ୍କ ରୁରାଲ୍ ହସ୍‌ପିଟାଲରେ ଏକ ସ୍ତନ କର୍କଟ ଅସ୍ତ୍ରୋପଚାର ସଫଳତାର ସହ କରାଯାଇଥିଲା ଏବଂ ରୋଗୀ ମଧ୍ୟ ସୁସ୍ଥ ଅଛନ୍ତି। ଗତ ୨୫ ତାରିଖରେ ଅସ୍ତ୍ରୋପଚାର ହୋଇଥିବା ମହିଳାଙ୍କ ପରିବାର ଆବଶ୍ୟକ ଖର୍ଚ୍ଚ ତୁଲାଇବା ସମ୍ଭବ ନହେବାରୁ ସେ କଟକ କିମ୍ବା ଭୁବନେଶ୍ୱରର କୌଣସି ସରକାରୀ କିମ୍ବା ବେସରକାରୀ ହସ୍ପିଟାଲରେ ଚିକିତ୍ସା କରାଇପାରି ନଥିବା ଡା ସେନ୍‌ଗୁପ୍ତ ପ୍ରକାଶ କରିଛନ୍ତି। ଏହି ସଫଳତାରେ ସନ୍ତୋଷ ବ୍ୟକ୍ତ କରି ଡ. ସାମନ୍ତ କହିଛନ୍ତି ଯେଉଁ ଲକ୍ଷ୍ୟ ନେଇ କଳରାବାଙ୍କରେ କିମ୍ସ ରୁରାଲ୍ ହସ୍‌ପିଟାଲ୍ ନିର୍ମାଣ କରାଯାଇଥିଲା, ସେହି ଲକ୍ଷ୍ୟ ପୂରଣ ହେଉଛି। ଏହା ଦ୍ୱାରା କଳରାବାଙ୍କ ତଥା ଏହା ଆଖପାଖ ଗ୍ରାମର ଲୋକମାନଙ୍କୁ ଚିକିତ୍ସା ପାଇଁ ଆଉ ଦୂର ଦୂରାନ୍ତକୁ ଯିବାକୁ ପଡ଼ିବ ନାହିଁ।

# ପ୍ରମିଳା ମଲ୍ଲିକ ବିଧାନସଭା ପବ୍ଲିକ୍ ଆକାଉଣ୍ଟସ କମିଟି ଅଧକ୍ଷା ନିଯୁକ୍ତ



**ଭୁବନେଶ୍ୱର, ୩୦/୦୬ ନ୍ୟୁଜ ବ୍ୟୁରୋ**

ପବ୍ଲିକ୍ ଆକାଉଣ୍ଟ୍ସ କମିଟି ଚେୟାରରମ୍ୟାନ ହେବା ପରେ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ନବୀନ ନିବାସଠାରେ ବିରୋଧି ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ ବିଧାନସଭା ପବ୍ଲିକ୍ ଆକାଉଣ୍ଟସ କମିଟିର ଅଧକ୍ଷା ଭାବେ ନିଯୁକ୍ତ ହୋଇଛନ୍ତି। ମଙ୍ଗଳବାର ଦିନ ବିଧାନସଭା ପବ୍ଲିକ୍ ଆକାଉଣ୍ଟସ କମିଟିର ନବନିଯୁକ୍ତ ଅଧକ୍ଷା ତଥା ବିଜେଡି ଚିଫ୍ ହୁଇପ୍ ଶ୍ରୀମତୀ ପ୍ରମିଳା ମଲ୍ଲିକ ସଭାପତି ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସଠାରେ ଭେଟିଛନ୍ତି। ଲୋକଙ୍କର ବିଶେଷକରି ମା'ମାନଙ୍କ ସମସ୍ୟା ସରକାରଙ୍କ ନଜରକୁ ଆଣି ସମସ୍ତଙ୍କର ସ୍ୱର ସାଜିବାକୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୩୦/୦୬/୨୦୨୬
୨,୨୨,୨୬୭/- ଟଙ୍କା
ସୁନା:- ୦୦ଗ୍ରାମ୍ ୮୫୦ ମିଲିଗ୍ରାମ
ରୂପା:- ୦୦ଗ୍ରାମ୍ ୫୦୦ ମିଲିଗ୍ରାମ





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com


# ଖଣ୍ଡଗିରି ବିଭତ୍ସ ହତ୍ୟାକାଣ୍ଡ ପଛରେ ଦୁଇ ନାବାଳକ : ପୁଅ ପରେ ଆଖି ବୁଜିଲେ ବାପା

## ଏକତରଫା ପ୍ରେମ ଘଟଣାକୁ ନେଇ ଘଟିଛି ହତ୍ୟାକାଣ୍ଡ : ପୋଲିସ କମିଶନର

**ଭୁବନେଶ୍ୱର, ୩୦/୦୬ ନ୍ୟୁଜ ବ୍ୟୁରୋ**

ଖଣ୍ଡଗିରି ଥାନା ଅନ୍ତର୍ଗତ କୋଳଥିଆ ଛକ ନିକଟରେ ଗୋଟିଏ ପରିବାରକୁ ସଂଘବଦ୍ଧ ଆକ୍ରମଣ ଘଟଣାକୁ ନେଇ ଚାରିଆଡେ ଚର୍ଚ୍ଚା ଲାଗି ରହିଛି। ଆକ୍ରମଣରେ ପ୍ରଥମେ ପୁଅ କୃଷ୍ଣପ୍ରସାଦ ପାଢ଼ୀ ଓରଫ ବୁଦ୍ଧି (୨୦)ଙ୍କ ମୃତ୍ୟୁ ହୋଇଥିବା ବେଳେ ମଙ୍ଗଳବାର ବାପା ହିମାଂଶୁ ପାଢ଼ୀ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି। ହିମାଂଶୁଙ୍କ ଝିଅ ତାପସୀ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ତେବେ ଏହି ବିଭତ୍ସ ହତ୍ୟାକାଣ୍ଡକୁ ଦୁଇ ନାବାଳକ ଭିଆଇଥିଲେ ବୋଲି ସାମ୍ବାଦିକ ସମ୍ମିଳନୀରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି। ଖଣ୍ଡଗିରି ଥାନା ପୋଲିସ ଦୁଇ ନାବାଳକଙ୍କୁ ଗିରଫ କରିଛି। ଦୁଇ ଅଭିଯୁକ୍ତ ନାବାଳକଙ୍କ ମଧ୍ୟରୁ ଜଣେ ଯୁକ୍ତ-୨ ଛାତ୍ର ଏବଂ ଅନ୍ୟ ଜଣେ ଦଶମ ଶ୍ରେଣୀ ପରୀକ୍ଷା ଦେଇଛନ୍ତି। ସେମାନଙ୍କଠାରୁ ଦୁଇଟି ଲୁହାରଡ, ଲଙ୍କାଗୁଣ୍ଡ, ମୋବାଇଲ ଆଦି ଜବତ ହୋଇଛି। ନାବାଳକଦ୍ୱୟଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡଙ୍କ ନିକଟରେ




ହାଜର କରାଯିବ ବୋଲି ସିପି କହିଛନ୍ତି। ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଦେଇଥିବା ସୂଚନା ମୁତାବକ, ମୃତ କୃଷ୍ଣ ଯୁକ୍ତ-୩ (ବିଜ୍ଞାନ) ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ଖଣ୍ଡଗିରିରେ ସେ କୋଚିଂ କ୍ଲାସ୍ ଯାଉଥିବା ବେଳେ ସେଠାରେ ଜଣେ ଯୁବତୀଙ୍କ ସହ ପରିଚିତ ହୋଇଥିଲା। ଯୁବତୀଙ୍କୁ କୃଷ୍ଣ ପ୍ରେମ ନିବେଦନ କରିଥିଲେ। ହେଲେ ଯୁବତୀ ଜଣକ ତାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ଅଭିଯୁକ୍ତ ନାବାଳକ ଦ୍ୱୟ ମଧ୍ୟ ସେହି କୋଚିଂ ସେଣ୍ଟରର ଛାତ୍ର ହୋଇଥିବା ବେଳେ କୃଷ୍ଣଙ୍କ ଘର ନିକଟରେ ପରିବାର ସହ ରହୁଛନ୍ତି। ସେମାନେ କୃଷ୍ଣ ଓ ଉକ୍ତ ଯୁବତୀଙ୍କୁ ଭଲଭାବେ ଜାଣିଥିଲେ। ଗତ ଦୁଇରୁ ତିନି ମାସ ଧରି ଯୁବତୀଙ୍କୁ କୃଷ୍ଣ ବିଭିନ୍ନ ପ୍ରକାରର ହଇରାଣ କରୁଥିଲେ। ପ୍ରେମ ନିବେଦନ ଗ୍ରହଣ କରିବାକୁ ବାଧ୍ୟ କରୁଥିଲେ। ହେଲେ ଯୁବତୀ ଜଣକ କିଛି ଶୁଣୁ ନ ଥିଲେ। କୃଷ୍ଣଙ୍କଠାରୁ ମୁକ୍ତି ପାଇବାକୁ ନାବାଳକ ଦ୍ୱୟଙ୍କ ସାହାଯ୍ୟ ଲୋଡ଼ିଥିଲେ ଯୁବତୀ। କୃଷ୍ଣ ତାଙ୍କୁ ଯେପରି କିଛି ହଇରାଣ ନ କରିବ ସେଥିପାଇଁ କିଛି କରିବାକୁ ସେ ଅଭିଯୁକ୍ତ ନାବାଳକଦ୍ୱୟଙ୍କୁ କହିଥିଲେ। ୨୦ରୁ ୨୫ ଦିନ ତଳେ ଅଭିଯୁକ୍ତ ନାବାଳକଦ୍ୱୟ ଖଣ୍ଡଗିରି ଖାରବେଳ ପାର୍କରେ କୃଷ୍ଣଙ୍କୁ ଭେଟିଥିଲେ। ଉକ୍ତ ଯୁବତୀଙ୍କୁ ହଇରାଣ ନ କରିବାକୁ ଅନୁରୋଧ କରିଥିଲେ। ହେଲେ କୃଷ୍ଣ ଉଭୟଙ୍କୁ ଆକ୍ରମଣ କରିବା ସହ ହତ୍ୟା ଧମକ ଦେଇଥିଲେ। ସେହି ଦିନଠାରୁ କୃଷ୍ଣଙ୍କ ଉପରେ ରାଗ ଶୁଝାଇବାକୁ ନାବାଳକଦ୍ୱୟ ମନସ୍ଥ କରିଥିଲେ ବୋଲି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ପୋଲିସ କମିଶନର । ପୁଅକୁ ବଞ୍ଚାଇବାକୁ ଯାଇ ଆକ୍ରମଣର ଶିକାର ହୋଇଥିଲେ ବାପ-ଝିଅ । ପିସିଙ୍କ କହିବା ମୁତାବକ, ପୂର୍ବ ସୂଚନା ଅନୁଯାୟୀ, ଜୁନ ୨୮/୨୯ ବିଳମ୍ବିତ ରାତି ପ୍ରାୟ ଅଭିଯୁକ୍ତଦ୍ୱୟ କୋଳଥିଆ ଛକ ନିକଟ ହିମାଂଶୁ ପାଢ଼ୀଙ୍କ ଘର ନିକଟକୁ ଯାଇଥିଲେ। ସେମାନେ ଲୁହାରଡ ଓ ଲଙ୍କାଗୁଣ୍ଡ ଧରି ପାଚେରୀ ଡେଇଁ କ୍ୟାମ୍ପସ ଭିତରେ ପଶିବା ସହ ଘରର ମୁଖ୍ୟ ଦ୍ୱାର ଭାଙ୍ଗି ଦେଇଥିଲେ। ସେମାନେ କୃଷ୍ଣଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। ହେଲେ ବାପା ହିମାଂଶୁ ଓ ଭଉଣୀ ତାପସୀ କୃଷ୍ଣଙ୍କୁ ବଞ୍ଚାଇବାକୁ ଆସି ବିରୋଧ କରିବାରୁ ସେମାନେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏନେଇ ହିମାଂଶୁଙ୍କ ଜ୍ୱାଇଁ ପରମେଶ କୁମାର ପଣ୍ଡା ଖଣ୍ଡଗିରି ଥାନାରେ ଏତଲା ଦେଇଥିଲେ। ପୋଲିସ ହତ୍ୟା ମାମଲା (ନଂ.୬୪୪/୨୦୨୬) ରୁଜୁ କରି ତଦନ୍ତ ଜାରି ରଖିଛି।


## ଏବେ ବଜାରରେ ଉପଲବ୍ଧ...

### ମାସିକ ଗଳ୍ପ ପତ୍ରିକା "କଥାକଳିକା"ର ଜୁଲାଇ-୨୦୨୬ ସଂଖ୍ୟା




## ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ।
**ସମକାଳର କଥା :** ରମେଶ ପଟ୍ଟନାୟକ, ବିନୋଦ, ସୁଜାତା ମହାପାତ୍ର, ପ୍ରଣିତାରାଣୀ ବେହେରା, ସନ୍ତୋଷୀସ୍ୱାଇଁ, ରାଜଲକ୍ଷ୍ମୀ ତ୍ରିପାଠୀ, ସ୍ନିଗ୍ଧା ନାୟକ, ରାଧାଶ୍ୟାମ ରାଉଳ, ପୀତାମ୍ବର ମହାପାତ୍ର, ସୁଷମା ପରିଜା।
**ଅନ୍ୟ ଭାଷାର କଥା :** ଚିତ୍ତରଂଜନ ପଟ୍ଟନାୟକ।
**ଯୁବ ମାନସର କଥା :** ଲିପିକା ଦାସ ପଟ୍ଟନାୟକ, ଅନୁସୂୟା ପଣ୍ଡା, ଚିନ୍ମୟୀ ପଣ୍ଡା, ଇନ୍ଦୁମତୀ ପାତ୍ର, ରୁମୁଲୀ ନନ୍ଦ।
ଏବଂ ଶେଷରେ 'କଥା ସାଗର' : ମଳିନ ଚନ୍ଦ୍ର-ଅଶୋକ ବିଶ୍ୱାଳ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)